R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୫୨
ତିଥି: ପ୍ରତିପଦ
୨୭ ସେପ୍ଟେମ୍ବର ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 352
27 September 2026, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବନ୍ୟା ଘେରରେ ପାଞ୍ଚ ଜିଲ୍ଲା

ଭୁବନେଶ୍ୱର, ୨୬।୯ (ସବ୍ୟୁ) : ତିନୋଟି ବନ୍ୟାରେ ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଅଣ୍ଟା ଭାଙ୍ଗି ଦେଇଛି । ତେବେ ଟିକେ ଅଣ୍ଟା ସଳଖିଲା ବେଳକୁ ପୁଣି ଏକ ବନ୍ୟା

## ବିପଦ ସଙ୍କେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ, ବୁଢ଼ାବଳଙ୍ଗ, ଜଳକା

## ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ହେବ ପ୍ରଭାବିତ

ଆସି ଡରାଇଲାଣି । ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ ଓ ଜଳକା ନଦୀର ଜଳସ୍ତର ବିପଦ ସଙ୍କେତ



ଉପରେ ପ୍ରବାହିତ ହେଉଥିବାବେଳେ ତଳିଆ ଅଞ୍ଚଳରେ ପାଣି ପଶିଲାଣି ।

ଗଭୀର ଅବପାତ ଯୋଗୁ ଦକ୍ଷିଣରୁ ଉତ୍ତର ଓଡ଼ିଶା ସବୁଠି ପ୍ରବଳ ବର୍ଷା ହୋଇଛି । ଦୀର୍ଘ ତିନିଦିନ ଧରି ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର (୯ ପୃଷ୍ଠାରେ)

### ଆଜି ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲଗାଣ ବର୍ଷା ତଥା ବନ୍ୟା ପ୍ରଭାବିତ ଅଞ୍ଚଳ ଗଞ୍ଜାମ, କୋରାପୁଟ, ନବରଙ୍ଗପୁର ଜିଲ୍ଲାକୁ ଆକାଶମାର୍ଗରୁ ପରିଦର୍ଶନରେ ଯିବେ । ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍ଆର୍ସି ମଧ୍ୟ ସାମିଲ ହେବେ ।

## ଭଦ୍ରକ ଜଳବନ୍ଦୀ, ନାଳିଆରେ ୩୦ ଫୁଟ ଘାଇ

ଭଦ୍ରକ/ଅସୁରାଳି/ଦୋବଲ/ଭଣ୍ଡାରିପୋଖରୀ, ୨୬।୯ (ସବ୍ୟୁ) : ଲଘୁଚାପଜନିତ ଲଗାଣ ବର୍ଷା ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତିକୁ ଆହୁରି ଗମ୍ଭୀର କରିଦେଇଛି । ସହରରୁ ଗାଁସବୁଠି ଜଳବନ୍ଦୀ ସ୍ଥିତି । ତଳିଆ ଅଞ୍ଚଳରେ ଘରେ ଘରେ ପଶିଛି ବର୍ଷା ଓ ବନ୍ୟାଜଳ। ଅନେକ ରାସ୍ତା ବୁଡ଼ିଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଅନ୍ୟପଟେ ବୈତରଣୀ ଓ ସାଳନ୍ଦୀ ସମେତ ବିଭିନ୍ନ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହିଥିବା ବେଳେ ନଦୀବନ୍ଧ ଧସିବା ଓ ଘାଇ ସୃଷ୍ଟି ହେବା ଘଟଣା ଚିନ୍ତା ବଢ଼ାଇଛି ।

ଆଖୁଆପଦା ଗଜ୍‌ରେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ବୈତରଣୀ ନଦୀର ଜଳସ୍ତର ୧୯.୫୦ ମିଟରରେ ପହଞ୍ଚିଛି । ଏଠାରେ ବିପଦସଙ୍କେତ ୧୮.୩୩ ମିଟର ଥିବାରୁ ଜଳସ୍ତର ପ୍ରାୟ ୧.୦୨ ମିଟର ଉପରେ ପ୍ରବାହିତ ହେଉଛି । ଅନ୍ୟପଟେ ରାଜଘାଟ ଗଜ୍‌ରେ ସାଳନ୍ଦୀ

### ଧସିଲା ଗୋଟିଏ ବନ୍ଧ

ନଦୀର ଜଳସ୍ତର ୧୯.୫୦ ଫୁଟ୍ ରହିଥିବାବେଳେ ବିପଦସଙ୍କେତ ୧୭ ଫୁଟ୍ ଥିବାରୁ ଏହା ମଧ୍ୟ ବିପଦସୀମାର ଉପରେ ରହିଛି। ଲଗାଣ ବର୍ଷାରେ ଭଦ୍ରକ ସହରର ବିଭିନ୍ନ ତଳିଆ ଅଂଚଳର ସ୍ଥିତି ଦୟନୀୟ ହୋଇପଡ଼ିଛି । ମହତାବ (୯ ପୃଷ୍ଠାରେ)

## କବାଡ଼ିରେ ଦୁଇ ସ୍ୱର୍ଣ୍ଣ

### ଟପ୍-୧୦କୁ ଫେରିଲା ଭାରତ



ଆଇଚି-ନାଗୋୟା, ୨୬।୯ : ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଶନିବାର ଭାରତ ପାଇଁ ରହିଥିଲା ପଦକମୟ ଦିନ । ବିଶେଷକରି କବାଡ଼ିରେ ମହିଳା ଓ ପୁରୁଷ ଦଳ ସ୍ୱର୍ଣ୍ଣ ଜିତିବାରୁ ଭାରତର ପଦକ ସଂଖ୍ୟା ଦ୍ରୁତଗତିରେ ବଢ଼ିଛି । ଏହି ଦିନ ଭାରତ ମୋଟ ୭ଟି ପଦକ ହାସଲ କରି ମେଡାଲ୍ ଟେବୁଲ୍ର ଟପ୍-୧୦କୁ ଫେରିଛି । ଦିନ ଶେଷରେ ଭାରତର ପଦକ ସଂଖ୍ୟା ୪ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୪ କାଂସ୍ୟ ସହ ମୋଟ ୩୦ରେ ପହଞ୍ଚିଛି । (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବେଦାନ୍ତ ମୁଖ୍ୟ ଅନିଲ ଅଗ୍ରୱାଲ

## ୧ ଲକ୍ଷ କୋଟି ପ୍ରକଳ୍ପରେ ୨ ଲକ୍ଷରୁ ଅଧିକ ନିଯୁକ୍ତି



ଭୁବନେଶ୍ୱର, ୨୬।୯ (ସବ୍ୟୁ) : ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶାରେ ପ୍ରସ୍ତାବିତ ୧ ଲକ୍ଷ କୋଟି ଟଙ୍କାର ଆଲୁମିନିୟମ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ ।

ଓଡ଼ିଶାରେ ବେଦାନ୍ତର ବିଭିନ୍ନ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା, ସ୍ଥାନୀୟ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ଓ ଶିଳ୍ପ ସଂସ୍ଥା ମଧ୍ୟରେ ସହଯୋଗକୁ ସୁଦୃଢ଼ (୯ ପୃଷ୍ଠାରେ)

- ଆଲୁମିନିୟମ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା
- ପଶ୍ଚିମ ଓଡ଼ିଶାରେ ୧୦୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା

## ୪ ବିଭାଗରେ ୧୧୦୧ଙ୍କୁ ମିଳିଲା ନିଯୁକ୍ତି

ଭୁବନେଶ୍ୱର, ୨୬।୯ (ସବ୍ୟୁ) : ସରକାରୀ ଚାକିରି କେବଳ ଏକ କର୍ମସଂସ୍ଥାନ ବା ଆର୍ଥିକ ସୁରକ୍ଷାର ମାଧ୍ୟମ ନୁହେଁ, ବରଂ ଏହା ରାଜ୍ୟ ଓ ସମାଜ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରିବାର ଏକ ପବିତ୍ର ଅବସର । ଆଜି ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୪ଟି ବିଭାଗର ସମୁଦାୟ ୧,୧୦୧ ଜଣ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବା ଅବସରରେ କହିଛନ୍ତି ।

## ନିଜକୁ ଜନସେବକ ଭାବି କାର୍ଯ୍ୟ କର: ମୁଖ୍ୟମନ୍ତ୍ରୀ

### ୨.୩ ବର୍ଷରେ ୪୬,୫୭୫ଙ୍କୁ ସରକାରୀ ଚାକିରି




ଏହି ଅବସରରେ ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ସ୍ୱଚ୍ଛ ପ୍ରଶାସନ ମାଧ୍ୟମରେ ସେମାନଙ୍କ ଆକାଂକ୍ଷାକୁ ସାକାର କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଦର୍ଶାଇ, 'ସମୃଦ୍ଧ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନକୁ ସାକାର କରିବାରେ ନବନିଯୁକ୍ତ ଅଧିକାରୀମାନଙ୍କ ଦକ୍ଷତା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ପ୍ରମୁଖ ମୂଳଦୁଆ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ସରକାର ଗଠନର ମାତ୍ର ୨ ବର୍ଷ ୩ ମାସ ମଧ୍ୟରେ ୧୭ଟି ନିଯୁକ୍ତି ମେଳା ମାଧ୍ୟମରେ ରେକର୍ଡ ୪୬,୫୭୫ ଜଣ ଯୁବକଯୁବତୀଙ୍କୁ ସରକାରୀ ସେବାରେ ନିୟୋଜିତ କରାଯାଇସାରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

ସୂଚନା ଯୋଗ୍ୟଯେ ଆଜିର ଏହି ନିଯୁକ୍ତି ମେଳାରେ ସ୍ୱାସ୍ଥ୍ୟ (୯ ପୃଷ୍ଠାରେ)

## ହୀରାକୁଦର ୨୦ ଗେଟ୍ ଖୋଲା

ସମ୍ବଲପୁର, ୨୬।୯ (ସବ୍ୟୁ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦର ଜଳସ୍ତର ବଢିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ ୨୦ଟି ଗେଟ୍ ଖୋଲା ଯାଇଛି । ବାମପଟୁ ୧୩ଟି ଓ ଡାହାଣ ପଟୁ ୭ଟି ଗେଟ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୮.୮୯ ଫୁଟ୍ ରହିଛି ।ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ୫୬ହଜାର୧୬୮ ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୩ଲକ୍ଷ୫୯ହଜାର୪୬୪ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥି ମଧ୍ୟରୁ ୩ଲକ୍ଷ୨୨ହଜାର ୩୭୧ ଘନଫୁଟ ସ୍ପିଲ୍‌ୱେ, ୩୩ ହଜାର ୨୦୯ ଘନଫୁଟ ପାୱାର ଚେନାଲ, ୨୨୧ ଘନଫୁଟ କଳକାରଖାନା ଓ ୩ହଜାର୬୬୩ ଘନଫୁଟ କେନାଲକୁ ଛଡାଯାଉଛି ।

ଛତିଶଗଡ ଓ ମହାନଦୀର ଉପର ଅବବାହିକାରେ ଲଗାତାର ବର୍ଷା ଲାଗି ରହିଛି । ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୭୧.୬୬ମିମି ଓ ତଳମୁଣ୍ଡରେ ୧୫.୭୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଡ୍ୟାମରୁ ବନ୍ୟା ଜଳ ନିଷ୍କାସନ ହେଉଥିବାରୁ ମହାନଦୀର ତଳମୁଣ୍ଡରେ କର୍ତ୍ତୃପକ୍ଷ କଡା ନଜର (୯ ପୃଷ୍ଠାରେ)

### ନଭେମ୍ବରରେ ପୁଣି ଆମେରିକା-ଇରାନ ଯୁଦ୍ଧ

## ୭ ଦିନିଆ ଶାନ୍ତି ପ୍ରସ୍ତାବକୁ ଟ୍ରମ୍ପଙ୍କ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୨୬।୯ : ଇରାନ ପକ୍ଷରୁ ଦିଆଯାଇଥିବା ୭ ଦିନିଆ ଯୁଦ୍ଧବିରତି ପ୍ରସ୍ତାବକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଥିବା ଖବର ଆସିଛି । ନଭେମ୍ବରରେ ଆମେରିକାର ମଧ୍ୟାବଧି ନିର୍ବାଚନ ପରେ ଇରାନ ବିରୋଧରେ ପୁଣି ସାମରିକ ଅଭିଯାନ ଆରମ୍ଭ ହୋଇପାରେ ବୋଲି ଏକ ରିପୋର୍ଟରେ ଦାବି କରାଯାଇଛି ।

ଇରାନ ରଣନୈତିକ ଗୁରୁତ୍ୱ ବହନ କରୁଥିବା ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ଏବଂ ଅଞ୍ଚଳରେ ଚାଲିଥିବା ଯୁଦ୍ଧକୁ ୭ ଦିନ ମଧ୍ୟରେ ଶେଷ କରିବା ପାଇଁ ପ୍ରସ୍ତାବ ଦେଇଥିଲା । ଏଥିପାଇଁ ଆମେରିକା ନୌସେନା ଅବରୋଧ ହଟାଇବା, ତୈଳ କଟକଣାରେ ରିହାତି ଦେବା ଏବଂ ଲେବାନନ୍‌କୁ ସାମିଲ କରି ଯୁଦ୍ଧବିରତି ପାଳନ କରିବା ଭଳି ସର୍ତ୍ତ ଇରାନ ରଖିଥିଲା ।

ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚି ଜାତିସଂଘରେ କହିଥିଲେ ଯେ, କତାର ମାଧ୍ୟମରେ ଆମେରିକାକୁ ୭ ଦିନିଆ ଯୋଜନା ପଠାଯାଇଛି । ଆବଶ୍ୟକ ସର୍ତ୍ତ ପୂରଣ ହେଲେ ୭ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଖୋଲି ନିୟମିତ ସାମୁଦ୍ରିକ ଯାତାୟାତ ପୁନଃସ୍ଥାପନ କରାଯାଇପାରିବ ବୋଲି ସେ କହିଥିଲେ ।

ରିପୋର୍ଟ ଅନୁଯାୟୀ ଟ୍ରମ୍ପ ଇରାନର ଏହି ପ୍ରସ୍ତାବକୁ ଖାରଜ (୯ ପୃଷ୍ଠାରେ)

### ୟୁପିଆଇରେ ଏମ୍‌ଡିଆର୍ ଲାଗୁ

## ୨ରେ ବ୍ୟବସାୟୀଙ୍କ 'ନୋ କ୍ୟୁଆର୍ ଡେ'

ଭୁବନେଶ୍ୱର, ୨୬।୯ (ସବ୍ୟୁ) : ୟୁପିଆଇ ନେଣଦେଣ ଉପରେ ଏମ୍‌ଡିଆର୍ ଲାଗୁ କରିବା ପ୍ରତିବାଦରେ ବ୍ୟବସାୟୀ ମହାସଂଘ ଅସନ୍ତୋଷ ପ୍ରକାଶ କରିଛି । ଅକ୍ଟୋବର ୧୫ରୁ ଏହା ଲାଗୁ ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଏହାର ପ୍ରତିବାଦରେ ଗାନ୍ଧି ଜୟନ୍ତୀ ଅର୍ଥାତ୍ ଅକ୍ଟୋବର ୨ରେ ନୋ କ୍ୟୁଆର୍ ଡେ ପାଳନ କରିବା ପାଇଁ ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଛି ।

ଓଡ଼ିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡାଙ୍କ ସୂଚନା ଅନୁଯାୟୀ ୟୁପିଆଇରେ ଏମ୍‌ଡିଆର ଲାଗୁ ହେଲେ ବ୍ୟବସାୟୀଙ୍କ ଉପରେ ଅତିରିକ୍ତ ବୋଝ ପଡ଼ିବ । ୩୦୦୦ ଟଙ୍କା ସାମଗ୍ରୀ ବିକ୍ରିରେ ଏମ୍‌ଡିଆର ଓ ଜିଏସ୍‌ଟିକୁ ମିଶାଇ ବ୍ୟବସାୟୀଙ୍କ ମୁଣ୍ଡରେ ୧୪.୬ ଟଙ୍କା ଅତିରିକ୍ତ ବୋଝ ପଡ଼ିବ । ଦେଶର ୯ କୋଟି ବ୍ୟବସାୟୀଙ୍କ ମଧ୍ୟରୁ ୫ କୋଟି ଏଥିରେ ସାମିଲ ହେବେ । ଓଡ଼ିଶାର ୧୮ ଲକ୍ଷରୁ ୧୩ ଲକ୍ଷ (୯ ପୃଷ୍ଠାରେ)

### ସ୍ପଷ୍ଟିକରଣ ରଖିଲେ ନିର୍ବାଚନ କମିଶନର

## ଏସ୍ଆଇଆର୍ ନିଷ୍ପତ୍ତି ଥିଲା ସର୍ବସମ୍ମତ

ନୂଆଦିଲ୍ଲୀ, ୨୬।୯ (ସବ୍ୟୁ) : ନିର୍ବାଚନ କମିଶନରେ ମତଭେଦକୁ ନେଇ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମଧ୍ୟରେ ଶନିବାର ସମ୍ପୂର୍ଣ୍ଣ କମିଶନ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ନୂଆଦିଲ୍ଲୀସ୍ଥିତ ନିର୍ବାଚନ ସଦନରେ ବୈଠକ କରିଥିଲେ । ଅପରାହ୍ନ ୩ଟାରେ ହୋଇଥିବା ଏହି ବୈଠକ ପରେ କମିଶନ ପକ୍ଷରୁ ବିଭିନ୍ନ ଅଭିଯୋଗ ଉପରେ ପଏଣ୍ଟଭିତ୍ତିକ ସ୍ପଷ୍ଟୀକରଣ ଦିଆଯାଇଛି ।

ବିଶେଷ ଭାବେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍) ସମ୍ପର୍କିତ ନିଷ୍ପତ୍ତିଗୁଡ଼ିକ




ସମ୍ପୂର୍ଣ୍ଣ କମିଶନଙ୍କ ସର୍ବସମ୍ମତିରେ ନିଆଯାଇଥିବା ନିର୍ବାଚନ କମିଶନ ସ୍ପଷ୍ଟ କରିଛି । ୨୦୨୫ ଜୁନ୍ ୨୪ରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ଆରମ୍ଭ ପାଇଁ ଜାରି ହୋଇଥିବା ଆଦେଶ ମଧ୍ୟ ସମସ୍ତ କମିଶନରଙ୍କ ସର୍ବସମ୍ମତିରେ ହୋଇଥିଲା ବୋଲି କୁହାଯାଇଛି । ପରବର୍ତ୍ତୀ କାର୍ଯ୍ୟସୂଚୀ ମଧ୍ୟ ସର୍ବସମ୍ମତିରେ ଜାରି ହୋଇଥିବା କମିଶନ କହିଛି । ଏହି ମୂଳ ଏସ୍ଆଇଆର୍ ଆଦେଶକୁ ସୁପ୍ରିମକୋର୍ଟ ମଧ୍ୟ ବଜାୟ ରଖିଥିବା ଦର୍ଶାଯାଇଛି । ଫର୍ମ-୬ ସମ୍ପର୍କରେ ଉଠିଥିବା ପ୍ରଶ୍ନ ଉପରେ କମିଶନ କହିଛି, ଏସ୍ଆଇଆର୍ ସମୟରେ ନୂଆ ଭୋଟରଙ୍କ ପାଇଁ ଦିଆଯାଉଥିବା ଘୋଷଣାପତ୍ରରେ ପୂର୍ବତନ ଏସ୍ଆଇଆର୍ ସହ ମାତାପିତାଙ୍କ ନାମ ମାଧ୍ୟମରେ ଯୋଡ଼ିବା ସମ୍ପର୍କିତ ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ବଜାୟ ରଖିଛନ୍ତି । ଏସ୍ଆଇଆର୍ ବାହାର ସମୟରେ ନିର୍ବାଚକ ପଞ୍ଜୀକରଣ ନିୟମ, ୧୯୬୦ ଅନୁଯାୟୀ ନିର୍ଦ୍ଧାରିତ ଫର୍ମ ବ୍ୟବହାର କରାଯିବ ବୋଲି କମିଶନ କହିଛି ।

ଇସିନେଟ୍ ପୋର୍ଟାଲକୁ ନେଇ ଉଠିଥିବା ପ୍ରଶ୍ନରେ କମିଶନ କହିଛି ଯେ ଅଧିକାରୀମାନଙ୍କୁ ସେମାନଙ୍କ ଆଇନଗତ କ୍ଷମତା ଅନୁଯାୟୀ ଭୋଟର ତାଲିକା ତଥ୍ୟରେ ଭୂମିକାଭିତ୍ତିକ ପ୍ରବେଶାଧିକାର ଦିଆଯାଇଛି । ଏସ୍ଆଇଆର୍ ଓ ଇସିନେଟ୍ ସମ୍ପର୍କିତ ବ୍ୟବସ୍ଥାର ସମୀକ୍ଷା ପାଇଁ ଜଣେ ବରିଷ୍ଠ ଉପ-ନିର୍ବାଚନ (୯ ପୃଷ୍ଠାରେ)

## ଆଗୁଆ ବନ୍ଦ ହେବ ବିଧାନସଭା!

ଭୁବନେଶ୍ୱର, ୨୬।୯ (ସବ୍ୟୁ) : ବିଧାନସଭାର ମୌସୁମୀ ଅଧିବେଶନ ଆଗୁଆ ବନ୍ଦ ହେବାର ସମ୍ଭାବନା ରହିଛି । ଗତ ୨୨ ତାରିଖରୁ ବିଧାନସଭାର ଅଧିବେଶନ ଆରମ୍ଭ ହୋଇ ଅକ୍ଟୋବର ୩ ଯାଏ ଚାଲିବାର ଥିଲା । ମାତ୍ର ୪ ଦିନ ଅଧିବେଶନ ବସିଛି । ୪ ଦିନରେ ବି ଗୋଟିଏ ଘଣ୍ଟା ବିଧାନସଭା ଅଧିବେଶନ ଚାଲିପାରିନାହିଁ । ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ୍ ପ୍ରସଙ୍ଗ ଓ ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ବିରୋଧୀ କଂଗ୍ରେସ ଓ ବିଜେଡି ବିଧାନସଭାକୁ ଅଚଳ କରିଛନ୍ତି । ଫଳରେ କୌଣସି ସରକାରୀ କାର୍ଯ୍ୟ ହୋଇପାରୁନାହିଁ । ଆସନ୍ତା ୩୦ ତାରିଖରେ ବିଧାନସଭା ଅଧିବେଶନକୁ ଅନିର୍ଦ୍ଦିଷ୍ଟକାଳ ଲାଗି ମୂଲତବୀ ରଖାଯିବ ବୋଲି ସୂଚନା ମିଳୁଛି ।

୯ଟି କାର୍ଯ୍ୟ ଦିବସ ଥିବା ମୌସୁମୀ ଅଧିବେଶନରେ ସରକାରଙ୍କ ପକ୍ଷରୁ ୬ ବିଲ୍ ଅଣାଯିବାର ଥିଲା । ହେଲେ ବିଧାନସଭାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଯୋଗୁ ଏହା ଆସିନପାରେ ବୋଲି ଆଲୋଚନା ହେଉଛି । ଗୃହ ଆରମ୍ଭରୁ ବିରୋଧୀ ସଦସ୍ୟମାନେ ନାରାବାଜି କରିବା ସହ ହଟ୍ଟଗୋଳ କରୁଛନ୍ତି । ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖରେ ହଟ୍ଟଗୋଳ କରିବା ସହ ବ୍ୟାନର ପ୍ରଦର୍ଶନ କରୁଛନ୍ତି । ବିରୋଧୀ କଂଗ୍ରେସ ବିଧାୟକମାନେ ମଧ୍ୟ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ୍ ପ୍ରସଙ୍ଗରେ ଆପ୍ରନ୍ ପିନ୍ଧି ଗୃହକୁ ଆସୁଛନ୍ତି । ଏହି ଆଇନ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ବିଜେଡି ଓ କଂଗ୍ରେସ ଦାବି କରିଆସୁଛନ୍ତି । ପ୍ରଥମ ଦିନ ଦିବଂଗତ ଗୃହର ପୂର୍ବତନ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଶୋକ ପ୍ରସ୍ତାବ ଆସିବା ପରଠାରୁ ଏହି ହଟ୍ଟଗୋଳ ଜାରି ରହିଛି । ପ୍ରଶ୍ନୋତ୍ତର କାଳ ଚାଲିପାରୁନାହିଁ । ପ୍ରଶ୍ନୋତ୍ତର କାଳରୁ ବିରୋଧ ଆରମ୍ଭ ହୋଇ ଅପରାହ୍ଣ ଅଧିବେଶନ ଯାଏ ଯାଉଛି । ଶୂନ୍ୟକାଳ, ମୂଲତବୀ ପ୍ରସ୍ତାବ ଆଲୋଚନା ହେଉନାହିଁ । ପ୍ରଥମାର୍ଦ୍ଧ ଅଧିବେଶନରେ ଦେଖାଯାଉଥିବା ସ୍ଥିତି ଅପରାହ୍ଣ ଅଧିବେଶନ ଯାଏ ଜାରି ରହୁଛି । ଫଳରେ ଗୃହକୁ ବାରମ୍ବାର ମୂଲତବୀ କରାଯାଉଛି ।

୨୫ ତାରିଖରେ ଗୃହକୁ ସ୍ୱାଭାବିକ କରିବା ଲାଗି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ହେଲେ ଏଥିରେ କୌଣସି ନିଷ୍କର୍ଷ ବାହାରି ନଥିଲା । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏମ୍‌ଏମ୍‌ଡିଆର ପ୍ରସଙ୍ଗକୁ ମୁଖ୍ୟ ଆୟୁଧ କରିଛନ୍ତି । ବିଜେଡି ଏହି ପ୍ରସଙ୍ଗରେ ରାଜରାସ୍ତାକୁ ମଧ୍ୟ ଓହ୍ଲାଇଛି । ବିଧାନସଭାର ପ୍ରତିବାଦ ସରକାରଙ୍କ ଭାବମୂର୍ତ୍ତି ପ୍ରତି ପ୍ରଶ୍ନ ଉଠାଉଥିବାରୁ ଧାର୍ଯ୍ୟ ଅବଧି ପୂର୍ବରୁ ବିଧାନସଭା ବନ୍ଦ କରିବାକୁ ଆଲୋଚନା ଆରମ୍ଭ ହୋଇଛି ।

## ସୋସିଆଲ କୋଟ୍ସ



ପୂଜାର ଜନ୍ମ ସମୟରେ ମୁଁ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲି । ବହୁତ କଷ୍ଟରେ ୧୫୦୦ ଟଙ୍କା ଯୋଗାଡ କରିଥିଲି । ପୂଜା ମୋ ପାଇଁ ବହୁତ ଲକି । ସେ ଆମ ଭାଗ୍ୟ ବଦଳାଇବାକୁ ଜନ୍ମ ହୋଇଥିଲା ।

**ମହେଶ ଭଟ୍ଟ, ଫିଲ୍ମ ମେକର**



ଆମ ବିବାହ ବିଚ୍ଛେଦ ସମ୍ପୂର୍ଣ୍ଣଭାବେ ମୋ ସ୍ୱାମୀଙ୍କର ନିଷ୍ପତ୍ତି ଥିଲା । ସେ ଏହି ବିବାହକୁ ଆଗକୁ ନେବାକୁ ଚାହୁଁ ନଥିଲେ, ତେଣୁ ଡିଭର୍ସ ଫାଇଲ କରିଥିଲେ । ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଥିଲା ।

**ପୂଜା ଭଟ୍ଟ, ଅଭିନେତ୍ରୀ**



ଡ୍ରିମ ଗର୍ଲ -୨ ପାଇଁ ଗୋବିନ୍ଦା ଓ କମଲ ହସନଙ୍କ ଠାରୁ ପ୍ରେରଣା ନେଇଥିଲି । ଏହି ଫିଲ୍ମ ପାଇଁ ମୁଁ ବହୁତ ପରିଶ୍ରମ କରିଥିଲି । ଦର୍ଶକଙ୍କୁ ପସନ୍ଦ ଆସିବାପରେ ମୁଁ ମୋ ପରିଶ୍ରମର ଫଳ ପାଇଥିଲି ।

**ଆୟୁଷ୍ମାନ ଖୁରାନା, ଅଭିନେତା**

# ବିଶ୍ୱ ପର୍ଯ୍ୟଟନ ଦିବସ

ସମଗ୍ର ବିଶ୍ୱରେ ପ୍ରତିବର୍ଷ ସେପ୍ଟେମ୍ବର ୨୭ ତାରିଖରେ 'ବିଶ୍ୱ ପର୍ଯ୍ୟଟନ ଦିବସ' ପାଳନ କରାଯାଇଥାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ସମୁଦାୟ ମଧ୍ୟରେ ପର୍ଯ୍ୟଟନର ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ନୈତିକ ମୂଲ୍ୟବୋଧ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା । ୧୯୮୦ ମସିହାରୁ ମିଳିତ ଜାତିସଂଘର 'ବିଶ୍ୱ ପର୍ଯ୍ୟଟନ ସଂସ୍ଥା' ଦ୍ୱାରା ନିରବଚ୍ଛିନ୍ନ ଭାବେ ଆୟୋଜିତ ହୋଇଆସୁଥିବା ଏହି ବିଶେଷ ଦିବସଟି ସାଂସ୍କୃତିକ ଆଦାନ ପ୍ରଦାନ, କର୍ମସଂସ୍ଥାନ ସୃଷ୍ଟି ଏବଂ ସ୍ଥାନୀୟ ଅର୍ଥନୀତିର ବିକାଶରେ ପର୍ଯ୍ୟଟନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ରେଖାଙ୍କିତ କରିଥାଏ । ଆଜିର ପରିବର୍ତ୍ତିତ ପରିବେଶରେ ସ୍ଥାୟୀ ଓ ଦାୟିତ୍ୱବାନ୍ ପର୍ଯ୍ୟଟନ, ପ୍ରକୃତିର ସୁରକ୍ଷା ଏବଂ ସ୍ଥାନୀୟ କଳା, ଐତିହ୍ୟ ଓ ସଂସ୍କୃତିର ସଂରକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଭାରତ ତଥା ଓଡ଼ିଶା ଭଳି ସମୃଦ୍ଧ ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ପ୍ରଦେଶ ପାଇଁ ଏହି ଦିବସର ଆବଶ୍ୟକତା ଅତ୍ୟନ୍ତ ପ୍ରାସଙ୍ଗିକ । କାରଣ ନିରାପଦ ଓ ପରିବେଶ-ଅନୁକୂଳ ପର୍ଯ୍ୟଟନ ବ୍ୟବସ୍ଥା ଆପଣାଇବା ଦ୍ୱାରା ହିଁ ଆମେ ଆମର ସାଂସ୍କୃତିକ ପରିଚୟକୁ ବିଶ୍ୱ ଦରବାରରେ ଅକ୍ଷୁର୍ଣ୍ଣ ରଖିବା ସହ ଆଗାମୀ ପିଢ଼ି ପାଇଁ ଏକ ସୁରକ୍ଷିତ ଏବଂ ସମୃଦ୍ଧ ଭବିଷ୍ୟତ ନିର୍ମାଣ କରିପାରିବା ।



# ବରଫରେ ଗଜାନନଙ୍କ ମୂର୍ତ୍ତି



ଭାରତଠାରୁ ପ୍ରାୟ ୧୫,୦୦୦ କିଲୋମିଟର ଦୂର ଆଣ୍ଟାର୍କଟିକାରେ ଅବସ୍ଥିତ 'ମୈତ୍ରୀ' ଗବେଷଣା କେନ୍ଦ୍ରରେ 'ନ୍ୟାସନାଲ୍ ସେଣ୍ଟର୍ ଫର୍ ପୋଲାର୍ ଆଣ୍ଡ ଓସନ୍ ରିସର୍ଚ୍ଚ'ର ଭାରତୀୟ ବିଜ୍ଞାନୀମାନେ ଅତ୍ୟନ୍ତ ନିଆରା ଓ ପରିବେଶ-ଅନୁକୂଳ ଢଙ୍ଗରେ ଗଣେଶ ଚତୁର୍ଥୀ ପାଳନ କରିଛନ୍ତି । ସେଠାରେ ନିୟୋଜିତ ଡାକ୍ତର ଅନିରୁଦ୍ଧ ଧର ଇନଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର କରିଛନ୍ତି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ଗବେଷକ ଦଳ ସମ୍ପୂର୍ଣ୍ଣ ବରଫରେ ଭଗବାନ ଗଣେଶଙ୍କର ଏକ ସୁନ୍ଦର ମୂର୍ତ୍ତି ନିଜ ହାତରେ ତିଆରି କରିବା ସହ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ଏହି ଉତ୍ସବର ସବୁଠାରୁ ଆକର୍ଷଣୀୟ ଦିଗ ଥିଲା ଏହାର ବିସର୍ଜନ, ଯେଉଁଥିରେ ସେମାନେ ବରଫ ମୂର୍ତ୍ତିଟିକୁ ବାହାରକୁ ନନେଇ କୋଠରୀ ଭିତରେ ଏକ ବାଲ୍ଟି ପାଣିରେ ବୁଡ଼ାଇ ଦେଇଥିଲେ । ଯାହା ଦ୍ୱାରା ବରଫଟି ତୁରନ୍ତ ପାଣିରେ ପରିଣତ ହୋଇ ଯାଇଥିଲା । ଏହା "ଘରଠାରୁ ୧୫,୦୦୦ କିଲୋମିଟର ଦୂରରେ ଇକୋ-ଫ୍ରେଣ୍ଡଲି ବିସର୍ଜନର ଶ୍ରେଷ୍ଠ ଉଦାହରଣ" ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଉଛି ।

# ସଜନାପତ୍ରର ଉପକାରିତା



ଭାରତୀୟ ରୋଷେଇ ଗୃହରେ ସାଧାରଣତଃ ପନିପରିବା ଭାବେ ବ୍ୟବହୃତ ହେଉଥିବା 'ସଜନା' ନିଜର ପୋଷଣଗୁଣ ପାଇଁ ବିଶ୍ୱବ୍ୟାପୀ 'ସୁପରଫୁଡ୍' ଭାବେ ପରିଚିତ। ବିଶ୍ୱର ସବୁଠାରୁ ଅଧିକ ସଜନା ଉତ୍ପାଦନକାରୀ ଦେଶ ଭାରତରେ (ବାର୍ଷିକ ୧୦ରୁ ୧୩ ଲକ୍ଷ ଟନ୍) ଏହା ସହଜରେ ବୃଦ୍ଧି ପାଉଥିବା ବେଳେ, ଫିଲିପାଇନ୍ସ, ଶ୍ରୀଲଙ୍କା, ମାଲେସିଆ, ଇଣ୍ଡୋନେସିଆ ଓ ତାଇୱାନ୍ ଭଳି ଦେଶରେ ମଧ୍ୟ ଏହାର ବ୍ୟାପକ ଚାଷ କରାଯାଏ। ୨୦୨୪ରେ ବିଜ୍ଞାନ ପତ୍ରିକା 'ହେଲିୟନ୍' ରେ ପ୍ରକାଶିତ ଏକ ଗବେଷଣାତ୍ମକ ସମୀକ୍ଷା ଅନୁସାରେ, ସଜନା ପତ୍ରରେ ଫ୍ଲାଭୋନୋଏଡ୍, ଆଲକାଲୋଏଡ୍ ଏବଂ କ୍ୟାରୋଟିନୋଏଡ୍ ଭଳି ବାୟୋଏକ୍ଟିଭ୍ ଯୌଗିକ ଭରି ରହିଛି। ଯାହା ଶରୀରକୁ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି - ଡାୟାବେଟିକ୍, ଆଣ୍ଟି - ଇନ୍‌ଫ୍ଲାମେଟରୀ ଏବଂ ହୃଦ୍‌ରୋଗ ପ୍ରତିରୋଧକ ଗୁଣ ପ୍ରଦାନ କରିଥାଏ। ବିଶେଷଜ୍ଞଙ୍କ ମତରେ, ଏଥିରେ ବିଟା-କ୍ୟାରୋଟିନ୍ (ଯାହା ଶରୀରରେ ଭିଟାମିନ୍-ଏ'ରେ ରୂପାନ୍ତରିତ ହୁଏ), ଭିଟାମିନ୍ ବି, ସି, କେ ସହ କ୍ୟାଲସିଅମ୍, ଆଇରନ୍, ଜିଙ୍କ, ମ୍ୟାଗ୍ନେସିଅମ୍, ମାଙ୍ଗାନିଜ୍, ପ୍ରୋଟିନ୍, ଫାଇବର ଏବଂ କ୍ୱେରସେଟିନ୍ ଓ କ୍ଲୋରୋଜେନିକ୍ ଏସିଡ୍ ଭଳି ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ରହିଛି। ଏହା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ କରିବା, ଇନସୁଲିନ୍ ସଂବେଦନଶୀଳତା ବୃଦ୍ଧି କରିବା, ଖରାପ କୋଲେଷ୍ଟ୍ରୋଲ୍ ଓ ରକ୍ତଚାପ କମାଇ ହୃଦ୍‌ରୋଗରୁ ସୁରକ୍ଷା ଦେବା, ଏବଂ କ୍ୟାଲସିଅମ୍ ଓ ଭିଟାମିନ୍-କେ ବଳରେ ହାଡ଼କୁ ମଜବୁତ କରି ଅଷ୍ଟିଓପୋରୋସିସ୍ ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରେ। ଏତଦ୍‌ବ୍ୟତୀତ, ଏଥିରେ ଥିବା ବିଟା-କ୍ୟାରେଟିନ୍ ଆଖି ଭଲ ରଖିବାରେ ସହାୟକ ହୋଇଥାଏ ।

# ଚିଙ୍ଗୁଡ଼ି ପକୋଡ଼ି



**ସାମଗ୍ରୀ-** ଛୋଟ ଚିଙ୍ଗୁଡ଼ି ୫୦୦ଗ୍ରାମ୍ , ଅଣ୍ଡା-୨ଟା, ବେସନ-୧କପ୍ ଭିନେଗାର -୧ଚାମଚ, ବେକିଂ ପାଉଡ଼ର ଅଧାଚାମଚ, ଗୋଲମରିଚଗୁଣ୍ଡ, ଚିକେନ ମସଲା, ଲୁଣ, ତେଲ ।

**ପ୍ରଣାଳୀ-** ମଇଦା ସହିତ ବେକିଂ ପାଉଡ଼ର ଓ ଅଣ୍ଡା ଗୋଳାଇ ରଖନ୍ତୁ । ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଲୁଣ, ଗୋଲମରିଚଗୁଣ୍ଡ, ଚିକେନ ମସଲା, ଭିନେଗାର ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଚିଙ୍ଗୁଡ଼ିକୁ ବେସନ ମିଶ୍ରଣରେ ବୁଡ଼ାଇ ଛାଣନ୍ତୁ ।

## ଇତିହାସ

୧୭୬୦- ମୀର କାଶୀମ୍ ବେଙ୍ଗଲର ନୱାବ ହେଲେ ।

୧୮୨୧- ମେକ୍ସିକୋକୁ ସ୍ୱତନ୍ତ୍ରତା ମିଳିଲା ।

୧୮୨୫- ବିଶ୍ୱର ପ୍ରଥମ ସାର୍ବଜନୀନ ରେଳ ପରିବହନର ଆରମ୍ଭ ।

୧୮୩୩- ସମାଜ ସୁଧାରକ ତଥା ବ୍ରହ୍ମ ସମାଜର ପ୍ରତିଷ୍ଠାତା ରାଜା ରାମମୋହନ ରାୟଙ୍କ ପରଲୋକ ।

୧୮୭୧- ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ବଡଭାଇ ତଥା ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନୀ ବିଟ୍ଠଲଭାଇ ପଟେଲ୍‌ଙ୍କ ଜନ୍ମ ।

୧୯୩୨- ଭାରତୀୟ ସିନେ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ନିର୍ଦ୍ଦେଶକ ଯଶ୍ ଚୋପ୍ରାଙ୍କ ଜନ୍ମ ।

୨୦୦୧- ପୂର୍ବତନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ କୋଟଲା ବିଜୟ ଭାସ୍କର ରେଡ୍ଡିଙ୍କ ପରଲୋକ ।

୨୦୦୨- ନ୍ୟୁୟର୍କରେ ବିଶ୍ୱ ବ୍ୟାଙ୍କ ଓ ଆଇଏମ୍‌ଏଫ୍‌ର ବାର୍ଷିକ ବୈଠକ ଆରମ୍ଭ ।

୨୦୦୫- ବିଲ୍ ଗେଟ୍ସ କ୍ରମାଗତ ରୂପେ ୧୧ ଥର ପାଇଁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେବାର ଗୌରବ ଅର୍ଜନ କଲେ ।

# ମୋଟା କୁକୁରଙ୍କ ପ୍ରତିଯୋଗିତା

ଅଲାସ୍କାର ବିଶ୍ୱପ୍ରସିଦ୍ଧ 'ଫ୍ୟାଟ୍ ବେୟାର୍ ୱିକ୍' ଦ୍ୱାରା ଅନୁପ୍ରାଣିତ ହୋଇ ରାଜଧାନୀ ଦିଲ୍ଲୀର ସବୁଠାରୁ ମୋଟା ଓ ଗୋଲଗାଲ କୁକୁରମାନଙ୍କୁ ନେଇ 'ଫ୍ୟାଟ୍ ଡଗ୍ସ ଅଫ୍ ଦିଲ୍ଲୀ' ନାମକ ଏକ ଅନଲାଇନ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ଇନଷ୍ଟାଗ୍ରାମ୍‌ରେ ଚାଲିଥିବା ଏହି ମୁକାବିଲାରେ ଦିଲ୍ଲୀର ବିଭିନ୍ନ ଅଞ୍ଚଳରୁ ମୋଟ ୬୪ଟି କୁକୁର ଭାଗ ନେଇଥିଲେ । ପ୍ରତିଯୋଗୀ କୁକୁରମାନଙ୍କ ମଧ୍ୟରୁ ବିଜେତା ଚୟନ ସମ୍ପୂର୍ଣ୍ଣ ଭାବେ ସାଧାରଣ ଜନତାଙ୍କ ପ୍ରତ୍ୟକ୍ଷ ଭୋଟ୍ (ଇନଷ୍ଟାଗ୍ରାମ୍ ଷ୍ଟୋରୀ ପୋଲ୍) ଉପରେ ଆଧାରିତ ଅଟେ । ସେପ୍ଟେମ୍ବର ୨୪ରୁ ୬୪ଟି କୁକୁରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ସେପ୍ଟେମ୍ବର ୨୫ରେ ଟପ୍-୩୨, ୨୬ରେ ଟପ୍-୧୬, ୨୭ ରେ କ୍ୱାଟର-ଫାଇନାଲ୍, ୨୮ ରେ ସେମି-ଫାଇନାଲ୍ ଏବଂ ୨୯ ସେପ୍ଟେମ୍ବରରେ ଫାଇନାଲ୍ ଭୋଟିଂ ଅନୁଷ୍ଠିତ ହେବ । ଯେଉଁଥିରେ ପ୍ରତିଦିନ ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଆରମ୍ଭ ହେଉଥିବା ଭୋଟିଂ ଲିଙ୍କ୍ ୨୪ ଘଣ୍ଟା ପାଇଁ ସକ୍ରିୟ ରହୁଛି । ସୂଚନାଯୋଗ୍ୟ ଯେ, ଅଲାସ୍କାର କାଟମାଇ ଜାତୀୟ ଉଦ୍ୟାନରେ ପ୍ରତିବର୍ଷ ଶୀତଦିନ ପୂର୍ବରୁ ସାଲମନ୍ ମାଛ ଖାଇ ଓଜନ ବଢ଼ାଉଥିବା ୧୬ଟି ଭାଲୁଙ୍କୁ ନେଇ ୨୦୧୪ରୁ 'ଫ୍ୟାଟ୍ ବେୟାର୍ ୱିକ୍' ଅନୁଷ୍ଠିତ ହୋଇଆସୁଛି । ଯେଉଁଥିରେ ଗତବର୍ଷ ୧୨୦୦ ପାଉଣ୍ଡ ଓଜନର '୩୨ ଚଙ୍କ' ନାମକ ଏକ ଭାଲୁ ବିଜେତା ହୋଇଥିଲା ।




ଦିଲ୍ଲୀର ଏହି ପ୍ରତିଯୋଗିତାରେ ବର୍ତ୍ତମାନ କୌଣସି ନଗଦ ପୁରସ୍କାର ରଖାଯାଇନାହିଁ । ହେଲେ ସଂଯୋଜକମାନେ କୁକୁରମାନଙ୍କ ପାଇଁ ଖାଦ୍ୟ ସ୍ପନ୍ସରସିପ୍ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଯେଉଁଥିରେ କୁକୁର ମାଲିକମାନେ ଡାଇରେକ୍ଟ ମେସେଜ୍ ମାଧ୍ୟମରେ ନିଜ ପ୍ରଚାର ପାମ୍ଫଲେଟ୍ ପଠାଇ ସାଧାରଣ ଲୋକଙ୍କ ସମର୍ଥନ ହାସଲ କରିପାରିବେ ।

# ତାପସୀଙ୍କ ସଂଘର୍ଷ କାହାଣୀ



ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ଚଳଚ୍ଚିତ୍ର ଶିଳ୍ପରେ ନିଜର କିଛି ତିକ୍ତ ଅନୁଭୂତିକୁ ନେଇ ଏକ ବଡ଼ ଖୁଲାସା କରିଛନ୍ତି । ଏକ ସାକ୍ଷାତକାରରେ ତାପସୀ ପ୍ରକାଶ କରିଛନ୍ତି ଯେ, ସୁଟିଂ ତାରିଖ ପକ୍କା ହୋଇସାରିବା ପରେ ମଧ୍ୟ କେବଳ ଫିଲ୍ମର ମୁଖ୍ୟ ନାୟକଙ୍କ ପତ୍ନୀ ତାଙ୍କୁ ପସନ୍ଦ ନକରିବାରୁ ତାଙ୍କୁ ଫିଲ୍ମରୁ ବାହାର କରିଦିଆଯାଇଥିଲା । ତାପସୀଙ୍କର ଏଭଳି ବୟାନ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ଏପରିକି ଏହି ରିପ୍ଲେସମେଣ୍ଟ ପରେ ତାଙ୍କୁ ମେକର୍ସଙ୍କ ପକ୍ଷରୁ ଏହି କାରଣ ଦର୍ଶାଯାଇଥିଲା । ସେହିପରି ନିଜ କ୍ୟାରିୟରର ପ୍ରାରମ୍ଭିକ ଦିନଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଇ ରିପ୍ଲେସମେଣ୍ଟ ହେବା ସହ କିଛି ସିନରେ ଆବଶ୍ୟକ ନଥାଇ ମଧ୍ୟ ତାଙ୍କୁ ହାଇପର୍-ସେକ୍ସୁଆଲାଇଜେସନ୍‌ର ସାମ୍ନା କରିବାକୁ ପଡ଼ିଥିବା କଥା ସେ ପ୍ରକାଶ କରିଛନ୍ତି । ବଲିଉଡରେ ଜଣେ ସଫଳ ଅଭିନେତ୍ରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତାପସୀ, ଏକାପ୍ରକାରର ଭୂମିକାରେ ବାନ୍ଧି ହୋଇ ରହିବାପାଇଁ ଚାହିଁ ନଥାନ୍ତି । ସେଥିପାଇଁ ସେ ଅନେକ ଫିଲ୍ମକୁ ରିଜେକ୍ଟ କରୁଥିବା ନେଇ ସୂଚନା ଦେଇଛନ୍ତି । 'ଚଷମେ ବଦ୍ଦୁର' ଫିଲ୍ମରୁ କ୍ୟାରିୟର ଆରମ୍ଭ କରି 'ପିଙ୍କ୍', 'ଥପ୍ପଡ୍', 'ହସୀନ୍ ଦିଲ୍ଲରୁବା', 'ଶାବାଶ ମିଠୁ' ଏବଂ 'ଡଙ୍କି' ଭଳି ବହୁ ଚର୍ଚ୍ଚିତ ସିନେମାରେ ଅଭିନୟ କରିସାରିଥିବା ତାପସୀଙ୍କୁ ନିକଟରେ 'ଗାନ୍ଧାରୀ' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା ।

# ମେ



**ଷ:** ସମ୍ପର୍କ ହାନି, ଅର୍ଥ ସମସ୍ୟା, ପାରିବାରିକ ସହଯୋଗ, ଶତ୍ରୁ ସମସ୍ୟା, ଦୂର ଯାତ୍ରା, ବ୍ୟବସାୟରେ ଶତ୍ରୁତା, ବନ୍ଧୁ ଲାଭ, ସନ୍ତାନ ଖୁସି । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ବୃଷ:** ଭ୍ରମଣ କଷ୍ଟ, ନୂତନ କାର୍ଯ୍ୟରେ ଲାଭ, ଅତିଥି ସତ୍କାର, ପାରିବାରିକ ସମସ୍ୟା, କର୍ମକ୍ଷେତ୍ର ସଫଳ, ପଦବୀ ଲାଭ, ଅନୁଷ୍ଠାନରୁ ଖୁସି, ମନ ଅସ୍ଥିର, ବନ୍ଧୁ ଲାଭ, ସମ୍ପତ୍ତି ଲାଭ, ବିଦ୍ୟାରେ ସଫଳ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା- ମା' ଭୁବନେଶ୍ୱରୀ ।

**ମିଥୁନ:** କାର୍ଯ୍ୟରେ ସଫଳ, ନୂତନ ବନ୍ଧୁ ଲାଭ, ଶତ୍ରୁ ପରାଜିତ, ସମ୍ପତ୍ତି ଲାଭ, ଶାରୀରିକ ସୁସ୍ଥତା, ପୁରାତନ ବିବାଦ ସମାଧାନ, ଅର୍ଥ ଲାଭ, ଦାମ୍ପତ୍ୟ ଖୁସି, ସନ୍ତାନ ପ୍ରାପ୍ତି । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଗୌରୀ ।

**କର୍କଟ:** ଅର୍ଥ ସମସ୍ୟା, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଶୁଭ ଖବର, ଯାନ୍ତ୍ରିକ ତ୍ରୁଟି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶାରୀରିକ ସୁସ୍ଥତା, ସୁମିଷ୍ଟ ଭୋଜନ, ସନ୍ତାନ ସମସ୍ୟା । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ମା' ମାଣିକେଶ୍ୱରୀ ।

**ସିଂହ:** କାର୍ଯ୍ୟରେ ସଫଳ, ପାରିବାରିକ ଖୁସି, ମାନସିକ ଶାନ୍ତି, ଅର୍ଥ ଲାଭ, ଦ୍ରବ୍ୟ ପ୍ରାପ୍ତି, ବିବାଦ ସମାଧାନ, ନୂତନ ଚୁକ୍ତି, ସମ୍ପତ୍ତି ଲାଭ, କଳହ ସମାଧାନ, ଶୁଭ ଖବର, ପିଲାଙ୍କ ଚିନ୍ତା । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା-ମା' ଭଗବତୀ ।

**କନ୍ୟା:** ଅଯଥା ବ୍ୟୟ, କାର୍ଯ୍ୟରେ ବିଳମ୍ବ, ହଠାତ୍ ଦୂରଯାତ୍ରା, ଉଚ୍ଚସ୍ଥାନରୁ ପତନ ଭୟ, ଲୋକସମ୍ପର୍କ ବୃଦ୍ଧି, ଅଳ୍ପ ଧନଲାଭ, ଶୁଭ ଖବର, ଦାମ୍ପତ୍ୟ ଖୁସି, ବିବାଦମୁକ୍ତ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୮, ଆରାଧନା- ଭଗବାନ ବିଷ୍ଣୁ ।

**ତୁଳା:** ଯାତ୍ରାରେ ସଫଳ, ସମ୍ମାନ ଲାଭ, ବନ୍ଧୁ ସମସ୍ୟା, ମାନସିକ ଶାନ୍ତି, ପଦବୀ ଲାଭ, ଗୃହେ ସହଯୋଗ, ଅର୍ଥ ଲାଭ, ମାମଲା ସମାଧାନ, ବ୍ୟବସାୟରେ ଲାଭ, ସନ୍ତାନ ଖୁସି । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଖୁସି ଖବର, ଅର୍ଥ ଲାଭ, ପାରିବାରିକ ସମସ୍ୟା, ପଦବୀ ଲାଭ, ଯାତ୍ରା ସଫଳ, ଆଶା ପୂର୍ଣ୍ଣ, ସମ୍ପତ୍ତି ଲାଭ, ପୁରୁଣା ମାମଲା ସମାଧାନ, ଦାମ୍ପତ୍ୟ ଖୁସି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ପ୍ରଭୁ ନୃସିଂହ ।

**ଧନୁ:** କାର୍ଯ୍ୟରେ ବାଧା, ଅର୍ଥ ସମସ୍ୟା, କର୍ମକ୍ଷେତ୍ରରେ ପରିଶ୍ରମ, ମାନସିକ ଅଶାନ୍ତି, ବନ୍ଧୁ ସାହାଯ୍ୟ, ଉଚ୍ଚ ଆଶାରେ ବିଫଳ, ବ୍ୟବସାୟିକ କଷ୍ଟ, ଧର୍ମକାର୍ଯ୍ୟରେ ଉତ୍ସାହ, ପାରିବାରିକ ଖୁସି । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ଗୁରୁଜନଙ୍କ ସେବା ।

**ମକର:** ଅପମାନ, ଶାରୀରିକ ଅସୁସ୍ଥତା, ଉଚ୍ଚ ଆଶାରେ ବିଫଳ, ଦେବଦର୍ଶନ, ଦ୍ରବ୍ୟ ନଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ବିଦ୍ୟାରେ ସଫଳ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ପ୍ରୀତି ବୃଦ୍ଧି, କାର୍ଯ୍ୟରେ ସଫଳ, ବନ୍ଧୁ ଲାଭ, ଧର୍ମକାର୍ଯ୍ୟରେ ସନ୍ତୁଷ୍ଟ, ପଦବୀ ଲାଭ, ବ୍ୟବସାୟରେ ଉନ୍ନତି, ଶାରୀରିକ ସୁସ୍ଥତା, ଅର୍ଥ ଲାଭ, ସମ୍ପତ୍ତି କ୍ରୟ, ମାମଲାରେ ଖୁସି, ଭ୍ରାତୃ ସ୍ନେହ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମୀନ:** ଦ୍ରବ୍ୟ ଲାଭ, ପୁରାତନ ରୋଗରୁ ଉପସମ, ବ୍ୟବସାୟରେ ଲାଭ, ଅର୍ଥ ସମସ୍ୟା ସମାଧାନ, ସନ୍ତାନ ଖୁସି, ଶତ୍ରୁ ପରାଜିତ, ନୂତନ ସୁଯୋଗ ପ୍ରାପ୍ତି, ଯାନବାହନ କ୍ରୟ, ଦାମ୍ପତ୍ୟ ଖୁସି । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୯, ଆରାଧନା- ମା' ବାଟମଙ୍ଗଳା ।

**ଆଶ୍ୱିନ କୃଷ୍ଣ ପକ୍ଷ ପ୍ରତିପଦା**
**୨୭.୯.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ଜାତୀୟ ଚଳଚ୍ଚିତ୍ର-୨୦୨୪ ପୁରସ୍କାର ପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର ଲହରୀର ପ୍ରଯୋଜିକା ଝିଲ୍ଲିକ ଭଟ୍ଟାଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି ପୁରସ୍କାର ପ୍ରଦର୍ଶନ କରୁଛନ୍ତି ।

## ନାବାଳିକାକୁ ଯୌନ ନିର୍ଯାତନା : ଅଭିଯୁକ୍ତ କୋର୍ଟ ଚାଲାଣ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଜନୈକା ନାବାଳିକାକୁ ବାରମ୍ବାର ଯୌନ ନିର୍ଯାତନା ହୋଇଥିବା ନେଇ ଅଭିଯୋଗର ୨୪ ଘଣ୍ଟା ନ ପୁରୁଣୁ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କଲେ ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ସରାଫ । ପୀଡ଼ିତାଙ୍କ ମାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୪ ତାରିଖରେ ତାଙ୍କର ପରିଚିତ କଳମା ଗ୍ରାମର ଉମେଶ ଜେନା (୨୨) ନିଜର ପୂର୍ବ ପରିଚୟର ସୁଯୋଗ ନେଇ ନାବାଳିକାଙ୍କ ପରିବାରକୁ କୌଣସି ସୂଚନା ନଦେଇ ନାବାଳିକା ଝିଅଙ୍କୁ ଘରୁ ନେଇ ନିଜ ଘରେ ରଖିଥିଲେ । କିଛି ସମୟ ପରେ ନାବାଳିକାର ପରିବାର ବର୍ଗ ବହୁ ଖୋଜାଖୋଜି କରିବା ପରେ ସେ ଉମେଶଙ୍କ ଘରେ ଥିବା ଜାଣିବାକୁ ପାଇଥିଲେ । ପରଦିନ ସକାଳେ ନାବାଳିକା ଘରକୁ ଫେରିବା ପରେ ପରିବାର ଲୋକେ ତାଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ । ଉମେଶ ଜେନା ତାଙ୍କୁ ନିଜ ଘରେ ଏବଂ ଅନ୍ୟ ସ୍ଥାନରେ ରଖି ତାଙ୍କ ସହ ବାରମ୍ବାର ଯୌନ ନିର୍ଯାତନା ଦେଇଥିବା ନେଇ ପୀଡିତାର ମାଆ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ୪୯୨/୨୬ନଂ ରେ ଏକ ମାମଲା ରୁଜୁ କରି ବୈଶିଙ୍ଗା ଥାନା ଅଧିକାରୀ ବାବା ଶଙ୍କର ସରାଫ ତଦନ୍ତ ଆରମ୍ଭ କରିଥିଲେ । ଅଭିଯୋଗର ୨୪ ଘଣ୍ଟା ଭିତରେ ଅଭିଯୁକ୍ତ ଉମେଶକୁ ଗିରଫ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ।

### ହାଇକୋର୍ଟରେ ମନି ଲଣ୍ଡରିଂ ମାମଲା

## ବାଜ୍ୟାପ୍ତ ବ୍ୟାଙ୍କ ଜମାଖାତାକୁ ସଚଳ ଆବେଦନ ଖାରଜ

କଟକ, (ସବ୍ୟୁ ): ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ) ଅଧୀନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଅସ୍ଥାୟୀ ଭାବେ ବାଜ୍ୟାପ୍ତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ମୁକ୍ତ କରିବା ପାଇଁ ହୋଇଥିବା ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ରତିକାନ୍ତ ରାଉତଙ୍କ ତରଫରୁ ରୁଜୁ ଏହି ଆବେଦନର ଶୁଣାଣି କରି ଜଷ୍ଟିସ ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ,ଇଡି ଦ୍ୱାରା ଆବେଦନକାରୀ ରତିକାନ୍ତ ରାଉତଙ୍କ ୨୫,୮,୯୩୫ ଟଙ୍କାର ଜମା ଥିବା ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଅସ୍ଥାୟୀ ଭାବେ ଜବତ କରାଯାଇଥିଲା। ଇଡିର ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ସଦର, ମୋଟଙ୍ଗା, ବାଲିମି, ଓ ଯାଜପୁରର ଯାଖପୁରା ଥାନାରେ ରୁଜୁ ହୋଇଥିବା ବିଭିନ୍ନ ଅପରାଧିକ ମାମଲା ଯେପରିକି ଡକାୟତି, ଷଡ଼ଯନ୍ତ୍ର, ଠକେଇ ଓ ବେଆଇନ ବିସ୍ଫୋରକ କାରବାରରୁ ଏହି ଅର୍ଥ ମିଳିଥିଲା। ଆବେଦନକାରୀଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ ଯେ, ଜବତ ଆକାଉଣ୍ଟଗୁଡ଼ିକରେ ଥିବା ଟଙ୍କା ତାଙ୍କର ବୈଧ ବ୍ୟବସାୟରୁ ଆସିଛି। ଏହାସହ, ୩୬୫ ଦିନ ମଧ୍ୟରେ ଅଦାଲତରେ କୌଣସି ଆନୁଷ୍ଠାନିକ ଚାର୍ଜସିଟ୍/ପ୍ରୋସିକ୍ୟୁସନ ଦାଖଲ ହୋଇନଥିବାରୁ ଜମାଖାତା ବାଜ୍ୟାପ୍ତି ଆଦେଶ ଆଇନଗତ ଭାବେ ଗ୍ରହଣୀୟ ନୁହେଁ। ଆବେଦନକାରୀ ପୂର୍ବରୁ ସମାନ ଦାବି ନେଇ ଏକ ରିଟ୍ ଆବେଦନ କରିସାରିଛନ୍ତି, ଯାହା ବିଚାରାଧୀନ ଅଛି। ଏହି ତଥ୍ୟକୁ ସିଆରଏଲଏମସି ଆବେଦନରେ ନ ଦର୍ଶାଇବା ଗ୍ରହଣଯୋଗ୍ୟ ନୁହେଁ। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ପିଏମଏଲଏ ଆକ୍ଟରେ ସମ୍ପତ୍ତି ଜବତ ହେଉଛି ଏକ ଦେୱାନୀ/ପ୍ରତିବନ୍ଧକମୂଳକ ଆଇନଗତ ପ୍ରକ୍ରିୟା। ଅଦାଲତର ବିଏନଏସଏସ ଧାରା ୫୨୮ ଅଧୀନରେ ଥିବା ସ୍ୱତନ୍ତ୍ର ଫୌଜଦାରୀ କ୍ଷମତାକୁ ଟ୍ରିବ୍ୟୁନାଲ୍‌ର ଆଦେଶକୁ ବାତିଲ କରିବା ପାଇଁ ବ୍ୟବହାର କରାଯାଇପାରିବ ନାହିଁ। ୩୬୫ ଦିନର ସମୟସୀମା ଶେଷ ହୋଇଛି କି ନାହିଁ, ତାହା ବିଚାରାଧୀନ ଥିବା ଆପିଲେଟ ଟ୍ରିବ୍ୟୁନାଲ କିମ୍ବା ରିଟ୍ ଆବେଦନରେ ହିଁ ନିଷ୍ପତ୍ତି ହୋଇପାରିବ ବୋଲି ହାଇକୋର୍ଟ କହିବା ସହ ମାମଲାକୁ ଖାରଜ କରିଛନ୍ତି।

## ଦାଦା ବଟି ଓ ହତ୍ୟା ଧମକ ଅଭିଯୋଗ : ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ): ଲୁହା ରଡ୍ ଧରି ମହିଳାଙ୍କ ଘରେ ପଶି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା, ବଟି ଅର୍ଥ ଦାବୀ କରିବା ସହ ପରିବାର ସଦସ୍ୟଙ୍କୁ ଧମକ ଦେବା ଅଭିଯୋଗରେ ତାଲବଣିଆ ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏନେଇ ତାଲବଣିଆ ଥାନାରେ କେସ୍ ନଂ-୨୭୫/୨୦୨୬, ତା.୨୫.୯.୨୦୨୬ରେ ବିଏନ୍ଏସ୍‌ର ଧାରା ୨୯୬, ୩୦୮(୪) ଓ ୩୫୧(୨)ରେ ମାମଲା ରୁଜୁ ହୋଇଛି। ବାଲିଘାଟ ଅଞ୍ଚଳର ଶାନ୍ତି ରାଉଳ (୫୩) ନାମକ ଜନେ ମହିଳା ଅଭିଯୋଗରେ ଦର୍ଶାଇଥିଲେ ଯେ, ୨୫ ତାରିଖ ଅପରାହ୍ନ ପ୍ରାୟ ୧ଟାରୁ ୪ଟା ମଧ୍ୟରେ ସୁଜିତ ଓରଫ୍ ଭାଗି ରାଉଳ (୩୮) ତାଙ୍କ ଘରକୁ ଆସିଥିଲେ। ସେ ମଦ୍ୟପାନ କରିଥିବା ସହ ହାତରେ ଏକ ଲୁହା ରଡ୍ ଧରିଥିଲେ। ଘରେ ପଶି ସେ ଶାନ୍ତି ଓ ତାଙ୍କ ପରିବାର




ସଦସ୍ୟଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଦାଦାବଟି ଦାବି କରିଥିଲେ । ଏଥିସହ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଏଏସ୍ଆଇ ଏସ୍.କେ. ପାତ୍ର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ମିଳିଥିବା ଦର୍ଶାଇ ପୁଲିସ ୨୫ ତାରିଖ ରାତି ୧୧ଟାରେ ତାଙ୍କୁ ଗିରଫ କରିଛି। ପରେ ୨୬ ତାରିଖରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା।

## ବଜ୍ରାଘାତ ଯୋଗୁ ମାଛ ଧରୁଥିବା ବେଳେ ଯୁବକ ମୃତ୍ୟୁ

ବେତନଟୀ (ସବ୍ୟୁ)ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ଅଙ୍ଗାରୁଆ ଗ୍ରାମର ରାମଚନ୍ଦ୍ର ସିଂଙ୍କର ୧୮ ବର୍ଷୀୟ ପୁଅ ଗୋବିନ୍ଦ ସିଂ ଗାଁ ପାଖ ବିଲରେ ମାଛ ଧରୁଥିବା ସମୟରେ ବଜ୍ରାଘାତରେ ମୃତ୍ୟୁ ଘଟିଛି କ୍ଷସୂଚନା ଅନୁଯାୟୀ ଗୋବିନ୍ଦ ଶନିବାର ମଧ୍ୟାହ୍ନରେ ଗାଁ ପାଖ ବିଲକୁ ମାଛ ଧରିବାକୁ ଯାଇଥିଲେ । ତେବେ ଆଜି ଦିନ ତମାମ ତୁହାକୁ ତୁହାକୁ ବର୍ଷା ସାଙ୍ଗକୁ ଘନ ଘନ ବିଜୁଳି ମାରୁଥିଲା । ତେବେ ସେହି ସମୟରେ ଗୋବିନ୍ଦ ବଜ୍ରାଘାତର ଶିକାର ହୋଇ ତଳେ ପଡିଯାଇଥିଲେ । ତେବେ ଘଟଣା ସ୍ଥଳରେ ଥିବା ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ରେମୁଣା ମେଡିକାଲ କଲେଜ ନେଇ ଯାଇଥିଲେ, ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପୂର୍ବକ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ବିଳମ୍ବିତ ରାତିରେ ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

### ଅବପାତଜନିତ ବ୍ୟାପକ ବର୍ଷା ପରେ ବନ୍ୟା ଆଶଙ୍କା

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ପ୍ରଶଂସନୀୟ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ବଙ୍ଗୋପସାଗରରେ ଗଭୀର ଅବପାତ ଯୋଗୁ ସାରା ରାଜ୍ୟରେ ପବନ, ବ୍ୟାପକ ବର୍ଷା ଲାଗି ରହିବା ସହ ବହୁ କ୍ଷୟକ୍ଷତି ହୋଇଛି। ଲଗାଣ ବର୍ଷା ଯୋଗୁ ରାଜ୍ୟର ସମସ୍ତ ନଦୀର ଜଳସ୍ତର ବଢ଼ି ପୁନର୍ବାର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବଭଳି ଏହି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ଯେଉଁଭଳି ଭାବେ ପ୍ରୟାସ କରୁଛନ୍ତି ତାହା ପ୍ରଶଂସନୀୟ ଅଟେ। 'ଜିରୋ କାଜୁଆଲ୍‌ଟି' ଉପରେ ଗୁରୁତ୍ୱ ଦିଆଯାଇ ତଳିଆ ଓ ଅସୁରକ୍ଷିତ ଅଂଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଅଂଚଳକୁ ସ୍ଥାନାନ୍ତର କରାଯାଉଛି। ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟ ପରିବେଷଣକୁ ପ୍ରାଧାନ୍ୟ ଦିଆଯିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ରାସ୍ତାଘାଟ ସଫା କରି ଯୋଗାଯୋଗ ପୁନଃକ୍ଷମ କରିବା, ବିଜୁଳି ଓ ପାନୀୟ ଜଳକୁ ଲୋକଙ୍କ ପାଖକୁ ପହଂଚାଇବା ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ଅଂଚଳରେ ସ୍ଥିତି ସ୍ୱାଭାବିକ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତିରେ ପ୍ରୟାସ ଜାରି ରଖିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ପୁରା ଟିମ୍‌କୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜଣାଇଛନ୍ତି। ଏକ ପ୍ରେସ ବିବୃତିରେ ଶ୍ରୀ ସାମଲ ଦର୍ଶାଇଛନ୍ତି ଯେ, ଏହି ସମୟରେ ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିବା।



ଅବପାତ ହେଉ ବା ବନ୍ୟା ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟରେ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ସେବା, ସହାୟତା, ରିଲିଫ୍ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ଦଳର କାର୍ଯ୍ୟକର୍ତ୍ତାମାନେ ପୂର୍ଣ୍ଣ ସହଯୋଗ କରନ୍ତୁ। ବିଶେଷ କରି ଜନସାଧାରଣ ଓ ପ୍ରାଣୀ ସଂପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ଶୁଖିଲା ଓ ରନ୍ଧା ଖାଦ୍ୟ ବଂଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ସହଯୋଗ କରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି। ପ୍ରଶାସନ, ସରକାର, ଅଗ୍ନିଶମ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ୍ ଉଦ୍ଧାରକାରୀ ଦଳ ସହ ମିଶି ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ପାର୍ଟିର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି। ସାମାଜିକ ସଂଗଠନଗୁଡିକ ମଧ୍ୟ ଏହ କାର୍ଯ୍ୟରେ ସହଯୋଗ କରନ୍ତୁ। ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଏହି କଠିନ ପରିସ୍ଥିତିର ମୁକାବିଲା କରିପାରିବା ବୋଲି ଶ୍ରୀ ସାମଲ ଉଲ୍ଲେଖ କରିଛନ୍ତି।


37001/51/2627



ODISHA
THINK INDIA, THINK ODISHA.



# ବିଶ୍ୱ ପର୍ଯ୍ୟଟନ ଦିବସ

ପର୍ଯ୍ୟଟନର ନୂତନ ଚିନ୍ତାଧାରା, ସୁଯୋଗଗୁଡ଼ିକର ନୂତନ ପରିଭାଷା

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୭ ସେପ୍ଟେମ୍ବର ୨୦୨୬ | ପୂର୍ବାହ୍ନ ୧୦:୩୦ ରୁ

ରାଜ୍ୟ ସମ୍ମିଳନୀ କକ୍ଷ, ଲୋକସେବା ଭବନ

ମୁଖ୍ୟ ଅତିଥି
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ,ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

ସମ୍ମାନିତ ଅତିଥି
ଶ୍ରୀମତୀ ଅନୁ ଗର୍ଗ
ମୁଖ୍ୟ ଶାସନ ସଚିବ, ଓଡ଼ିଶା

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ
ଭାରତୀୟ କାୟାକିଂ ଓ କାନୋଇଂ ସଂଘ
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ସହିତ
ବୁଝାମଣା ପତ୍ର ସ୍ୱାକ୍ଷର

ହୋମଷ୍ଟେ ଏବଂ ଏଥିନିକ୍ ଟୁରିଜିମ ଉପରେ କର୍ମଶାଳା

ଖଣ୍ଡଗିରି ଏବଂ ଉଦୟଗିରି ଆଲୋକ ଓ ଶବ୍ଦ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ

OIPR: 37001/37001/2/26-27/0012



### ସିଆଇଆଇ ଓଡ଼ିଶା ମେଟାଲ୍ସ ଆଣ୍ଡ ମାଇନିଂ କନକ୍ଲେଭ୍ ୨୦୨୬

# ଭବିଷ୍ୟତ ପାଇଁ ଖଣି ଓ ଧାତୁ ଶିଳ୍ପର ରୂପରେଖ ପ୍ରସ୍ତୁତ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ଭୁବନେଶ୍ୱରରେ "ସିଆଇଆଇ ଓଡ଼ିଶା ମେଟାଲ୍ସ ଆଣ୍ଡ ମାଇନିଂ କନକ୍ଲେଭ୍ ୨୦୨୬' ଆୟୋଜିତ ହୋଇଯାଇଛି। ଏହାର ମୁଖ୍ୟ ବିଷୟବସ୍ତୁ - "ମେଟାଲ୍ସ ଆଣ୍ଡ ମାଇନିଂ: ବିକଶିତ ଓଡ଼ିଶାର ମୂଳଦୁଆ'। ୨୫ ଏବଂ ୨୬ ସେପ୍ଟେମ୍ବର ୨୦୨୬ ରେ ଅନୁଷ୍ଠିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଶିଳ୍ପପତି, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ଓଡ଼ିଶାର ଖଣି ଓ ଧାତୁ ଶିଳ୍ପର ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ମୂଲ୍ୟ ବୃଦ୍ଧି, ଉନ୍ନତ ଉତ୍ପାଦନ, ସବୁଜ ଓ ସ୍ଥାୟୀ ଖନନ, ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର, ପରିବେଶ ସୁରକ୍ଷା, ପୁନଃଚକ୍ରଣ, ପରିବହନ ବ୍ୟବସ୍ଥା, ନୂତନ ଉଦ୍ଭାବନ, ଷ୍ଟାର୍ଟଅପ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଦକ୍ଷତା ବିକାଶ ଜରିଆରେ ଓଡ଼ିଶାକୁ ଆଗକୁ ନେବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶାର ପ୍ରଚୁର ଖଣିଜ ସମ୍ପଦକୁ କିପରି ସାରା ବିଶ୍ୱରେ ପ୍ରତିଯୋଗିତାମୂଳକ ଓ ସ୍ଥାୟୀ




ଭାବେ ଗଢ଼ିତୋଳା ଯାଇପାରିବ, ସେବିଷୟରେ ଚର୍ଚ୍ଚା ହୋଇଥିଲା। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତିଯେ, ଆମେ ଓଡ଼ିଶାରୁ ଯାହା ଖନନ କରୁଛୁ, ତାର ବ୍ୟବହାରକରି ରାଜ୍ୟ ଭିତରେ ହିଁ ଅଧିକରୁ ଅଧିକ ସାମଗ୍ରୀ ତିଆରି କରିବା ଦରକାର। ସେ ଜଣାଇଥିଲେ ଯେ ୧୫ଟି ଜିଲ୍ଲାରେ ପ୍ରାୟ ୨.୪୭ ଲକ୍ଷ କୋଟି ଟଙ୍କାର ୨୭ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହାଦ୍ୱାରା ୫୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିରେ ସୁନ୍ଦରଗଡ଼ରେ ୧୪,୦୦୦ କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପ ଓ ଆଲୁମିନିୟମ କ୍ଷେତ୍ରରେ ବଡ଼ ଧରଣର ନିବେଶ ଅନ୍ତର୍ଭୁକ୍ତ। ଏହା ସହିତ ସେ ଉତ୍ପାଦନର ମାନ ବୃଦ୍ଧି, ପୁନଃଚକ୍ରଣ, ସ୍ୱଚ୍ଛ ପରିବେଶ, ଡିଜିଟାଲ୍ କାର୍ଯ୍ୟ ପଦ୍ଧତି ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଭାଗିତା ଉପରେ ଗୁରୁତ୍ୱ ଦେଇଥିଲେ।

ଗୃହ, ସୂଚନା ଓ ଲୋକସମ୍ପର୍କ ତଥା ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତିଯେ, ଓଡ଼ିଶା କେବଳ ଖଣି ଉତ୍ତୋଳନ କ୍ଷେତ୍ରରେ ସୀମିତ ନରହି ଭାରତ ତଥା ଦକ୍ଷିଣ ଏସିଆର ଧାତୁ ରାଜଧାନୀ ଭାବେ ଉଭା ହୋଇଛି। ଗତ ୨-୩ ବର୍ଷ ମଧ୍ୟରେ ପ୍ରାୟ ୨୦ଟି ନୂଆ ଖଣି କାର୍ଯ୍ୟକ୍ଷମ ହୋଇଛି ଏବଂ ଆଗାମୀ ଦିନରେ ଆହୁରି ୩୦ଟି ଖଣି ଆରମ୍ଭ ହେବାକୁ ଯାଉଛି। ଏହାଦ୍ୱାରା ପରିବହନ ଏବଂ ବୈଷୟିକ କ୍ଷେତ୍ରରେ ନୂଆ ସୁଯୋଗ ମିଳିବ। ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାର ଇସ୍ପାତ ଉତ୍ପାଦନ କ୍ଷମତା ୧୫୦ ରୁ ୧୮୦ ନିଯୁତ ଟନରେ ପହଞ୍ଚିବ ବୋଲି ଆଶା କରାଯାଉଛି। କୋଲକାତାସ୍ଥିତ ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ର୍ୟୁ ଫ୍ଲେମିଙ୍ଗ୍, ସିଆଇଆଇ ଓଡ଼ିଶା ରାଜ୍ୟ କାଉନସିଲର ଅଧ୍ୟକ୍ଷ ତଥା ଜେଏସଡବ୍ଲୁ ଷ୍ଟିଲ୍ ଲିମିଟେଡର ସଭାପତି, ଅନିଲ କୁମାର ସିଂହ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସିଆଇଆଇ-ଆଇଟିସି ସେଣ୍ଟର ଅଫ୍ ଏକ୍ସିଲେନ୍ସ ପକ୍ଷରୁ ଦ ସାର୍ଥ (ସଷ୍ଟେନବୁଲ ଆକ୍ସନ ଆଲାଏନ୍ସ ଫର ରେସିଲେଣ୍ଟ ଟୁମୋରୋ) ନାମକ ଏକ ନୂଆ ପଦକ୍ଷେପ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅସିତ ତ୍ରିପାଠୀ, ବିଭୁ ମିଶ୍ର, ରୁଦ୍ର ରାଓଲ, ଶଶୀଭୂଷଣ ଉପାଧ୍ୟାୟ, ରାଜୀବ କୁମାର ଏବଂ ଆଲେକ୍ସ ଥୋମାସ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ।

### କଟକ ରେଳ ଷ୍ଟେସନରେ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଲେ

# ପୂର୍ବତଟ ରେଳପଥ ମହାପ୍ରବନ୍ଧକ, ପୁନଃବିକାଶ କାର୍ଯ୍ୟର କଲେ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କଟକ ରେଳ ଷ୍ଟେସନରେ 'ସ୍ୱଚ୍ଛତା ହିଁ ସେବା- ୨୦୨୬' ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଷ୍ଟେସନର ପୂର୍ବ ପାର୍ଶ୍ୱ ମୁଖ୍ୟ ପ୍ରବେଶ ପଥ ନିକଟରେ ସଫେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେ ରେଳ ଅଧିକାରୀ,



କର୍ମଚାରୀ ଓ ଯାତ୍ରୀମାନଙ୍କୁ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସହଯୋଗ କରିବାକୁ ଉତ୍ସାହିତ କରିଥିଲେ। ସ୍ୱଚ୍ଛତା ଅଭିଯାନ ଅବସରରେ ଶ୍ରୀ ଫୁଙ୍କୱାଲ ଯାତ୍ରୀମାନଙ୍କ ସହ ଆଲୋଚନା କରି ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଦିଗରେ ସଚେତନ ହେବାକୁ ଆହ୍ୱାନ କରିଥିଲେ। ସେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗର ବ୍ୟବହାର ଏଡ଼ାଇବା ସହ ଏହାର ବିକଳ୍ପ ଭାବେ ପରିବେଶ ଅନୁକୂଳ ପୁନଃବ୍ୟବହାର ଯୋଗ୍ୟ ଝୋଟ ବ୍ୟାଗ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଯାତ୍ରୀମାନଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ କରି ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ।

ମହାପ୍ରବନ୍ଧକ ଯାତ୍ରୀମାନଙ୍କୁ ରେଳ ପରିସରରେ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଧାରିତ ଡଷ୍ଟବିନ୍‌ରେ ପକାଇବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, ରେଳ ଷ୍ଟେସନରେ ସ୍ୱଚ୍ଛତା ବଜାୟ ରଖିବା କେବଳ ରେଳ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ଯାତ୍ରୀ ଓ ସାଧାରଣ ଜନତାଙ୍କ ସାମୂହିକ ଦାୟିତ୍ୱ। ଏଥିପାଇଁ ସେ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଜନଭାଗିଦାରୀକୁ ସୁଦୃଢ଼ କରିବା ସହ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସକ୍ରିୟ ସହଯୋଗ କରିବାକୁ ଯାତ୍ରୀ ଓ ସାଧାରଣ ଜନତାଙ୍କୁ ଆହ୍ୱାନ କରିଥିଲେ। ପୂର୍ବତଟ ରେଳପଥ ପକ୍ଷରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨, ୨୦୨୬ ପର୍ଯ୍ୟନ୍ତ "ସ୍ୱଚ୍ଛତା ମେଁ ସହଭାଗ: ସ୍ୱଚ୍ଛ ଭାରତ, ବିକଶିତ ଭାରତ" ବିଷୟବସ୍ତୁକୁ ନେଇ ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନ ପାଳନ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ରେଳ କର୍ମଚାରୀ, ଯାତ୍ରୀ ଓ ସାଧାରଣ ଜନତାଙ୍କୁ ସାମିଲ କରି ଜନଭାଗିଦାରୀ ମାଧ୍ୟମରେ ସ୍ୱଚ୍ଛତା ବଜାୟ ରଖିବା, ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଆବର୍ଜନା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉଛି।

ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ।

# ଶେଷହେଲା ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା

ଜଟଣୀ, (ସବ୍ୟୁ): ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ଭସାଣିଉତ୍ସବ ଶନିବାର ଧୁମ୍‌ଧାମ୍‌ରେ ସମାପ୍ତ ହୋଇଛି । ଚଳିତବର୍ଷ ଜଟଣୀ ସହରର୧୫ଗୋଟି ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଅନ୍ୟ କ୍ଲବର ପୂଜା ମଣ୍ଡପରେଦୀର୍ଘ ୧୧ଦିନ ବ୍ୟାପି ପ୍ରଭୁ ଶ୍ରୀଗଣେଶ, ମାତା ଲକ୍ଷ୍ମୀ ଏବଂ ଦେବୀ ସ୍ୱରସ୍ୱତୀପୂଜା ପାଇଥିଲେ । ପ୍ରତିବର୍ଷପରି ଜଟଣୀ ଗଣେଶ ଭସାଣି ଉତ୍ସବରେ ଚଳିତବର୍ଷ୩୭ରୁ ୪୦ଗୋଟି ମେଢ଼ ଭସାଣି ଯାତ୍ରାରେ ସାମିଲ ହୋଇଥିଲେ । ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମକେଶରୀ ରାଉତରାୟଙ୍କ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନପୂଜାମଣ୍ଡପ ଏବଂ ସାହି ବସ୍ତି କ୍ଲବର ଠାକୁରଙ୍କ ମେଢ଼ ଘଣ୍ଟ ଘଣ୍ଟା, ଆଳଟ ଚାମରଭେରୀ ତୁରୀ ମହୁରୀ ହରିବୋଲ ହୁଳହୁଳିରେ ବିଭିନ୍ନ ପାରମ୍ପରିକ ବାଦ୍ୟରତାଳେ ତାଳେ ବାଣ ରୋଷଣୀକରି ସ୍ଥାନୀୟ ସୀତାରାମଛକ ମେଳଣସ୍ଥଳୀରେଏକତ୍ରିତ ହୋଇଥିଲେ। ମେଳଣ କମିଟି ପକ୍ଷରୁ ଅଧ୍ୟକ୍ଷ ସମସ୍ତ ଆମନ୍ତ୍ରିତ ପୂଜାମଣ୍ଡପର ବିଗ୍ରହଙ୍କୁ ପ୍ରତିବର୍ଷ ଭଳି ଧୂପ, ଦୀପ, ଫୁଲମାଳ ଏବଂ ଲଡୁ ଦେଇସମ୍ବର୍ଦ୍ଧିତ କରିବା ସହିତ ପୁଷ୍ପ ଏବଂ ବିଭିନ୍ନ ରଙ୍ଗ ବେରଙ୍ଗର ଅବିର ଛିଞ୍ଚନ କରିଥିଲେ । ସୀତାରାମ ଛକ ମେଳଣ ସ୍ଥାନରେ ଠାକୁରଙ୍କ ସ୍ୱାଗତ ଏବଂ ସମ୍ବର୍ଦ୍ଧନାପରେ ବାଣ, ବାଜା, ରୋଷଣୀରେ ବିସର୍ଜନ ପାଇଁ ଭସାଣି ଯାତ୍ରା ଆରମ୍ଭ ହୋଇଥିଲା । ଭସାଣି ଉତ୍ସବରେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣବଳବନ୍ତରାୟ, ନଗରପାଳଙ୍କ ସହିତ ନଗର ଏବଂ ଜିଲ୍ଲା ବିଜେଡିର ବହୁନେତା ଏବଂ କର୍ମୀ ଯୋଗ ଦେଇଥିଲେ। ନଗର କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କମାର ରାଉତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ମହୁଲଗୁଡ଼ିଆ ଛକଠାରେ ରାଜପା ରାଜ୍ୟପ୍ରବକ୍ତା ତଥା ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଦର୍ଶକଙ୍କୁ ଆଧାତ୍ମିକ ପରିବେଶରେ ବାନ୍ଧି ରଖିବା ପାଇଁ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।ମାରୱାଡି ଯୁବମଞ୍ଚ ଜଟଣୀ ସିଟି ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଖାଦ୍ୟପେୟ ବିତରଣ କରାଯାଇଥିଲା। ଭାଜପା ଜଟଣୀ ନଗର ମଣ୍ଡଳ ପକ୍ଷରୁ ଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନାଙ୍କ ସଭାପତିତ୍ୱରେ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ ପକ୍ଷରୁ ୩ ଜଣ ଏସିପି,୧୫ ପ୍ଲାଟୁନ ପୁଲିସ ଫୋର୍ସ ଏବଂ ୩୫ଜଣ ଅଧିକାରୀ ନିୟୋଜିତ କରାଯାଇଥିଲା । ସେହିପରି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିବା ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ସହରରେ ବୁଲି ପରିସ୍ଥିତି ଉପରେ ଦୃଷ୍ଟି ରଖିଥିଲେ ।

### ଝଡ଼ତୋଫାନରେ ଏମ୍‌ପିସି ହାଇସ୍କୁଲରେ ଗଛଡାଳ ଭାଙ୍ଗି, ଶ୍ରେଣୀଗୃହ, ସାଇକେଲ ଷ୍ଟାଣ୍ଡ କ୍ଷତିଗ୍ରସ୍ତ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପକଣ୍ଠ ବେତନଟୀ ପିଏମ ଏମପି ସ ହାଇସ୍କୁଲ ପରିସରରେ ଲଘୁଚାପଜନିତ ଲଗାଣ ବର୍ଷା ଏବଂ ପ୍ରବଳ ଝଡ଼ ତୋଫାନ ପାଇଁ ଗଛ ଏବଂ ଡାଳ ଭାଙ୍ଗି ଶ୍ରେଣୀଗୃହ, ରାଷେଇଘର ସମେତ ସାଇକେଲ ଷ୍ଟାଣ୍ଡ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସ୍କୁଲ ଛୁଟି ଥିବାରୁ ଏକ ବଡ଼ଧରଣର ଅଘଟଣ ଟଳି ଯାଇଛି । ପ୍ରାପ୍ତ ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିଠାରୁ ବର୍ଷା ଲାଗି ରହିଥିବା ବେଳେ ଶୁକ୍ରବାର ବର୍ଷା ସାଙ୍ଗକୁ ଝଡ଼ତୋଫାନ ଆରମ୍ଭ ହୋଇଯାଇଥିଲା । ପ୍ରବଳ ପବନ ଏବଂ ଝଡ଼ ତୋଫାନ ପ୍ରଭାବରେ ପିଏମଶ୍ରୀ ଏମପିସି ହାଇସ୍କୁଲ ପରିସରରେ ଥିବା ବିଶାଳକାୟ ଗଛ ଗୁଡ଼ିକର ଡାଳ ଭାଙ୍ଗି ଶ୍ରେଣୀଗୃହ ଉପରେ ପଡିବାରୁ ଷଷ୍ଠଶ୍ରେଣୀ ଗୃହର ଆଜବେଷ୍ଟସ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସ୍କୁଲ ଛୁଟି ଘୋଷଣା ହୋଇଥିବାରୁ ଶ୍ରେଣୀକକ୍ଷ ଖାଲି ରହିଥିଲା । ଯେଉଁଥି ପାଇଁ ଏକ ବଡ଼ ଧରଣର ଅଘଟଣ ଟଳି ଯାଇଛି । ସେହିଭଳି ଗଛଡାଳ ଭାଙ୍ଗି ସ୍କୁଲର ରୋଷେଇଘର ସମେତ ସାଇକେଲ ଷ୍ଟାଣ୍ଡ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ତେବେ ଷଷ୍ଠଶ୍ରେଣୀ କକ୍ଷର ଆଜବେଷ୍ଟସ ଭାଙ୍ଗିଯିବାରୁ ଭିତରକୁ ବର୍ଷା ପାଣି ପଶୁଥିବାରୁ ବେଞ୍ଚଡେସ୍କ ଗୁଡିକୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ ।

# ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ର ୫୬ତମ ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା, (ସବ୍ୟୁ): ସେବା, ସମର୍ପଣ ଓ ସାମାଜିକ ଦାୟିତ୍ୱବୋଧକୁ ମୂଳମନ୍ତ୍ର କରି ଛାତ୍ରଜୀବନରୁ ଜନସେବା ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ଏକ ସୁସ୍ଥ, ସୁନ୍ଦର ଓ ସବୁଜ ସମାଜ ଗଠନରେ ଯୁବପିଢ଼ିର ଭାଗୀଦାରି ସୁନିଶ୍ଚିତ କରିବା ଲକ୍ଷ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ.ଏସ.ଏସ) ର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ମୈତ୍ରୀ ଭବନ ପରିସରରେ ଆୟୋଜିତ ଏହି ଉତ୍ସବରେ ସେବା ଓ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟରେ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ, ପରିବେଶ ସୁରକ୍ଷା ଏବଂ ସମାଜ ପ୍ରତି ନିଜର କର୍ତ୍ତବ୍ୟ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।ଏହି ଅବସରରେ ଆୟୋଜିତ ସଭାରେ ଡ. ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନାର ଆଦର୍ଶ, ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜାତୀୟ ସେବା ଯୋଜନା ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ ଉପରେ ଆଲୋକପାତ କରି ସ୍ୱେଚ୍ଛାସେବୀମାନେ ନିଷ୍ଠାର ସହ ନିଜର ଦାୟିତ୍ୱ ତୁଲାଇବାକୁ




ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୂର୍ଣ୍ଣିମା ନାୟକ ସଭାରେ ଅଧ୍ୟକ୍ଷତା କରିବା ସହ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ନିଜର ଅଭିଜ୍ଞତା ଆଧାରରେ ଜାତୀୟ ସେବା ଯୋଜନାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମାଜର ଉନ୍ନତି ପାଇଁ ଯୁବପିଢ଼ିଙ୍କ ନିଷ୍ଠାପର ଉଦ୍ୟମ ଓ ସାମୂହିକ ସହଯୋଗ ଅପରିହାର୍ଯ୍ୟ ବୋଲି ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ.ଏସ.ଏସ.ର +୩ କାର୍ଯ୍ୟକ୍ରମ ଅଧିକାରୀ ଉମାକାନ୍ତ ମାର୍ଥା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ପ୍ରତୀକ୍ଷା ଆଚାର୍ଯ୍ୟ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ତିନି ଦିନ ହେଲା ଅନ୍ଧାରରେ ଉତ୍ତରା ବିଦ୍ୟୁତ ସେକ୍ସନ ଉପଭୋକ୍ତା

ପିପିଲି,(ସବ୍ୟୁ): ଦୀର୍ଘ ପାଞ୍ଚ ଦିନ ହେଲାଣି ପ୍ରବଳ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବାବେଳେ, ବେଡି ଉପରେ କୋରଡା ସଦୃଶ ଉତ୍ତରା ସେକ୍ସନ ଅନ୍ତର୍ଗତ ଗ୍ରାମ ଗୁଡିକୁ ବିଦ୍ୟୁତ ଯୋଗାଣ ବ୍ୟାପକ ବାଧାପ୍ରାପ୍ତ ହେତୁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଉତ୍ତରାରୁ ଯାଇଥିବା ଧଉଳି ଫିଡ଼ର ଲାଇନ ଉପରେ ଐତିହାସିକ ତଥା ପର୍ଯ୍ୟଟନ କ୍ଷେତ୍ର ଧଉଳି ଅଞ୍ଚଳ ସମେତ ପୁରା ପମସରା, ପୋପୋରଙ୍ଗା ପଞ୍ଚାୟତ ଏବଂ ଓରକାଳ ପଞ୍ଚାୟତର କେତକ ଗ୍ରାମ ନିର୍ଭରଶୀଳ ମାତ୍ର ୩ ଦିନ ହେଲାଣି ଅଧିବାସୀମାନେ ଅନ୍ଧାରରେ ରହି ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସେହିପରି ଅନ୍ୟ ଏକ ଫିଡ଼ର ଲାଇନ ଯୋଗୁ ଲକ୍ଷ୍ମୀନାରାୟଣପୁର, ଗୋବିନ୍ଦପୁର, ଦୈଶପାଟଣା କୁ ଯାଇଥିବା ବେଳେ ଏହା ଉପରେ ନିର୍ଭରଶୀଳ ୩୦ ରୁ ଉର୍ଦ୍ଧ ଗ୍ରାମର ଅଧିବାସୀ ଦେଢଦିନ ଲାଇନ ପାଇବାରୁ ବଞ୍ଚିତ ହୋଇଛନ୍ତି । ଲଲାଇନ ପାଇବା ପାଇଁ ସେକ୍ସନ କାର୍ଯ୍ୟାଳୟକୁ ଫୋନ କଲେ ଉତ୍ତର ମିଳୁନି ଦେଖା କରିବାକୁ ଗଲେ କୌଣସି ଅଧିକାରୀଙ୍କୁ ଦେଖିବାକୁ ମିଳୁନି, ସୀମିତ କର୍ମଚାରି ଧରାଛୁଆଁ ଦେଉନାହାନ୍ତି । ଏଠାକାର କନିଷ୍ଠ ଯନ୍ତ୍ରୀ ବଦଳି ହୋଇଯାଇଥିବାରୁ କାର୍ଯ୍ୟାଳୟ ଏକ ପ୍ରକାର ମୁରବି ଶୂନ୍ୟ ହୋଇଯାଇଛି । ଯଦି ତୁରନ୍ତ ଲୋକଙ୍କ ସମସ୍ୟାର ସମାଧାନ ନହୁଏ ଜନ ଆକ୍ରସ ଆନ୍ଦୋଳନ ର ରୂପ ନେବାର ସମ୍ଭାବନା ଦେଖାଦେଇଛି ।

# ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ପାଞ୍ଚ କଲେଜରେ ବୃକ୍ଷ ରୋପଣ

କଟକ, (ସ୍ୱପ୍ର): ସ୍ଥାନୀୟ ରାଜେନ୍ଦ୍ରନଗର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ




ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଉଦ୍ଦେଶ୍ୟ ନେଇ ଜଗତସିଂହପୁର ଜିଲ୍ଲାର ପାଞ୍ଚଟି ମହାବିଦ୍ୟାଳୟରେ ବ୍ୟାପକ ବୃକ୍ଷରୋପଣ କରାଯାଇଛି । ଶନିବାର ଅନୁଷ୍ଠାନର କର୍ମକର୍ତ୍ତାମାନେ ବାଲିକୁଦା ମହାବିଦ୍ୟାଳୟ, ବାଲିକୁଦା ମହିଳା ମହାବିଦ୍ୟାଳୟ, ଗଙ୍ଗଦାସ୍ଥିତ ମୌଳ ଭଣଜା ମହାବିଦ୍ୟାଳୟ, ନାଉଗାଁ ସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଏବଂ ଦେବୀଦୋଳ ସ୍ଥିତ ମା' କୁତାମଚଣ୍ଡୀ ମହାବିଦ୍ୟାଳୟରେ ବୃକ୍ଷରୋପଣ କରିଥିଲେ । ଏହି ଅଭିଯାନରେ ସମ୍ପୃକ୍ତ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆବଶ୍ୟକତା ଓ ପସନ୍ଦ ଅନୁଯାୟୀ ପ୍ରାୟ ୫୦୦ଟି ଔଷଧୀୟ, ଫୁଲ, ଫଳ ଏବଂ ଅନ୍ୟାନ୍ୟ ଉପଯୋଗୀ ଚାରା ରୋପଣ କରାଯାଇଥିଲା । ଫାଉଣ୍ଡେସନର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଦେବଦତ୍ତ ଧଳ, ମାଗୁଣି ଚରଣ ଦାସ, ବିଶ୍ୱରଞ୍ଜନ ସାହୁ, ରୁଦ୍ର ପ୍ରସାଦ ଦାସ, ପ୍ରଭାକର ମଲ୍ଲିକ, ସରୋଜ ରାଉତ, ପ୍ରସନ୍ନ କୁମାର ବାରିକ, ଅନୁଜ କୁମାର ଜେନା, ଚିନ୍ମୟ ସ୍ୱାଇଁ, ସୁବ୍ରତ ମଲ୍ଲିକ, ରାକେଶ କୁମାର ଯୋଶୀ, ପ୍ରଶାନ୍ତ ମୁଦୁଲି, ନିରଞ୍ଜନ ମୁଦୁଲି, ସନ୍ତୋଷ କାଣ୍ଡି, ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ । ଭବିଷ୍ୟତରେ ଏମିତି ସମାଜସେବା ମୂଳକ କାର୍ଯ୍ୟକ୍ରମ ନିରନ୍ତର ଜାରି ରହିବ ବୋଲି ଫାଉଣ୍ଡେସନ ପକ୍ଷରୁ ପ୍ରକାଶ କରାଯାଇଛି ।

### ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍

# ଭିଜିଲାନ୍ସ ପଞ୍ଝାରେ ଦୁଇ କର୍ମଚାରୀ

ଭୁବନେଶ୍ୱର, (ସବ୍ୟୁ) : ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ରୋଡ ଆଣ୍ଡ ବିଲ୍ଡିଂ (ଆର ଆଣ୍ଡ ବି)-୧ କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀ ଭିଜିଲାନ୍ସ ପଞ୍ଝାରେ ଅଛନ୍ତି । ଜାଲ ବିଲ କରି ୪୮ ଜଣ ସମ୍ପର୍କୀୟଙ୍କ ୭୭ ଆକାଉଣ୍ଟକୁ ଏହି ଆତ୍ମସାତ୍ ଟଙ୍କା ପଠାଇଥିଲେ । ୨୦୨୨ -୨୩ ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଟଙ୍କା ସେମାନେ ଆତ୍ମସାତ୍ କରିଥିବା ଭିଜିଲାନ୍ସ କହିଛି । ଆର ଆଣ୍ଡ ବି ଡିଭିଜନ ୧ ର ସେକ୍ସନ ଅଫିସର ବନଲତା ମହାନ୍ତି ଓ ଜୁନିୟର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକଙ୍କୁ ଭିଜିଲାନ୍ସ ଅଟକ ରଖି ପଚରାଉଚରା କରୁଛି । ଅଧିକ ସମ୍ପତ୍ତି ଠୁଳ କରିଥିବା ଦୁହିଁଙ୍କ ଘର ଓ ଅନ୍ୟାନ୍ୟ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି ।

ଏହି ଜାଲ ବିଲ ଗୁଡିକ ଅବସରପ୍ରାପ୍ତ କର୍ମଚାରୀଙ୍କ ନାଁରେ ପ୍ରୋଭିଜିନାଲ ଗ୍ରାଚୁଇଟ୍ ଓ ଅବ୍ୟବହୃତ ଛୁଟି ବାବଦ ଟଙ୍କା ଥିଲା । ସରକାରୀ ଅର୍ଥ ହଡପ କରିବା ପାଇଁ ଜାଲ ବିଲ ଗୁଡିକୁ ଇଣ୍ଟିଗ୍ରେଟେଡ୍ ଫାଇନାନସିଆଲ ମ୍ୟାନେଜମେଣ୍ଟ ସିଷ୍ଟମରେ ବେଆଇନ ଏବଂ ଅଧିକୃତ ଭାବେ ପ୍ରକ୍ରିୟାକରଣ କରାଯାଇଥିଲା । ଅସଲି ବିଲଗୁଡିକରେ ପ୍ରକୃତ ଲାଭାର୍ଥୀଙ୍କ ବ୍ୟାଙ୍କ ବିବରଣୀ ଥିବା ବେଳେ ଜାଲ ବିଲଗୁଡିକରେ ଦୁଇ ଅଭିଯୁକ୍ତଙ୍କ ସମ୍ପର୍କୀୟ ଓ ପରିଚିତଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ବଦଳାଇ ଦିଆଯାଇଥିଲା । ୪୮ ଜଣ ବ୍ୟକ୍ତିଙ୍କର ୭୭ ଟି ବ୍ୟାଙ୍କ ଆକାଉଣ୍ଟକୁ ଏହି ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କା ଟ୍ରାନ୍ସଫର କରାଯାଇଥିଲା । ସେମାନଙ୍କ ମଧ୍ୟରେ ସେକ୍ସନ ଅଫିସର ବନଲତା ମହାନ୍ତିଙ୍କ ପୁଅ , ଡ୍ରାଇଭର ଏବଂ ସହଯୋଗୀମାନଙ୍କ ସହିତ ଜୁନିୟର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକଙ୍କ ଭାଇ ଓ ସମ୍ପର୍କୀୟମାନଙ୍କ ବ୍ୟାଙ୍କ ଆକାଉଣ୍ଟ ରହିଛି । ଆକାଉଣ୍ଟଧାରୀ ମାନେ କିଛି ଅର୍ଥ ଅଭିଯୁକ୍ତମାନଙ୍କୁ ଫେରାଇ ଦେଇଥିଲେ କିମ୍ବା ନଗଦ ଟଙ୍କା ଉଠାଇ ସେମାନଙ୍କୁ ହସ୍ତାନ୍ତର କରିଥିଲେ । ଅର୍ଥ ହେରଫେର ଧରା ପଡିବା ଏବଂ ଏହି ମାମଲାର ତଦନ୍ତ ଆରମ୍ଭ ହେବା ପରେ ଦୁଇ କର୍ମଚାରୀଙ୍କ ଦ୍ୱାରା ଆତ୍ମସାତ ହୋଇଥିବା ଅର୍ଥରୁ ୩.୯୬ କୋଟି ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ କହିଛି । ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଦୁଇଜଣଙ୍କୁ ଅଟକ ରଖାଯିବା ସହ ତଦନ୍ତ ଜାରି ରହିଛି । ଭିଜିଲାନ୍ସ ପଞ୍ଝାରେ ଥିବା ଦୁଇକର୍ମଚାରୀ ଆର ଆଣ୍ଡ ବି ଡିଭିଜନ -୧ ର କାର୍ଯ୍ୟାଳୟର ଏଷ୍ଟାବିଲ୍ଲିସମେଣ୍ଟ ସେକ୍ସନରେ କାର୍ଯ୍ୟ କରନ୍ତି ।

### ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ଆସନ୍ତା ବର୍ଷଠାରୁ ଗ୍ରାମାଞ୍ଚଳରେ ମିଳିବ ସିଙ୍ଗଲ ୱିଣ୍ଡୋ ସୁବିଧା

କଟକ,( ସବ୍ୟୁ): ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳାର ସହିତ ସମ୍ପର୍ଣ୍ଣ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳ ଦୁର୍ଗାପୂଜା ବୈଠକ ନେତାଜୀ ସଂସ୍କୃତି ଭବନଠାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ବିଧାୟକ କଟକ ସଦର, ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଆବଶ୍ୟକ ଆଲୋକ ବ୍ୟବସ୍ଥା ଓ ଭୋଲ୍ଟେଜ୍ ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ ବିଭାଗକୁ ପଦକ୍ଷେପ ନେବାକୁ କହିଥିଲେ। ଏତତ୍ ବ୍ୟତୀତ ପୂଜା ଓ ଭସାଣି ସମୟରେ ନିଶା ଦ୍ରବ୍ୟ ବିଶେଷ କରି ମଦ ବିକ୍ରି ଓ ଅବୈଧ ମଦ କାରବାର ଉପରେ କଡ଼ା ନଜର ରଖିବାକୁ ଅବକାରୀ ବିଭାଗକୁ କୁହାଯାଇଛି । ଅବୈଧ ମଦ ବିକ୍ରି ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ଚଢ଼ାଉ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଭସାଣି ସମୟରେ ମଦ ଦୋକାନ ବନ୍ଦ ରଖିବା ସମ୍ପର୍କରେ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। ବରିଷ୍ଠ ସଦସ୍ୟ ରାମନାରାୟଣ ମହାନ୍ତି ପୂଜା ଅନୁଷ୍ଠିତ ହେଉଥିବା ଅଞ୍ଚଳ ମାନଙ୍କରେ ବିଶେଷ କରି ମଣ୍ଡପମାନଙ୍କର ସମସ୍ତ ଆବଶ୍ୟକତାଗୁଡ଼ିକ ପୂରଣ ନିମନ୍ତେ ପ୍ରଶାସନର ସହଯୋଗ ଲୋଡିଥିଲେ । ଗ୍ରାମାଞ୍ଚଳର ପୂଜା କମିଟିଗୁଡ଼ିକ ପାଇଁ ଆଗାମୀ ବର୍ଷ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଅସାମାଜିକ କାର୍ଯ୍ୟକଳାପ ଓ ହିଂସା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ପୂଜା ଓ ଭସାଣି ସମୟରେ ପୋଲିସ ପାଟ୍ରୋଲିଂ ବୃଦ୍ଧି କରିବା ସହ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କଡ଼ା ନଜର ରଖିବାକୁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବାଲି ପରିବହନ ,ଭାରି ଯାନ ଚଳାଚଳ ଓ ଅନ୍ୟାନ୍ୟ ସମସ୍ୟା ନେଇ ଖଣି ବିଭାଗ ସହ ଆଲୋଚନା କରି ଆବଶ୍ୟକ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଛନ୍ତି ।

ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଉପଜିଲ୍ଲାପାଳ ଆଠଗଡ ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ବାଙ୍କୀ ଶ୍ରୀମତୀ ମନସ୍ୱିନୀ ଦାସ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ନିଶ୍ଚିନ୍ତକୋଇଲି, ସାଲେପୁର, ବାଙ୍କୀ, ଟାଙ୍ଗୀ,ଭଦ୍ରେଶ୍ୱର, ଭଟିମୁଣ୍ଡା ଆଦି ଅଞ୍ଚଳର ଦୁର୍ଗାପୂଜା କମିଟି ଗୁଡ଼ିକର ପ୍ରତିନିଧିମାନେ ପୂଜା ପାଳନ ସମୟରେ ନିଜ ନିଜ ଅଞ୍ଚଳରେ ଆବଶ୍ୟକ ହେଉଥିବା କାର୍ଯ୍ୟ ଓ ସାମୁହିକ ଭାବେ ଦେଖା ଦେଉଥିବା ସମସ୍ୟା ସମାଧାନ ସମ୍ପର୍କରେ ମତାମତ ରଖିଥିଲେ। ଏହି ବୈଠକର ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ସମ୍ପୃକ୍ତ ବରିଷ୍ଠ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରନାରାୟଣ ମୁଦୁଲି ପ୍ରାରମ୍ଭିକ ସୂଚନା ଓ ବିବରଣୀ ପାଠ କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ପୂଜା ସମୟରେ ଗ୍ରାମାଂଚଳ ମାନଙ୍କରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୋଲିସ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁନିଟ୍-୮ ଡିଏଭିରେ ଗ୍ରାଣ୍ଡ ପ୍ୟାରେଣ୍ଟସ୍ ଡେ

ଭୁବନେଶ୍ୱର, (ସବ୍ୟୁ): ଶିଶୁମାନଙ୍କୁ ଜେଜେବାପା-ଜେଜେମା'ଙ୍କ ଭଲପାଇବା, ଅନୁଭୂତି ଓ ଜ୍ଞାନର ଆବଶ୍ୟକତା ବୁଝାଇବା ସହିତ ପାରିବାରିକ ସମ୍ପର୍କ, ସଂସ୍କାର ଓ ପିଢ଼ି ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ନେଇ ଡିଏଭି ପବ୍ଲିକ୍‌ସ୍କୁଲ୍, ୟୁନିଟ୍-୮ରେ ଗ୍ରାଣ୍ଡପ୍ୟାରେଣ୍ଟସ୍ ଡେ ପାଳିତ ହୋଇଯାଇଛି। ବୟୋଜ୍ୟେଷ୍ଠମାନଙ୍କ ସଙ୍ଗତି ଜୀବନକୁ ସଂସ୍କାରପୂର୍ଣ୍ଣ ଓ ଆନନ୍ଦମୟ କରିଥାଏ ବୋଲି ବିଦ୍ୟାଳୟର ଅଧ୍ୟକ୍ଷା ଈପ୍‌ସିତା ଦାସ ମତବ୍ୟକ୍ତ କରିଥିଲେ। କୁନିକୁନି ଛାତ୍ରଛାତ୍ରୀମାନେ ଶକ୍ତିରୂପା ନୃତ୍ୟ ନାଟିକା ମାଧ୍ୟମରେ ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ଆରାଧ୍ୟ ଦେବୀମାନଙ୍କର ମହିମା ଏବଂ ନାରୀ ଶକ୍ତିର ମହତ୍ତ୍ୱ ଓ ମହାନତାକୁ ଚମତ୍କାର ଭାବେ ଉପସ୍ଥାପନା କରିଥିଲେ। ପରିବର୍ତ୍ତନଶୀଳ ସମାଜରୁ ହଜି ଯାଉଥିବା ଗୁରୁଜନମାନଙ୍କ ପ୍ରତି ସହାନୁଭୂତି, ସମ୍ମାନ, କର୍ତ୍ତବ୍ୟ ଆଦି ଗୁଣ ସଭିଙ୍କ ଭିତରେ ବିକଶିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ନିମନ୍ତ୍ରିତ ଜେଜେ, ଜେଜେମା', ଅଜା ଓ ଆଇମାନଙ୍କ ମଧ୍ୟରେ କପ୍ ଦୁର୍ଗ ନିର୍ମାଣ ଓ




ବର୍ଜ୍ୟ ବସ୍ତୁରୁ ସୃଜନଶୀଳ ଜିନିଷ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଥିବା ବୟୋଜ୍ୟେଷ୍ଠ ଅଭିଭାବକ ଓ ବିଦ୍ୟାଳୟର ଶ୍ରେଷ୍ଠ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବୟୋଜେଷ୍ଠମାନେ କୁନିକୁନି ପିଲାଙ୍କ ପାଇଁ ଜ୍ଞାନ, ଆଦର୍ଶ ଓ ପ୍ରେରଣାର ମୁଖ୍ୟ ଉତ୍ସ ବୋଲି ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ ମତବ୍ୟକ୍ତ କରିଥିଲେ । ଶେଷରେ ବିଦ୍ୟାଳୟର ତତ୍ତ୍ୱାବଧାରିକା ରୀତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କେବେ ଘୁଞ୍ଚିବ ଦୁଃଖ, କେବେ ସୁଧୁରିବ ମୌଳିକ ସମସ୍ୟା

# ଘର କାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ, ନଦୀ ପାର ହୋଇପାରିଲେନି ଗର୍ଭବତୀ

ଭଞ୍ଜନଗର, (ସବ୍ୟୁ): ସରକାର ପରେ ସରକାର ବଦଳୁଛି ହେଲେ ସୁଧୁରୁନି ଲୋକଙ୍କ ମୌଳିକ ସମସ୍ୟା। ଲଗାଣ ବର୍ଷାରେ ମାଟିଘର କାନ୍ଥ ଭୁଷୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗର୍ଭବତୀ ନଦୀ ପାର ହୋଇନପାରି ଘରେ ପ୍ରସବ କରିଛନ୍ତି ।



ଘଟଣା ମୁତାବକ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉଡୁରା ଗାଁରେ ଘର କାନ୍ଥ ଭୁଷୁଡ଼ି ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ୭୫ ବର୍ଷିୟା, ହେମ ନାଇକ ବୋଲି ଜଣାପଡିଛି । ଲଗାଣ ବର୍ଷାରେ ଘର କାନ୍ଥ ଭୁଷୁଡ଼ି ପଡିଥିଲା । କାନ୍ଥ ତଳେ ମହିଳା ଚାପି ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ, ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିଭଳି, ଜଙ୍ଗଲି ନାଳରେ ବନ୍ୟା ପାଣି ଆସିଯିବାରୁ ମେଡ଼ିକାଲକୁ ଯାଇପାରିଲେ ନାହିଁ ଗର୍ଭବତୀ ମହିଳା । ଭଂଜନଗର ଥାନା ଅନ୍ତର୍ଗତ ବଣ ପାହାଡ ଘେରା ଉପାନ୍ତ ଅଞ୍ଚଳ କୁହାଯାଉଥିବା, ତଡମା ଗାଁରେ ନଜରକୁ ଆସିଥିଲା ଏଭଳି ଘଟଣା ।

ଖବର ପାଇ ଭଂଜନଗର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗର୍ଭବତୀ ମହିଳାଙ୍କୁ ନଦୀ ପାର କରାଇ ମେଡିକାଲକୁ ଆଣିବା ପାଇଁ ପ୍ରୟାସ କରିଥିଲେ । କିନ୍ତୁ ଗାଁକୁ ଲାଗି ରହିଥିବା ଜଙ୍ଗଲି ନାଳରେ ହଠାତ ବନ୍ୟାଜଳ ମାଡ଼ି ଆସିଥିଲା । ଅଗ୍ନିଶମ ବାହିନୀ ବୋଟ୍ ସାହାଯ୍ୟରେ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରି ଆଣିବା ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ବନ୍ୟାଜଳର ପ୍ରକୋପ ବିପଦ ଶଙ୍କୁଳ ରହିଥିବାରୁ ତାଙ୍କୁ ନଦୀ ପାର କରିବା ସମ୍ଭବ ହୋଇ ପାରିଲା ନାହିଁ । ଏହା ଭିତରେ ମହିଳା ଜଣକ ଫେରିଯାଇ ନିଜ ଘରେ ପ୍ରସବ କରିଥିଲେ । ଅନ୍ୟପକ୍ଷରେ ତିନିଦିନ ଧରି ଲାଗି ରହିଥିବା ଲଗାଣ ବର୍ଷାରେ ଭଂଜନଗର ଓ ବେଲଗୁଣ୍ଠା ବ୍ଲକର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା ।

# ଚିକିତ୍ସା ବିଳମ୍ବରୁ ମହିଳାଙ୍କ ମୃତ୍ୟୁ, ୩ ବର୍ଷର ଶିଶୁ ମା’ ଛେଉଣ୍ଡ

ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ବିଳମ୍ବ ଏବଂ ରକ୍ତ ଯୋଗାଣକୁ ନେଇ ପରିବାର ପକ୍ଷରୁ ଅଭିଯୋଗ ଉଠିଥିବାବେଳେ ଜଣେ ୨୭ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଝାରପୋଖରିଆ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଅଜିତ ନାଏକଙ୍କ ସ୍ତ୍ରୀ ସଙ୍ଗୀତା ନାଏକ । ତାଙ୍କ ମୃତ୍ୟୁ ପରେ ୩ ବର୍ଷର ଶିଶୁପୁତ୍ର ମାଆ ଛେଉଣ୍ଡ ହୋଇଛି । ପରିବାରର ସୂଚନା ଅନୁଯାୟୀ, ସଙ୍ଗୀତାଙ୍କ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା । ସେ ପ୍ରବଳ ଯନ୍ତ୍ରଣାରେ ଥିବା ସହ ତାଙ୍କ ଦୁଇ ଗୋଡ଼ ଅଚଳ ହୋଇଯାଇଥିଲା । ପରିବାର ତାଙ୍କୁ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ପରୀକ୍ଷା ପରେ ରକ୍ତର ପରିମାଣ ଅତ୍ୟନ୍ତ କମ୍ ଥିବା ଜଣାପଡ଼ିଥିବା ପରିବାର ପକ୍ଷରୁ ଦାବି କରାଯାଇଛି । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ରେଫର୍ କରାଯାଇଥିଲା । ପରିବାର ତାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପିଆରଏମ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସଙ୍ଗୀତାଙ୍କ ଭାଇ ଆଶିଷ ନାଏକଙ୍କ ଅଭିଯୋଗ ଅନୁଯାୟୀ, ରକ୍ତର ପରିମାଣ କମ୍ ଥିବାରୁ ତୁରନ୍ତ ରକ୍ତ ଦେବାକୁ ସେମାନେ ଅନୁରୋଧ କରିଥିଲେ ।

ଆବଶ୍ୟକ ହେଲେ ନିଜେ ରକ୍ତ ଯୋଗାଡ଼ କରିବାକୁ ମଧ୍ୟ ପରିବାର ପ୍ରସ୍ତୁତ ଥିଲା । ତେବେ ରାତିରେ ରକ୍ତ ଦିଆଯାଇପାରିବ ନାହିଁ ବୋଲି ସେମାନଙ୍କୁ କୁହାଯାଇଥିବା ପରିବାର ଅଭିଯୋଗ କରିଛି । ଆଶିଷଙ୍କ ଅଭିଯୋଗ ଅନୁଯାୟୀ, ସଙ୍ଗୀତା ରାତିସାରା ଯନ୍ତ୍ରଣାରେ ରହିଥିବାବେଳେ ପରିବାର ଡାକ୍ତରଙ୍କ ଚିକିତ୍ସା ପାଇଁ ଅପେକ୍ଷା କରିଥିଲା । ତାଙ୍କୁ ଜରୁରୀକାଳୀନ ଚିକିତ୍ସା ମିଳିନଥିବା ମଧ୍ୟ ପରିବାର ଅଭିଯୋଗ କରିଛି । ପରେ ସକାଳେ ଡାକ୍ତର ଆସି ସଙ୍ଗୀତାଙ୍କ ମୃତ୍ୟୁ ଘଟିଥିବା ଜଣାଇଥିଲେ ବୋଲି ପରିବାର କହିଛି । ଘଟଣାକୁ ନେଇ ସଙ୍ଗୀତାଙ୍କ ପରିବାର ଚିକିତ୍ସାରେ ବିଳମ୍ବ, ରକ୍ତ ଯୋଗାଣ ଏବଂ ଆବଶ୍ୟକ ସମୟରେ ଚିକିତ୍ସା ମିଳିଥିଲା କି ନାହିଁ, ସେନେଇ ପ୍ରଶ୍ନ ଉଠାଇଛି । ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ସମସ୍ତ ପରିସ୍ଥିତିର ନିରପେକ୍ଷ ତଦନ୍ତ ପାଇଁ ପରିବାର ଦାବି କରିଛି । ଯଦି କୌଣସି ଅବହେଳା ପ୍ରମାଣିତ ହୁଏ, ତେବେ ନିୟମାନୁଯାୟୀ ଜବାବଦେହିତା ନିର୍ଦ୍ଧାରଣ କରିବାକୁ ଆଶିଷ ନାଏକ ଦାବି କରିଛନ୍ତି । ଏପଟେ ଝିଅକୁ ହରାଇ ପରିବାର ଶୋକରେ ଭାଙ୍ଗିପଡ଼ିଥିବାବେଳେ ମାଆଙ୍କୁ ହରାଇ ୩ ର୍ଷର ଶିଶୁପୁତ୍ର ମଧ ମାଆ ଛେଉଣ୍ଡ ହୋଇଛି । ତେବେ ପରିବାରର ଏହି ଅଭିଯୋଗ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ ।

## ବର୍ଷା ବିପତ୍ତିରେ ମୟୂରଭଞ୍ଜ

# ଖୋଲିଲା ୫୧ ମାଗଣା ରୋଷେଇ କେନ୍ଦ୍ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ସେପେଟମ୍ବର ୨୩ ତାରିଖରୁ ଲାଗିରହିଥିବା ପ୍ରବଳ ବର୍ଷା ଯୋଗୁଁ ବାରିପଦା ପୌରପାଳିକା ସମେତ ୨୦ଟି ବ୍ଲକ ପ୍ରଭାବିତ ହୋଇଛି । ବନ୍ୟା ପରିସ୍ଥିତି ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ୍‌ର ଗୋଟିଏ ଟିମ୍ ସହ ୧୮ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଛନ୍ତି ।

ବଡ଼ସାହି, ବେତନଟୀ, ଉଦଳା, କପ୍ତିପଦା, ସାରସକଣା ଓ ରସଗୋବିନ୍ଦପୁର ବ୍ଲକ ସମେତ ବାରିପଦା ପୌରପାଳିକା ଅଞ୍ଚଳରେ ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେସନ ଜାରି ରହିଛି । ଜିଲ୍ଲା ପ୍ରଶାସନର ରିଲିଫ୍ ବ୍ୟବସ୍ଥା ଅନୁଯାୟୀ, ବର୍ତ୍ତମାନ ୫୧ଟି ମାଗଣା ରୋଷେଇ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି । ଏହି କେନ୍ଦ୍ରଗୁଡ଼ିକରେ ସ୍ଥାନାନ୍ତରିତ ୧୮,୫୦୧ ଜଣଙ୍କୁ ଆଶ୍ରୟ ଓ ଖାଦ୍ୟ ଯୋଗାଇ ଦିଆଯାଉଛି । ପ୍ରଭାବିତ ଅଞ୍ଚଳରେ ଚିକିତ୍ସା ସେବା ପାଇଁ ୧୧ଟି ଡାକ୍ତରୀ ଦଳ ନିୟୋଜିତ ହୋଇଥିବାବେଳେ ପଶୁ ଚିକିତ୍ସା ପାଇଁ ୩ଟି ମୋବାଇଲ ଭେଟେରିନାରୀୟୁନିଟ୍ (ଏମ୍‌ଭିୟୁ) ମଧ୍ୟ ନିୟୋଜିତ ହୋଇଛି । ଏଥିସହ ଶୁଖିଲା ଖାଦ୍ୟ ସାମଗ୍ରୀ ସହ ୧୧୫ଟି ପଲିଥିନ୍ ରୋଲ୍ ସମେତ ଆବଶ୍ୟକ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି । ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନ ଅନୁଯାୟୀ, ୮ଟି କଚ୍ଚାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୯ଟି କଚ୍ଚା ଘର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ସେହିପରି ୫୦୧ଟି କଚ୍ଚା ଘର ଓ ୧୪ଟି ପକ୍କା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ଏଥିସହ ୮ଟି ଝୁମ୍ପୁଡ଼ି ଓ ୨୩ଟି ଗୋଶାଳା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ପ୍ରଶାସନର ପ୍ରାରମ୍ଭିକ ଆକଳନରୁ ଜଣାପଡ଼ିଛି । ବର୍ତ୍ତମାନର ବନ୍ୟା ଯୋଗୁଁ ଜିଲ୍ଲାର ପ୍ରାୟ ୧୦୦୬ ହେକଟର ଫସଲ ଜମି ପ୍ରଭାବିତ ହୋଇଥିବା ସୂଚନା ମିଳିଛି । ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ନଜର ରଖିବା ସହ ରିଲିଫ୍, ଉଦ୍ଧାର ଓ ଆବଶ୍ୟକ ସେବା ଯୋଗାଣ ଜାରି ରଖିଛି ।

## ଅଶୋକନଗର ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା

# ୧୦୦୦ ଲିଟର କ୍ଷୀରରେ ହେଲା ବିଘ୍ନରାଜଙ୍କ ବିସର୍ଜନ

ବ୍ରହ୍ମପୁର, (ସବ୍ୟୁ) : ଅଶୋକ ନଗର ଯୁବକ ସଂଘ ତରଫରୁ ଆୟୋଜିତ ୩୨ ଫୁଟ ଗଣେଶ ପୂଜା ଶୁକ୍ରବାର ସଂଧ୍ୟାରେ ଉଦଯାପିତ ସହ ବିସର୍ଜନ ହୋଇଛି । ହଜାରେ ଲିଟର କ୍ଷୀରାରେ ଅଭିଷେକ ଜରିଆରେ ନୀତି ନିୟମ ଅନୁଯାୟୀ ବିସର୍ଜନ କରାଯାଇଥିଲା ।



ଏହି ଅବସରରେ ଆଖପାଖ ଅଞ୍ଚଳର ବହୁ ଭକ୍ତ ଉପସ୍ଥିତ ଥିଲେ । କମିଟି ସଭାପତି ତଥା ୩୨ନଂ ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣା, ପୂଜା ମୁଖ୍ୟ ଏ. ସନ୍ତୋଷ କୁମାର୍ ପାତ୍ର, ବିକ୍ରମ ଜେନା, ଶକ୍ତିଧର ରାଜଗୁରୁ, ସୁଦୀପ ସାହୁ, ସୂରଜ ମହାରଣା, ଆଦିତ୍ୟ ପଟ୍ଟନାୟକ ଓ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# ସେମିଷ୍ଟାର ପରୀକ୍ଷାରେ ଏମ୍‌ସିଏମ୍ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତଯୁଜି ତୃତୀୟ ସେମିଷ୍ଟର ପରୀକ୍ଷା ଫଳାଫଳରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍) ଉଲ୍ଲେଖନୀୟ ସଫଳତା ହାସଲ କରିଛି । କଲେଜର ସାମଗ୍ରିକ ଫଳାଫଳ ପ୍ରାୟ ୯୯ ପ୍ରତିଶତ ହୋଇଥିବାରୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । କଳା ବିଭାଗରେ ଅର୍ଥନୀତି ସମ୍ମାନର ମନୀଷା ମାରାଣ୍ଡି ୭୬.୮ ଶତକଡା, ଶିକ୍ଷା ବିଭାଗର ପଦ୍ମପ୍ରିୟା ଗିରି ୮୦.୪୦ ଶତକଡା, ଇଂରାଜୀ ସମ୍ମାନର ବିଷ୍ଣୁପଦ ଗୌଡ଼ ୭୭.୭୦ ଶତକଡା, ଭୂଗୋଳର ମାନସ ନନ୍ଦୀ ୭୦.୭୦ ଶତକଡା, ଇତିହାସ ସମ୍ମାନର ସୋନାଲି ହେମ୍ବ୍ରମ ୭୬.୮ ଶତକଡା, ଗୃହବିଜ୍ଞାନର ହିସି ହେମ୍ବ୍ରମ ୭୩.୧୦ ଶଥକଡା, ଓଡ଼ିଆର ଲଗ୍ନଜିତା ମହାକୁଡ଼ ୭୩.୧୦ ଶତକଡା, ଦର୍ଶନଶାସ୍ତ୍ରର ସୋନିଆ ହାଁସଦା ୮୦.୩୦ ଶତକଡା, ରାଜନୀତି ବିଜ୍ଞାନର ଦୁଲାରୀ ହାଁସଦା ୭୬.୩୦ ଶତକଡା ଏବଂ ସମାଜବିଜ୍ଞାନର ଗୀତା ବେହେରା ୭୭.୨୦ ଶତକଡା ନମ୍ବର ରଖିଛନ୍ତି । ସାନ୍ତାଳୀ ବିଭାଗରେ ବାଲା ମୁର୍ମୁ ଓ ଲଡୁ ରାମ ସୋରେନ ୭୧.୮୦ ଶତକଡା ଲେଖାଏଁ ନମ୍ବର ହାସଲ କରିଛନ୍ତି । ବିଜ୍ଞାନ ବିଭାଗରେ ମଧ ଛାତ୍ରଛାତ୍ରୀଙ୍କ ଫଳାଫଳ ଉତ୍ସାହଜନକ ରହିଛି । ଉଦ୍ଭିଦ ବିଜ୍ଞାନର ଅଞ୍ଜଳି ହାଁସଦା ୮୦ ଶତକଡା, ରସାୟନ ବିଜ୍ଞାନର ଶ୍ରୁତିରେଖା ସିଂ ୭୮.୧ ଶତକଡା, ପଦାର୍ଥ ବିଜ୍ଞାନର ସ୍ମୃତିରେଖା ନାୟକ ୮୦ ଶତକଡା, ପ୍ରାଣୀ ବିଜ୍ଞାନର ଆଦିତ୍ୟ କୁମାର ବାରିକ ୮୧.୩୦ ଶତକଡା, ମାଇକ୍ରୋବାୟୋଲୋଜିର ମନୀଷା ମହାନ୍ତି ୭୬.୩୦ଶତକଡା ଏବଂ ସୂଚନା ପ୍ରଯୁକ୍ତି ବିଭାଗର ଜଗଦୀଶ ମହାନ୍ତ ୭୮.୬୦ଶତକଡା ନମ୍ବର ରଖିଛନ୍ତି । ବାଣିଜ୍ୟ ବିଭାଗରେ ଆୟୁଷ ଅନ୍ତରୀକ୍ଷ ମହାନ୍ତ ୮୬ ଶତକଡା ନମ୍ବର ରଖି ବିଭାଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।

ଏହି ସଫଳତାରେ ଖୁସି ପ୍ରକାଶ କରି କଲେଜର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପରିଶ୍ରମକୁ ପ୍ରଶଂସା କରିଛନ୍ତି । ଆଗାମୀ ସେମିଷ୍ଟରରେ ଆହୁରି ଭଲ ଫଳାଫଳ ପାଇଁ ଛାତ୍ରଛାତ୍ରୀଙ୍କୁ ନିୟମିତ ମାର୍ଗଦର୍ଶନ ଓ ପରୀକ୍ଷାଭିତ୍ତିକ ପ୍ରସ୍ତୁତି କରାଇବାକୁ ସେ ସମସ୍ତ ବିଭାଗର ଅଧ୍ୟାପକ-ଅଧ୍ୟାପିକାଙ୍କୁ ପରାମର୍ଶ ଦେଇଛନ୍ତି ।

## ଓମେନ୍ ଏଣ୍ଟରପ୍ରିନରସିପ୍ ଏକ୍ସଲେନ୍ସ ଆୱାର୍ଡ

# ସମ୍ମାନିତ ହେଲେ ‘ସୃଜନିକା’ର ୧୨ ମହିଳା ଉଦ୍ୟମୀ



ବ୍ରହ୍ମପୁର, (ସବ୍ୟୁ): ନିଜର ନିଷ୍ଠା ଓ ପରିଶ୍ରମ ବଳରେ ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଦକ୍ଷିଣ ଓଡ଼ିଶାର ମହିଳା । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍)ର ସହାୟତାରେ ପରିଚାଳିତ “ସୃଜନିକା’ ସହ ଜଡ଼ିତ ୧୨ ଜଣ ସଫଳ ମହିଳା ଉଦ୍ୟମୀଙ୍କୁ ଓଡ଼ିଶା କର୍ପୋରେଟ୍ ଫାଉଣ୍ଡେସନ୍ ପକ୍ଷରୁ ‘ଓ୍ୱମେନ୍ ଏଣ୍ଟରପ୍ରିନରସିପ୍ ଏକ୍ସଲେନ୍ସ ଆଓ୍ୱାର୍ଡ ୨୦୨୬’ ଅବସରରେ “ଉଦ୍ୟମୀ ଅଫ୍ ଦି ଇୟର’ ଭାବେ ସମ୍ମାନିତ କରାଯାଇଛି ।

ବ୍ରହ୍ମପୁରର ଏକ ହୋଟେଲ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ୧୨ ଜଣ ମହିଳାଙ୍କୁ ଗ୍ରାମାଞ୍ଚଳରେ ଜୀବିକା ସୃଷ୍ଟି, ନେତୃତ୍ୱ ଏବଂ ଗୋଷ୍ଠୀଗତ ବିକାଶ କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି । ଏହି ସମାରୋହରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଉଦ୍ୟମୀଙ୍କୁ ପୁରସ୍କୃତ କରିଥିଲେ ।

ଗ୍ରାମାଞ୍ଚଳ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ କରୁଥିବା କାର୍ଯ୍ୟକୁ ସାଂସଦ ଡ. ପାଣିଗ୍ରାହୀ ପ୍ରଶଂସା କରିଥିଲେ । ପୁରସ୍କୃତ ହୋଇଥିବା ୧୨ ଜଣ ମହିଳା ହେଉଛନ୍ତି- ସୁମିତ୍ରା ଗୌଡ଼, ଏମ୍. ଦେବଲକ୍ଷ୍ମୀ, ଏନ୍. ଦମୟନ୍ତୀ ରେଡ୍ଡୀ, ଚୁମକି ଚୌଧୁରୀ, ସୁକାନ୍ତି ଦାସ, ଅର୍ଚ୍ଚନା ଗୌଡ଼, ଜୟନ୍ତୀ ଦାସ, ମନୀଷା ଦାସ, ସ୍ୱପ୍ନା ବେହେରା, ଲକ୍ଷ୍ମୀ ରେଡ୍ଡୀ, ଝିଲି ଦାସ ଏବଂ ରଞ୍ଜିତା ବେହେରା। ଏହି ମହିଳା ଉଦ୍ୟମିମାନେ କ୍ୟାଟରିଂ, କୁକୁଡ଼ା ପାଳନ, କ୍ଷୁଦ୍ର ବ୍ୟବସାୟ, ପୋଷାକ ତିଆରି, ହସ୍ତଶିଳ୍ପ ଏବଂ ପାରମ୍ପରିକ ଆଦିବାସୀ କଳାର ପ୍ରସାର ଭଳି ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି । ଗୋପାଳପୁରରେ ଆରମ୍ଭ ହୋଇଥିବା “ସୃଜନିକା’ କେବଳ ମହିଳାମାନଙ୍କୁ ରୋଜଗାରର ପନ୍ଥା ଦେଖାଇନାହିଁ, ବରଂ ଓଡ଼ିଶାର ପାରମ୍ପରିକ ଓ ଆଦିବାସୀ କଳା ସଂସ୍କୃତିକୁ ବଞ୍ଚାଇ ରଖିବାରେ ଏକ ବଡ଼ ମାଧ୍ୟମ ପାଲଟିଛି । ଗୋଟିଏ ଛୋଟ ସ୍ୱୟଂ ସହାୟକ ଗୋଷ୍ଠୀରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆଜି ଏକ ସଙ୍ଗଠିତ ବ୍ୟବସାୟିକ ରୂପ ନେଇଛି ।

ଏଠାରେ ମହିଳାମାନେ ପାରମ୍ପରିକ ଆଦିବାସୀ କଳା, ପୋଷାକ ସିଲେଇ, ହସ୍ତଶିଳ୍ପ, ହାତବୁଣା ବ୍ୟାଗ୍, କର୍ପୋରେଟ୍ ଗିଫଟିଂ ଏବଂ ବଜାର ସଂଯୋଗୀକରଣ ଭଳି କାମ ସଫଳତାର ସହ ପରିଚାଳନା କରୁଛନ୍ତି । ସୃଜନିକାର ମହିଳାମାନେ ଓଡ଼ିଶା ପୋଲିସ୍, ଭାରତୀୟ ନୌସେନା ଏବଂ ଭାରତୀୟ ସେନା ପାଇଁ ସିଲେଇ ଓ ପୋଷାକ ଯୋଗାଣ କାମ କରି ନିଜର ଦକ୍ଷତା ଦେଖାଇ ସାରିଛନ୍ତି । ଏହାସହିତ “କାଳା ଘୋଡ଼ା ଆର୍ଟସ ଫେଷ୍ଟିଭାଲ୍’, “ସମ୍ବାଦ’ ଏବଂ “ପଲ୍ଲୀଶ୍ରୀ ମେଳା’ ଭଳି ଜାତୀୟ ସ୍ତରର ପ୍ରଦର୍ଶନୀରେ ସୌରା, ଜୁଆଙ୍ଗ, ଗୋଣ୍ଡ ଓ ପଟ୍ଟଚିତ୍ର ଭଳି ଓଡ଼ିଶାର ସମୃଦ୍ଧ କଳାକୁ ଲୋକଲୋଚନକୁ ଆଣିପାରିଛନ୍ତି ।

# ଠାକୁରମୁଣ୍ଡାରୁ ଉଦ୍ଧାର ବାଘ ଶାବକର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର, ଚିକିତ୍ସା ଜାରି

ବାରିପଦା, (ସବ୍ୟୁ) : ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ କାପରଖାଇ ଗ୍ରାମରୁ ଉଦ୍ଧାର ହୋଇଥିବା ବାଘ ଶାବକର ଚିକିତ୍ସା ଜାରି ରହିଛି । ଉଦ୍ଧାର ପରେ ଶାବକଟିକୁ ଜଙ୍ଗଲ ପରିସରକୁ ନିଆଯାଇ ଅଲଗା ରଖାଯାଇଥିବାବେଳେ ବନ ବିଭାଗ ପକ୍ଷରୁ ତାହାର ଚିକିତ୍ସା ଆରମ୍ଭ କରାଯାଇଛି । ବନ ବିଭାଗର ସୂଚନା ଅନୁଯାୟୀ, ଗତ ୨୫ତାରିଖରେ ବାଘ ଶାବକଟିକୁ ମୌଖିକ ଔଷଧ ସହ ୨.୫କେଜି ମାଂସ ଦିଆଯାଇଥିଲା । ଶାବକଟି ଏହାକୁ ଖାଇବା ପରେ ଶାନ୍ତ ରହିଥିବା ସହ ଧୀରେ ଧୀରେ ଶକ୍ତି ଅର୍ଜନ କରୁଥିବା ଜଣାପଡ଼ିଛି । ଶାବକର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ରକ୍ତ ନମୁନା ସଂଗ୍ରହ କରାଯିବ । ଏଥିସହ ଶକ୍ତି ଓ ଫିଟନେସ୍‌ରେ ଉନ୍ନତି ଆଣିବା ପାଇଁ ଆଜି ମଧ ତାହାକୁ ଆବଶ୍ୟକ ଖାଦ୍ୟ ଯୋଗାଇ ଦିଆଯିବ । ବନ ବିଭାଗର ତତ୍ତ୍ୱାବଧାନରେ ଶାବକର ସ୍ୱାସ୍ଥ୍ୟାବସ୍ଥା ଉପରେ ନିୟମିତ ନଜର ରଖାଯାଉଛି ।

# ଲଗାଣ ବର୍ଷାରେ ୩ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ମୃତ

ଛତ୍ରପୁର/ଗଞ୍ଜାମ, (ସବ୍ୟୁ): ଗଭୀର ଅବପାତ ପ୍ରଭାବରେ ଗଞ୍ଜାମ ଜିଲ୍ଲା ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଠାରେ ଏକ କୁକୁଡ଼ା ଫାର୍ମରେ ପାଣି ପଶିଯାଇଥିବା ଫଳରେ ୩ ହଜାରରୁ ଅଧିକ କୁକୁଡ଼ା ମୃତ ହୋଇଥିବା ଦେଖିବାକୁ ମିଳିଛି । ମୃତ କୁକୁଡ଼ା ଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହେବ ବୋଲି ଜଣା ପଡିଛି । ଗତ କିଛି ବର୍ଷ ତଳେ ଦାମୋଦରପୁର ଗ୍ରାମର କାମିନୀ ବେହେରା ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ କୁକୁଡ଼ା ଫାର୍ମ କରିଥିଲେ । ଏଯାବତ ତାଙ୍କର ମୂଳ ଟଙ୍କା ବାହାରି ନଥିବା ବେଳେ ଏବେ ଲଗାଣ ବର୍ଷରେ କୁକୁଡ଼ା ଗୁଡିକ ମରିଯିବା ଫଳରେ ତାଙ୍କ ମେରୁଦଣ୍ଡ ଦୋହଲି ଯାଇଥିବାରୁ କାମିନୀ ଓ ତାଙ୍କ ସ୍ୱାମୀ ମନେନ୍ଦ୍ର ବେହେରା ଭାଙ୍ଗି ପଡିଛନ୍ତି । ଏଣୁ ମାସିକ କିସ୍ତି ଟଙ୍କା ଛାଡ଼ କରିବା ସହିତ କ୍ଷତି ପୂରଣ ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି । ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ପ୍ରାଣୀ ଚିକିତ୍ସା ବିଭାଗର ବହୁ ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଅନୁଧାନ କରିଥିଲେ ।

# ଡ୍ରିମ୍ସରେ ବିଶ୍ୱ ଫାର୍ମାସିଷ୍ଟ ଦିବସ



କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଫାର୍ମାସୀ ଆନୁକୂଲ୍ୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ଉତ୍ସବକୁ ଅଭାସୀ ମାଧ୍ୟମରେ ଉଦଘାଟନ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ପ୍ରମୁଖ ଭୂମିକା ରହିଥିବା ଉଲ୍ଲେଖ କରି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ମୁଖ୍ୟଅତିଥି ଅବସରପ୍ରାପ୍ତ ମୁଖ୍ୟ ଫାର୍ମାସିଷ୍ଟ ହୃଷିକେଶ ମହାନ୍ତ ଗ୍ରାମାଞ୍ଚଳର ଜନସାଧାରଣଙ୍କ ବୁଝି ପାରିଲା ଭଳି ପରାମର୍ଶ ଓ ସେବା ଯୋଗାଇଦେବା ଉପରେ ଜଣେ ଫାର୍ମାସିଷ୍ଟ ପ୍ରାଥମିକତା ଦେବା ଜରୁରୀ ବୋଲି କହିଥିଲେ। ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ ଫାର୍ମାସିଷ୍ଟମାନେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଥିବାରୁ ସେମାନେ ମଧ୍ୟ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବାର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡିନ୍ (ଗବେଷଣା) ଡ. ବିଶ୍ୱ ରଂଜନ ମହାନ୍ତି, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ଏବଂ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଚଳିତ ବର୍ଷର ଥିମ୍ ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟମାନଙ୍କୁ ସଶକ୍ତ କରାଇବା ଆହ୍ୱାନ ସଂପର୍କରେ ପ୍ରତ୍ୟେକ ସଚେତନ ହେବାର ଆବାୟକତା ରହିଛି ବୋଲି କହିଥିଲେ । ପ୍ରାଧ୍ୟାପକ ଡ. କାହ୍ନୁଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀ ଜୀନତ୍ ଆଫରୋଜ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ଓଡିଶୀ ନୃତ୍ୟ ପରିବେଷଣ ସହ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

# ନଟରାଜ ନୃତ୍ୟାୟନ ଉଦ୍‌ଘାଟିତ

ଭଞ୍ଜନଗର, (ସବ୍ୟୁ) : ଗଞ୍ଜାମ ଜିଲା ଭଞ୍ଜନଗର ସହର ବେଲଗୁଣ୍ଠା ରୋଡରେ “ନଟରାଜ ନୃତ୍ୟାୟନ’ ଉଦଘାଟିତ ହୋଇଯାଇଛି । ଜଲ୍ଲାର ଜଣାଶୁଣା ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରିୟଙ୍କା ପ୍ରିୟଦର୍ଶନୀ ଏହି ନୃତ୍ୟାୟନ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ସେ ପୂର୍ବତନ ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ ଓ ପୂର୍ବତନ ଜିଲା ମହିଳା କଂଗ୍ରେସ କାର୍ଯ୍ୟକାରି ସଭାନେତ୍ରୀ ତଥା ପୂର୍ବତନ ବେଲଗୁଣ୍ଠା ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ମମତା ନାୟକଙ୍କ କନ୍ୟା । ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ପ୍ରଚାର ଓ ପ୍ରସାର କରିବା ଏହି ନୃତ୍ୟାୟନ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷକରି ଏଠାରେ ଓଡ଼ିଶୀ, ସମ୍ବଲପୁରୀ ସମେତ ଆସାମର ପାରମ୍ପରିକ ନୃତ୍ୟ “ବିହୁ’ର ତାଲିମ ପ୍ରଦାନ କରାଯିବ ବୋଲି ପ୍ରିୟଙ୍କା ପ୍ରିୟଦର୍ଶନୀ କହିଛନ୍ତି । ନୃତ୍ୟାୟନର ଶୁଭାରମ୍ଭ ଅବସରରେ ପୂଜାର୍ଚ୍ଚନା କରାଯାଇଥିଲା । ଖୁବ୍‌ଶୀଘ୍ର ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ ହେବ ବୋଲି ଜଣାପଡ଼ିଛି । କାର୍ଯ୍ୟକ୍ରମରେ ପୁରୋହିତ ନୃସିଂହ ଶତପଥୀ, ଦୟାନିଧିପୁର ଶାସନର ସଂଗ୍ରାମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି କେନ୍ଦ୍ର ଖୋଲିବା ପରେ ଭଞ୍ଜନଗର ଅଞ୍ଚଳରେ ଆହୁରି ଅନେକ ନୂଆ ନୂଆ ଓଡ଼ିଶୀ ନୃତ୍ୟ ଶିଳ୍ପୀ ବାହାରିବେ ବୋଲି ଆଶା କରାଯାଉଛି ।

## ଦୁର୍ଘଟଣାରେ ୨ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଗୁରୁତର

ଛତ୍ରପୁର, (ସବ୍ୟୁ): ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଅଗସ୍ତି ନୂଆଗାଁ ନିକଟରେ ଶନିବାର ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଗୁରୁତର ଆହତ ହୋଇଛନ୍ତି । ଆହତ ଦୁଇଜଣ ହେଲେ କାଳୀପଲ୍ଲୀ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ସ୍ୱାଗତିକା ମାଝୀ ଓ ପୋଡ଼ାପଦର ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ରଶ୍ମିତା ସାହୁ । ନୋଳିଆ ନୂଆଗାଁରେ ଚାଲିଥିବା ସେକଟର ମିଟିଂରେ ଯୋଗଦେବାକୁ ଉଭୟେ ସ୍କୁଟିରେ ଯାଉଥିବା ବେଳେ ଅଗସ୍ତି ନୂଆଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ନୋଳିଆନୂଆଗାଁ ପ୍ରାଥମିକ ବିଦ୍ୟାଳୟ ଓ ପରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ଖବର ପାଇ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷିକ ଡା. ସ୍ୱାଧୀନ କୁମାର ରଥ ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ଶ୍ରୀଘ ଆରୋଗ୍ୟ କାମନା କରିଥିଲେ । ସେହିପରି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମଧ ଉଭୟଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

# ବ୍ୟାଟେରୀ ଚୋରି କରି ଦୁଇ ଗିରଫ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ପୋଲିସ ବ୍ୟାଟେରୀ ଚୋରି ଅଭିଯୋଗରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ କଣମଣା ଗ୍ରାମର ଏସ୍. ମୋହନ ରେଡ୍ଡୀ (୩୦) ଓ ମାଧବ ବେହେରା ଓରଫ ମିଥୁନ । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୁଇଜଣ ବ୍ୟାଟେରୀ ଚୋରିରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ଗତ ୨୫ ତାରିଖରେ ଚମାଖଣ୍ଡି ଥାନାରେ କେସ୍ ନଂ ୩୭୫/୨୦୨୬ରେ ମାମଲା ରୁଜୁ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଚୋରୀ ବ୍ୟାଟେରୀ ସାମଗ୍ରୀକୁ ଜବତ କରିଛି । ଏହା ସହିତ ଅଭିଯୁକ୍ତ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଚମାଖଣ୍ଡି ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ସୂଚନା ଦେଇଛନ୍ତି ।

# ମା କନ୍ଧୁଣୀ ଦେବୀଙ୍କ କଲର ସ୍ୟାଣ୍ଡ ଆନିମେସନ କଲେ ସତ୍ୟ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ସୋରଡାର ପ୍ରସିଦ୍ଧ ମା କନ୍ଧୁଣୀ ଦେବୀଙ୍କ କଣ୍ଟା ପିଢ଼ା ଯାତ୍ରା ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ବାଲୁକା କଳାରେ ଏକ କଲର ସ୍ୟାଣ୍ଡ ଆନିମେସନ ମାଧ୍ୟମରେ ମା କନ୍ଧୁଣୀ ଦେବୀଙ୍କ ପତି ମୂର୍ତ୍ତି କରିଛନ୍ତି ।



ଶିଳ୍ପୀ ସତ୍ୟଙ୍କୁ ଏହି କଳା କୃତି କରିବା ପାଇଁ ୭ ମିନିଟର ସମୟ ଲାଗି ଥିଲା । ମା କନ୍ଧୁଣୀ ଦେବୀ ସମସ୍ତଙ୍କ ଦୁଃଖ ହରନ୍ତୁ ଓ ସଦା ଖୁସିରେ ରଖନ୍ତୁ । ଏହାହିଁ ମା ଙ୍କ ପାଖରେ କାମନା କରି ମା କନ୍ଧୁଣୀ ଦେବୀଙ୍କ କଣ୍ଟା ପିଢ଼ା ଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ଏହି ଯାତ୍ରା ସେପେଟମ୍ବର ୨୩ ରୁ ଆରମ୍ଭ ହୋଇ ଅକ୍ଟୋବର ୩ ରେ ସମାପ୍ତ ହେବ । ତେଣୁ ମା’ଙ୍କ ଦର୍ଶନ କରି ଶୁଭ ଆଶୀର୍ବାଦ ଗ୍ରହଣ କରନ୍ତୁ ଓ ମା ସମସ୍ତଙ୍କୁ ଶୁଖ ସମୃଦ୍ଧି ଦେଇ ଖୁସିରେ ରଖନ୍ତୁ ବୋଲି ମା’ଙ୍କ ଠାରେ ପ୍ରାର୍ଥନା କରିଛନ୍ତି ।

# ଜଙ୍ଗଲ ନିଆଁ, ପ୍ରବାସୀ ଶ୍ରମିକ ଓ ଏମଏମଡ଼ିଆର ସଂଶୋଧନକୁ ନେଇ ରୋଚକ ତଥ୍ୟ

ବଲାଙ୍ଗିର,(ସବ୍ୟୁ) : ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ ବିଧାନସଭାରେ ଉଠାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଛତାମଖନା ଇନ-ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚରର କ୍ଷତି, ଜଙ୍ଗଲ ନିଆଁ, ଏମଏମଡ଼ିଆର ସଂଶୋଧନ ଆଇନ , କାମ୍ପା ପାଣ୍ଠି, ଜଙ୍ଗଲ ଜମିର ବ୍ୟବହାର, ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ସମ୍ପର୍କରେ ବିଭିନ୍ନ ତଥ୍ୟ ସାମ୍ନାକୁ ଆସିଛି । ଛତାମଖନା ଡ୍ୟାମ କ୍ଷତିକୁ ନେଇ ଶ୍ରୀ ସିଂହଦେଓ ୨୪ ସେପ୍ଟେମ୍ବର ୨୦୨୬ରେ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ । ପ୍ରଶ୍ନରେ ଡ୍ୟାମର କ୍ଷତିର ପରିମାଣ, କାରଣ, ଡ଼ିଜାଇନରେ ହୋଇଥିବା ପରିବର୍ତ୍ତନ, ଜଳ ନିଷ୍କାସନ କ୍ଷମତା ଏବଂ ଦାୟିତ୍ୱ ନିର୍ଦ୍ଧାରଣ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମଗାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉତ୍ତର ଅନୁଯାୟୀ, ୨୯ ଜୁଲାଇ ୨୦୨୬ର ପ୍ରବଳ ବନ୍ୟା ସମୟରେ ସୁକତେଲ ନଦୀ ଉପରେ ନିର୍ମିତ ଛତାମଖନା ଇନ-ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚରର ଡାଉନ୍‌ଷ୍ଟ୍ରିମ ପଥର ପ୍ୟାକିଂ,



ଏମ୍ବାଙ୍କମେଣ୍ଟ, କଂକ୍ରିଟ ବ୍ଲକ,କର୍ଟେନ ୱାଲ ସମେତ ବିଭିନ୍ନ ସୁରକ୍ଷା କାର୍ଯ୍ୟ କ୍ଷତିଗ୍ରସ୍ତ ହୋଇଛି । ତେବେ ସ୍ଥାୟୀ ମୁଖ୍ୟ ଗଠନ କିମ୍ବା କଟ-ଅଫ ୱାଲ୍‌ରେ କୌଣସି କ୍ଷତି ହୋଇନଥିବା ସରକାର କହିଛନ୍ତି। କ୍ଷତିର କାରଣ ଓ ଅନ୍ୟାନ୍ୟ ବୈଷୟିକ ଦିଗ ଅନୁଧ୍ୟାନ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ତଦନ୍ତ କମିଟି ଗଠନ କରାଯାଇଛି । ଶ୍ରୀ ସିଂହଦେଓ ଡ୍ୟାମର ଲମ୍ବ ୨୫୬ ମିଟରରୁ ୨୦୬ ମିଟର, ଗେଟ ସଂଖ୍ୟା ୧୮ରୁ ୧୪ ଏବଂ ଇମ୍ପର୍ଭିଅସ ଫ୍ଲୋର୍ ୮୦ ମିଟରରୁ ୫୦ ମିଟରକୁ କମିଥିବା ବିଷୟ ମଧ୍ୟ ଉଠାଇଥିଲେ । ୨,୭୬୦ କ୍ୟୁମେକ ଡିସଚାର୍ଜ କ୍ଷମତା ନିର୍ଦ୍ଧାରଣର ବୈଷୟିକ ଆଧାର ଓ ପ୍ରୁଫ-ଚେକ ଗଣନା ସମ୍ପର୍କରେ ମଧ୍ୟ ସେ ତଥ୍ୟ ମାଗିଥିଲେ । ଜଙ୍ଗଲ ନିଆଁ ସମ୍ପର୍କରେ ମଧ୍ୟ ଶ୍ରୀ ସିଂହଦେଓଙ୍କ ପ୍ରଶ୍ନରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ରୁ ୨୦୨୬ ମଧ୍ୟରେ ରାଜ୍ୟରେ ମୋଟ ୭୩,୪୧୮ଟି ଜଙ୍ଗଲ ନିଆଁ ଘଟଣା ରିପୋର୍ଟ ହୋଇଛି। ଏଥିରେ ୨୦୨୪ରେ ୨୨,୮୬୮, ୨୦୨୫ରେ ୨୯,୭୦୯ ଏବଂ ୨୦୨୬ରେ ୨୦,୮୪୧ଟି ଘଟଣା ରହିଛି । ଏହି ସମୟରେ ୧୧,୭୩୨.୫୬୧ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଛି । ବଲାଙ୍ଗିର ଡିଭିଜନରେ ୨୦୨୪ରେ ୩୦୩, ୨୦୨୫ରେ ୯୦୧ ଏବଂ ୨୦୨୬ରେ ୨୧ଟି ଜଙ୍ଗଲ ନିଆଁ ଘଟଣା ରେକର୍ଡ ହୋଇଛି। ଏହି ତିନି ବର୍ଷରେ ଯଥାକ୍ରମେ ୧୧୭.୨୭୨, ୨୨୨.୫ ଓ ୧୨.୭ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି । ବିଧାନସଭା ଉତ୍ତର ଅନୁଯାୟୀ, ୨୫ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ କାମ୍ପା ଅଧୀନରେ ଜାତୀୟ ପ୍ରାଧିକରଣରୁ ଓଡ଼ିଶା ୧୦,୨୨୯.୫୨ କୋଟି ଟଙ୍କା ପାଇଛି । ୧୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ସୁଧ ସହ ମୋଟ ରାଶି ୧୧,୯୦୩.୧୬ କୋଟି ଟଙ୍କା ହୋଇଥିବା ଦର୍ଶାଯାଇଛି । ରାଜ୍ୟରେ ଜଙ୍ଗଲ ନିଆଁ ପ୍ରତିରୋଧ ଓ ବନ ସୁରକ୍ଷା ପାଇଁ ବର୍ତ୍ତମାନ ୧୬,୨୪୫ଟି ବନ ସୁରକ୍ଷା ସମିତି କାର୍ଯ୍ୟରତ ଥିବା ମନ୍ତ୍ରୀଙ୍କ ଉତ୍ତରରେ କୁହାଯାଇଛି । ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଓ ସୁରକ୍ଷା ପ୍ରସଙ୍ଗ ମଧ୍ୟ ଶ୍ରୀ ସିଂହଦେଓ ବିଧାନସଭାରେ ଉଠାଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ଗତ ତିନି ବର୍ଷରେ ବାହାର ରାଜ୍ୟରେ ମୃତ ୩୮୮ ଜଣ ଶ୍ରମିକଙ୍କ ମୃତଦେହ ସରକାରୀ ସହାୟତାରେ ନିଜ ଗାଁକୁ ଫେରାଇ ଆଣାଯାଇଛି । ଏହାସହ ୧୮୬ ଜଣ ଶିଶୁ ଶ୍ରମିକଙ୍କୁ ଇଟାଭାଟି ଓ ଅନ୍ୟାନ୍ୟ କାର୍ଯ୍ୟସ୍ଥଳରୁ ଉଦ୍ଧାର କରାଯାଇଛି। ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରୁ ମୋଟ ୫୨ ଜଣ ପ୍ରବାସୀ ଶ୍ରମିକଙ୍କ ମୃତଦେହ ଫେରାଇ ଆଣାଯାଇଥିବା ଆନେକ୍ସରରେ ଉଲ୍ଲେଖ ରହିଛି । ଏଥିରେ ବଲାଙ୍ଗିରର ୨୦, ବରଗଡ଼ର ୫, କଳାହାଣ୍ଡିର ୩୨ ଓ ନୂଆପଡ଼ାର ୭ ଜଣ ରହିଛନ୍ତି । ବିଧାନସଭାରେ କଳିକେଶ ନାରାୟଣ ସିଂହଦେଓଙ୍କ ଉଠାଇଥିବା ଏହି ପ୍ରଶ୍ନଗୁଡ଼ିକ ମାଧ୍ୟମରେ ଜଳସମ୍ପଦ, ପରିବେଶ ଓ ଜଙ୍ଗଲ ସୁରକ୍ଷା, ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଏବଂ ଖଣିଜ ରାଜସ୍ୱ ସମ୍ପର୍କିତ ବିଭିନ୍ନ ସରକାରୀ ତଥ୍ୟ ସାର୍ବଜନୀନ ହୋଇଛି ।

## ରାଜ୍ୟସ୍ତରୀୟ ସ୍କୁଲ ଗେମ ଟାଏକୋଣ୍ଡୋରେ ବଲାଙ୍ଗିରକୁ ୪ ପଦକ

ବଲାଙ୍ଗିର,(ସବ୍ୟୁ): ଗତ ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ କେନ୍ଦୁଝରର ସ୍ଥିତ ଡିଡି ସ୍ପୋର୍ଟସ ଗ୍ରାଉଣ୍ଡରେ ଏସଜିଏଫଆଇ ରାଜ୍ୟସ୍ତରୀୟ ସ୍କୁଲ ଗେମ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଜିଲ୍ଲାରୁ ୪୫୦ ପ୍ରତିଯୋଗୀ ଭାଗ ନେଇଥିଲେ । ଉଭୟ ଅଣ୍ଡର-୧୪ ଏବଂ ଅଣ୍ଡର-୧୭ ବାଳକ ଓ ବାଳିକା କିରୋଗୀ ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ ଟାଏକୋଣ୍ଡୋ ପ୍ରଶିକ୍ଷକ ତଥା ବଲାଙ୍ଗିର ଜିଲ୍ଲା କରାଟେ ସଂଘର ସାଧାରଣ ସମ୍ପାଦକ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ବଲାଙ୍ଗିର ଟିମ ଅଂଶଗ୍ରହଣ କରିଥିଲା। ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲା ମୋଟ ୪ଟି ପଦକ ହାସଲ କରିଛି । ବାଳିକା ବିଭାଗରେ ଲିଜା ମାହାର ଅଣ୍ଡର-୧୭ (୩୫ ରୁ ୩୮ କେଜି) କ୍ୟୁରଗୀ ବିଭାଗରେ ରୌପ୍ୟ ପଦକ, ସ୍ନେହା ସାହୁ ଅଣ୍ଡର-୧୭ (୪୨ ରୁ ୪୪ କେଜି) କାଂସ୍ୟ ପଦକ, ଆଦ୍ୟାଶା ତୃପ୍ତି ସବର ଅଣ୍ଡର-୧୭ (୫୫ ରୁ ୫୯ କେଜି) କାଂସ୍ୟ ପଦକ ପାଇଥିବା ବେଳେ ବାଳକ ବିଭାଗରେ କୃମି ସାହୁ (୩୫ ରୁ ୩୮ କେଜି) କ୍ୟୁରଗୀ ବିଭାଗରେ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଦଳର ମ୍ୟାନେଜର ଭାବେ ପିଇଟୀ ଶ୍ୱେତା ମଲ୍ଲିକ ଦାୟିତ୍ୱ ତୁଲାଇଥିଲେ । ପ୍ରତିଯୋଗୀମାନଙ୍କ ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ଓ କ୍ରୀଡ଼ାବିତ ମହଲରୁ ସେମାନଙ୍କୁ ଶୁଭେଚ୍ଛାର ସ୍ରୋତ ଛୁଟିବାରେ ଲାଗିଛି ।

## ଜିଲ୍ଲା ପରିଷଦ ପକ୍ଷରୁ ବୃକ୍ଷରୋପଣ

ରାୟଗଡ଼ା,(ସବ୍ୟୁ) : ଜିଲ୍ଲା ପରିଷଦ ରାୟଗଡ଼ ପକ୍ଷରୁ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ରାୟଗଡ଼ ବ୍ଲକ ହାଲୁଆ ଗ୍ରାମ ପଞ୍ଚାୟତ ଅଧୀନ ଉପରଶାଙ୍କେଶ ନିକଟସ୍ଥ ପର୍ଯ୍ୟଟନସ୍ଥଳୀରେ ବୃକ୍ଷରୋପଣ କରାଯାଇଥିଲା । ଜିଲ୍ଲାପାଳ ନିଜ ମା' ସୁପ୍ରିୟା କୁଲକର୍ଣ୍ଣୀଙ୍କ ନାମରେ ଏକ ଚାରା ରୋପଣ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଡିଏଫଓ ସଚିନ ଆନ୍ନାସାହେବ ଓହଲ, ଉପଜିଲ୍ଲାପାଳ ମୃଣାଳିକା ରାଠୋର, ଏସିଏଫ ସଚ୍ଚିଦାନନ୍ଦ ସେଠୀ, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ବିଡିଓ ସୁଜିତ କୁମାର ମିଶ୍ରଙ୍କ ସମେତ ବହୁ ଅଧିକାରୀ, ଜନପ୍ରତିନିଧି ଓ ସାମାଜିକ କର୍ମୀ ନିଜ ମା'ଙ୍କ ନାମରେ ଚାରାରୋପଣ କରିଥିଲେ । ଜିଲ୍ଲାପାଳ କହିଥିଲେ, ମା'ଙ୍କ ଉଦ୍ଦେଶ୍ୟରେ ଗଛଟିଏ ଲଗାଇବା ଦ୍ୱାରା ଭାବାତ୍ମକ ବନ୍ଧନ ସୁଦୃଢ଼ ହେବା ସହ ପରିବେଶ ସନ୍ତୁଳନ ରକ୍ଷାରେ ଏହା ସହାୟକ ହେବ । ହାଲୁଆ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବିଜିବିଓ ଯୋଜନାରେ ୬ ଲକ୍ଷ ଟଙ୍କା ବ୍ୟୟ ହୋଇଥିବାବେଳେ ପୁନରୁଦ୍ଧାର ପାଇଁ ଆଉ ୫ ଲକ୍ଷ ଟଙ୍କା ବିନିଯୋଗ ହେବ ବୋଲି ବିଡିଓ ପ୍ରକାଶ କରିଥିଲେ । ରୋପିତ ଚାରା ଓ ନିର୍ମିତ ସମ୍ପଦର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ପଞ୍ଚାୟତ ବହନ କରିବ ବୋଲି ଜଣାପଡ଼ିଛି ।

### ଖଡ଼ିଆର ରୋଡ ଚାମ୍ବର ଅଫ କମର୍ସର ନୂତନ କର୍ମକର୍ତ୍ତା

## ବୈଭବ ସଭାପତି, କମଳେଶ ସମ୍ପାଦକ

ନୂଆପଡ଼ା,(ସବ୍ୟୁ) : ନୂଆପଡ଼ା ଜିଲ୍ଲାର ଖଡ଼ିଆର ରୋଡସ୍ଥିତ ଶ୍ରୀ ଅଗ୍ରସେନ ଭବନରେ ଶୁକ୍ରବାର ଖଡ଼ିଆର ରୋଡ ଚାମ୍ବର ଅଫ କମର୍ସର ସଭାପତି ପଦ ପାଇଁ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ନିର୍ବାଚନରେ ବୈଭବ ଜୈନ ସଭାପତି ଭାବେ ବିଜୟୀ ହୋଇଛନ୍ତି ।




ଅନ୍ୟପକ୍ଷରେ, କମଳେଶ ମେହେତା ସମ୍ପାଦକ, ସଞ୍ଜୟ ସୋନି ଉପସଭାପତି ଏବଂ ରାକେଶ ବର୍ମା କୋଷାଧ୍ୟକ୍ଷ ଭାବେ ନିର୍ବିରୋଧ ଭାବେ ଚୟନ ହୋଇଛନ୍ତି । ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିଥିଲେ ନିର୍ବାଚନ ଅଧିକାରୀ ଆଡଭୋକେଟ ରମେଶ ଅଗ୍ରୱାଲ। ନିର୍ବାଚନ ପରିଚାଳନାରେ ତାଙ୍କ ସହଯୋଗୀ ଆଡଭୋକେଟ ରାଜନନ୍ଦିନୀ ଅଗ୍ରୱାଲ, ଅନୁପ ଶର୍ମା, ବିବେକ କୁମାର ଜୋଶୀ, ନୀତା ବାଗ, ବୈଭବ ଜୋଶୀ, ପ୍ରେମଲାଲ ମହାରଣା ଏବଂ ଜୟ ନିଷାଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।

## ଏମଏମଡ଼ିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ

## ବିଜେଡିର ବିଶାଳ ଶୋଭାଯାତ୍ରା

ରାୟଗଡ଼ା, (ସବ୍ୟୁ) : କେନ୍ଦ୍ର ସରକାରଙ୍କ ଏମଏମଡ଼ିଆର୍ ସଂଶୋଧନ ଆଇନ-୨୦୨୬କୁ ବିରୋଧ କରି ଶନିବାର ରାୟଗଡ଼ାରେ ବିଜେଡି ପକ୍ଷରୁ ବିଶାଳ ରାଲି ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟର ଖଣିଜ ସମ୍ପଦ ଉପରେ ଓଡ଼ିଶାର ଅଧିକାର, ଆର୍ଥିକ ସ୍ୱାୟତ୍ତତା ଓ ଖଣିଜ ରାଜସ୍ୱ ସୁରକ୍ଷା ଦାବିରେ ଦଳ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଥିଲା । ଦଳର ଦାବି ଅନୁଯାୟୀ, ରାଲିରେ ପ୍ରାୟ ୨ ହଜାର ନେତା, କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ । ରାୟଗଡ଼ା ବସଷ୍ଟାଣ୍ଡ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ରାଲି ବାହାରିଥିଲା। ସହରର ପ୍ରମୁଖ ରାସ୍ତା ଦେଇ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଏମଏମଡ଼ିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ଦଳୀୟ



କର୍ମୀମାନେ ନାରାବାଜି କରିଥିଲେ । ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରେ ଦଳ ପକ୍ଷରୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ବିଜେଡି ଅଭିଯୋଗ କରିଛି ଯେ, ଏମଏମଡ଼ିଆର୍ ସଂଶୋଧନ ଆଇନ-୨୦୨୬ର କେତେକ ବ୍ୟବସ୍ଥା ଖଣିଜ ସମ୍ପଦ ସମୃଦ୍ଧ ରାଜ୍ୟଗୁଡ଼ିକର ସାମ୍ବିଧାନିକ ଓ ଆର୍ଥିକ ଅଧିକାରକୁ ପ୍ରଭାବିତ କରିପାରେ । ବିଶେଷକରି ଖଣିଜ ଅଧିକାର ଓ ଖଣିଜ ସମ୍ପଦ ଥିବା ଜମି ଉପରେ ରାଜ୍ୟ ସରକାରଙ୍କ କର, ସେସ କିମ୍ବା ଅନୁରୂପ ଲେଭି ଲାଗୁ କରିବାର କ୍ଷମତା ନେଇ ଦଳ ପ୍ରଶ୍ନ ଉଠାଇଛି । ଏହି ପରିପ୍ରେକ୍ଷୀରେ ୨୦୨୪ର ସୁପ୍ରିମକୋର୍ଟ ରାୟକୁ ମଧ୍ୟ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱର ଯଥେଷ୍ଟ ଅଂଶ ଖଣି ପ୍ରଭାବିତ ଅଞ୍ଚଳର ବିକାଶ, ପରିବେଶ ପୁନରୁଦ୍ଧାର, ଥଇଥାନ, ଭିତ୍ତିଭୂମି ଓ ଜନକଲ୍ୟାଣରେ ବିନିଯୋଗ କରାଯିବାକୁ ଦଳ ଦାବି କରିଛି । ଏଥିସହ ଖଣିଜ ସମ୍ପଦ ସମ୍ବନ୍ଧୀୟ ଜାତୀୟ ନୀତି କିମ୍ବା ରାଜ୍ୟର ଆର୍ଥିକ କ୍ଷମତାକୁ ପ୍ରଭାବିତ କରୁଥିବା ପଦକ୍ଷେପ ପୂର୍ବରୁ ଖଣିଜ ସମ୍ପଦ ଥିବା ରାଜ୍ୟଗୁଡ଼ିକ ସହ କେନ୍ଦ୍ର ପରାମର୍ଶ କରୁ ବୋଲି ବିଜେଡି ଦାବି କରିଛି । କାର୍ଯ୍ୟକ୍ରମରେ ବିଜେଡି ନେତା ଭୃଗୁ ବକ୍ସିପାତ୍ର, ପ୍ରଦୀପ ମାଝୀ, ସୁଧୀର ଦାସ, ରାଜ୍ୟ ଛାତ୍ର ସଭାପତି ଚିନ୍ମୟ ସାହୁ, ସୁଦାମ ମାରାଣ୍ଡି, ଜିନ୍ନ ହିକକା, ପ୍ରିତି ରଞ୍ଜନ ଘୋଡ଼େଇ, ଦେବାଶିଷ ଖାଡାଙ୍ଗାଙ୍କ ସମେତ ବହୁ ନେତା, କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ ।

## ଅର୍ଥ ହେରଫେର ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

ସୋନପୁର, (ସବ୍ୟୁ) : ସରକାରୀ ଅର୍ଥ ହେରଫେର ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ରକ୍ସା ଗ୍ରାମ ପଞ୍ଚାୟତର ଖପୁରୀପୁର ଠାରୁ ବଇମାନ ଟିକିରା ଏବଂ ଖପୁରିପୂର୍ ଠାରୁ ରାଜନଗର ରାସ୍ତାର ଉନ୍ନତି କରଣ ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ ଘଟଣାରେ କନିଷ୍ଠ ଯନ୍ତ୍ରୀ ସୁପ୍ରିୟା ଗୁରୁଙ୍କୁ ନିଲମ୍ବିତ କରାଯାଇଛି । ପୂର୍ବରୁ ଏହି ଦୁର୍ନୀତି ଘଟଣାରେ ପିଇଓ ସୀତାରାମ ତ୍ରିପାଠୀ ଏବଂ ଏଡି ଇଓ ହିମାଂଶୁ ଶେଖର ଖମାରିକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ନିଲମ୍ବନ କରିଥିବା ବେଳେ ତତ୍କାଳୀନ ଉଲୁଣ୍ଡା ବ୍ଲକର କନିଷ୍ଠ ଯନ୍ତ୍ରୀ ଏବଂ ବର୍ତ୍ତମାନ ସୋନପୁର ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୁପ୍ରିୟା ଗୁରୁଙ୍କ ବିରୋଧରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତରାଜ ବିଭାଗକୁ ତତ୍କାଳୀନ ଜିଲ୍ଲାପାଳ ଡ.ନୃପରାଜ ସାହୁ ସୁପାରିଶ କରିଥିଲେ । ସୂଚନା ଅନୁସାରେ ଏହି ରାସ୍ତାରେ ମନରେଗା ଯୋଜନାରେ ସମୁଦାୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେରଫେର କରାଯାଇଥିଲା । ଏହି ଘଟଣାକୁ ନେଇ ଜିଲ୍ଲାପାଳ ତଦନ୍ତ କଲାପରେ ସତ୍ୟା ସତ୍ୟ ସାମ୍ନାକୁ ଆସିଥିଲା । ଏହି ଦୁର୍ନୀତି ଘଟଣାରେ ପୂର୍ବରୁ ଜିଲ୍ଲାପାଳ ପିଇଓ ଏବଂ ଏଡିଇଓଙ୍କୁ ନିଲମ୍ବନ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଏବଂ ଏଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତ ରାଜ ବିଭାଗକୁ ସୁପାରିଶ କହିଥିଲେ । ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ପଞ୍ଚାୟତ ରାଜି ବିଭାଗ ପକ୍ଷରୁ ଚିଠି ନମ୍ବର୍ ୨୭୩୦୧ / ୨୪/ ୦୯/୨୦୨୬ ଅନୁସାରେ ସୁପ୍ରିୟା ଗୁରୁଙ୍କୁ ନିଲମ୍ବନ କରାଇଥିବା ଜଣାପଡ଼ିଛି । ଓଡିଶା ସରକାରଙ୍କ ପଞ୍ଚାୟତ ରାଜ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ନିଲମ୍ବିତ କନିଷ୍ଠ ଯନ୍ତ୍ରୀ ସିଡିଏ କମ ଇଓ ଜିଲ୍ଲା ପରିଷଦଙ୍କ ପୂର୍ବ ବିନା ଅନୁମତିରେ ଜିଲ୍ଲା ହେଡ଼ କ୍ୱାର୍ଟର ଛାଡି ପାରିବେ ନାହିଁ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

## ଦିଲିପ ତିର୍କୀ ସ୍ପୋର୍ଟ ଏକାଡେମୀ ଗ୍ରାମାାଚଂଳ ଫୁଟବଲ

## ଫାଇନାଲରେ ସ୍ଥାନୀୟ ଦୁଇଦଳ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ଦେବାଡିହି ଠାରେ ଗତ ୭ଦିନ ଧରି ଚାଲି ଥିବା ଗ୍ରାମଯାଚଂଳ ଫୁଟବଲ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଶନିବାର ପ୍ରଥମ ସେମିଫାଇନାଲ ମୟାଚରିକୀ ଫୁଟବଲ କ୍ଲବ - ୨ ଏବଂ ଜୟବଜରଙ୍ଗ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇ ୧-୦ ଗୋଲରେ ରିକୀ - ୨ଫୁଟବଲ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା । ୨ୟ ସେମି ଫାଇନାଲ ସରବର୍ଣା ଫୁଟବଲ ଦଳ ସୁନ୍ଦରଗଡ ଓ ଲୋକାଲ ଫୁଟବଲ କ୍ଲବ ଦେବାଡିହି ମଧ୍ୟରେ ଅନୁଷ୍ଠିତ ହୋଇ ୧-୧ ଗୋଲରେ ଡ୍ର ରହିଥିଲା। ଶେଷରେ ଟ୍ରାଇବ୍ରେକର ପଦ୍ଧତି ରେ ୪-୩ ଗୋଲରେ ଲୋକାଲ ଫୁଟବଲ କ୍ଲବ ଦେବାଡିହି ବିଜୟୀ ହୋଇଥିଲା । ରବିବାର ଫାଇନାଲ ମ୍ୟାଚ ଲୋକାଲ କ୍ଲବ



ଦେବାଡିହି ଓ ରିକୀ ଫୁଟବଲ କ୍ଲବ - ୨ ମଧ୍ୟରେ ଅନୁଷ୍ଠିତ ହେବ । ଉଭୟ ମ୍ୟାଚରେ ପୂର୍ବତନ ଝାରସୁଗୁଡା ନଗରପାଳ ହରିଶ ଗଣଡ୍ରା,ବିଶିଷ୍ଟ ବୟବସାୟୀ ପବନ ସୁଲତାନିଆ , ପୁର୍ବତନ ଦେବାଡିହି ସ୍କୁଲର ପ୍ରଧାନ ଶିକ୍ଷକ ପୁରୁଷତମ ପାଣ୍ଡେ, ପୁରାତନ ଫୁଟବଲ ଖେଳାଳି ଭିକାରୀ ମୁଣ୍ଡା, ସୁଭାଷ ପାଣ୍ଡେ, ପ୍ରଦୀପ ଦେ, ରାମ ବିଳାସ କର୍ମକାର ଓ ମଙ୍ଗଳ ଓରାମ ପ୍ରଭୃତି ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ । ଏହି ମ୍ୟାଚକୁ ଶିତଳ ଗୁଡୁମ, ଅମିରା ପ୍ରଧାନ, ସରୋଜ ବାଗ, ଅମିତ ବାଗ ପରିଚାଳନା କରିଥିଲେ।

## ପ୍ରଫେସର ଗୋପବନ୍ଧୁ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା

କୋକସରା,(ସବ୍ୟୁ) : ସ୍ଥାନୀୟ ଏସ.ଏନ.ଏସ. ବିଦ୍ୟାପୀଠ, ଚାରବାହାଲ ପରିସରରେ ପ୍ରସିଦ୍ଧ ଶିକ୍ଷାବିତ୍ ତଥା ବିଶିଷ୍ଟ ରସାୟନ ବିଜ୍ଞାନୀ ପ୍ରଫେସର (ଡଃ) ଗୋପବନ୍ଧୁ ବେହେରାଙ୍କ ପରଲୋକରେ ଏକ ଶୋକସଭା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନଶିକ୍ଷକ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ସ୍ୱର୍ଗତ ବେହେରାଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଦିବଙ୍ଗତ ଆତ୍ମାର ଅମର ଶାନ୍ତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ବେହେରାଙ୍କ ଶିକ୍ଷା, ଗବେଷଣା, ସମାଜସେବା ଏବଂ ଅଞ୍ଚଳର ଶିକ୍ଷାର ବିକାଶ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଯୋଗଦାନକୁ ସ୍ମରଣ କରିଥିଲେ । ତାଙ୍କର ବିୟୋଗରେ ଶିକ୍ଷା ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

## ନିର୍ମାଲ୍ୟ କ୍ଷେତ୍ରରେ ଭାଗବତ ଜନ୍ମ ପାଳିତ

କଲମପୁର,(ସବ୍ୟୁ) : ଭାଦ୍ରବ ଇନ୍ଦୁ ପୂର୍ଣ୍ଣିମା ତିଥିରେ କୃଷ୍ଣ ଦ୍ୱୈପାୟନ ବ୍ୟାସ ପ୍ରଥମେ ଶ୍ରୀମଦ ଭାଗବତ ରଚନା ଆରମ୍ଭ କରିଥିଲେ । ତେଣୁ ଏହିଦିନକୁ ଭାଗବତ ଜନ୍ମ ହିସାବରେ ପାଳନ କରାଯାଉଛି । ଧର୍ମୀୟ ଭାବନା ସଂସ୍କୃତି ଓ ପରମ୍ପରାକୁ ନେଇ ଓଡ଼ିଶାରେ ଏହିଦିନ ଅତିବଡ଼ି ଜଗନ୍ନାଥ ଦାସଙ୍କ ବିରଚିତ ଓଡ଼ିଆ ଭାଗବତ ପଠନ ଓ ପୂଜନ ଘରେ ଘରେ ପ୍ରଚଳିତ ହେବାସହ ଅନେକ ଧର୍ମୀୟ ପୀଠ ମାନଙ୍କରେ ମଧ୍ୟ ପାଳନ ହୋଇଆସୁଛି । ଏହି ପରିପ୍ରେକ୍ଷୀରେ ଭଗବତ ଚେତନା ପରିଷଦ କଲମପୁର ସହଯୋଗରେ ପ୍ରତିବର୍ଷ ନିର୍ମାଲ୍ୟ କ୍ଷେତ୍ରରେ ଏହି ଉତ୍ସବ ପାଳିତ ହେଉଛି । ଚଳିତ ବର୍ଷ ମଧ୍ୟ ଏହିଦିନକୁ ବଡ ଧୁମଧାମରେ ପାଳନ କରାଯାଇଥିବାବେଳେ ଶନିବାର ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଭାଗବତ ପଠନ ଓ ପୂଜନ କରିଥିଲେ ।

## କଷ୍ଟମୟ ଜୀବନ ଯାପନରେ ପଦ୍ମତୋଳା

କଲମପୁର, (ସବ୍ୟୁ): ଗୋଟିଏ ପଟେ ଗରିବୀ ହଟାଇବା ପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ ଥିବାବେଳେ ତାହା କେଉଁଠି ନା କେଉଁଠି ବାଟବଣା ହେଉଛି ସେଇ ନାରା। ସେ ଭିତରେ ଛନ୍ଦି ହୋଇ ରହୁଛନ୍ତି ସହାୟତା ପାଇବାକୁ ଜରୁରୀ ଆବଶ୍ୟକ ଥିବା ଗରୀବ ଲୋକ । ତେବେ ଅତି ଦୁଃଖଦ ଭିତରେ କଷ୍ଟମୟ ଜୀବନଯାପନ କରୁଥିବା ଜନୈକ ମହିଳା ପଦ୍ମତୋଳା ଦପ୍ତର ଦପ୍ତର ବୁଲି ଏବେ ନିରାଶ ହୋଇଥିବା ଦୁଃଖଭରା କଣ୍ଠ ରେ ପ୍ରକାଶ କରିଛନ୍ତି । ତାଙ୍କ କହିବା ଅନୁସାରେ କଛାରପଡ଼ା ଗାଁ ର ସୁଦାମ ବିଶାଳ ନାମକ ଜଣେ ବ୍ୟକ୍ତି ବରଗାଁର ପଦ୍ମତୋଳାଙ୍କୁ ବିବାହ କରିଥିଲେ । ସ୍ୱାମୀ ସ୍ତ୍ରୀଙ୍କ ସୁଖ ସଂସାରରେ ୫ ଟି ସନ୍ତାନ ସନ୍ତତି ଜନ୍ମ ହେଲା । ବର୍ଷେ ହେବ ସୁଦାମ ଅନ୍ୟ ଏକ ସ୍ତ୍ରୀ ଗ୍ରହଣ କରି ପଦ୍ମତୋଳା ଏବଂ ଛୁଆ ୫ ଜଣଙ୍କୁ ଛାଡ଼ି ଦେଇ ଫେରାର ହେଲେ । ତେବେ ତାଙ୍କ ଭରଣ ପୋଷଣ ପାଇଁ କୌଣସି ବ୍ୟବସ୍ଥା କରି ନାହାନ୍ତି ସୁଦାମ ।ସେଥିପାଇଁ ଜଣେ ମହିଳା ଛୋଟ



ଛୋଟ ୩ ଝିଅ ଏବଂ ୨ ପୁଅଙ୍କୁ ନେଇ ବଡ କଷ୍ଟମୟ ଜୀବନ ଯାପନ କରୁଛନ୍ତି । ଘର ଖଣ୍ଡିକ ପାଇଁ ସରପଞ୍ଚ, ବିଡ଼ିଓ,ତହସିଲଦାର, ଆରଆଇ ପାଖକୁ ଦୌଡ଼ି ଦୌଡ଼ି ନିରାଶ ହେବାକୁ ପଡ଼ିଛି ବୋଲି କୋହଭରା କଣ୍ଠ ରେ ପ୍ରକାଶ କରନ୍ତି ପଦ୍ମତୋଳା । ତାଙ୍କ ଏଭଳି ପରିସ୍ଥିତିରେ ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା ରାସନ କାର୍ଡର ବନ୍ଦୋବସ୍ତ କରିବାସହ ଚାଉଳ ପ୍ରଦାନ ପାଇଁ ପଦକ୍ଷେପ ନେଇଥିଲେ । ଘରଡିହ ପ୍ରଦାନ ପାଇଁ ତହସିଲଦାରଙ୍କ ସହିତ ଯୋଗାଯୋଗ କରିଥିଲେ । ତେବେ ଏଭଳି ଗରୀବ ଶ୍ରେଣୀ ର ନିରାଶ୍ରୟ ମହିଳାଙ୍କୁ ଘରଡିହ,ବାସଗୃହ ସହ ଅନ୍ୟାନ୍ୟ ସୁବିଧା କେବେ ମିଳିବ ସେନେଇ ଆଶାରେ ରହିଛନ୍ତି ପଦ୍ମତୋଳା । ଏ ସଂକ୍ରାନ୍ତରେ ତହସିଲଦାର ସ୍ମରଣିକା ତୁଳଙ୍କୁ ଅବଗତ କରାଯିବାରୁ ଏଇ ଅଭିଯୋଗ ଆମ ନଜରରେ ଅଛି ଘର ମଞ୍ଜୁର ହେଲେ ଆମେ ତାଙ୍କୁ ଜାଗା ଦେବୁ ଏବଂ ତୁରନ୍ତ ଏକ ତାରପୋଲିନ ତାଙ୍କୁ ଦିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ଖପ୍ରାଖୋଲରେ ଶ୍ରୀମଦ ଭାଗବତ ଜନ୍ମ ଉତ୍ସବ ଓ ଅନନ୍ତମୁଖି

ଖପ୍ରାଖୋଲ,(ସବ୍ୟୁ) : ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମଦ ଭାଗବତ ଜନ୍ମ ଉତ୍ସବ ଓ ଅନନ୍ତମୁଖି ପୁରାଣ ପଠନ ଶନିବାର ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୂଜକ ରମେଶ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନୀଲ କୁମାର ଦାଶ ପୂଜା କର୍ତ୍ତା ଓ ପଣ୍ଡିତ ଯୁବରାଜ ତ୍ରୀପାଠୀ ପୂଜକ ରୁପେ କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରଥମେ କଳସ ପୂଜା ସହିତ ଶ୍ରୀମଦ ଭାଗବତ ପୁରାଣ ପୂଜନ, ଅନନ୍ତ ମୁଖୀ ଭାଗବତ ପାଠନ, ହୋମ ଯଜ୍ଞ, ଶ୍ରୀମଦ ଭାଗବତ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜଗଦିଶ ଷଡଙ୍ଗୀ, ସତ୍ୟପ୍ରିୟ ତ୍ରିପାଠୀ,ଯୁଧିଷ୍ଠିର ପଣ୍ଡା, ସୁଲଭ ଦାଶ, କପୂର୍ଚ୍ଚନ ଦାଶ, ପଦ୍ମନାଭ ଦାଶ, ବାବୁଲାଲ ଦାଶ, ଶିବରାମ ତ୍ରିପାଠୀ,ଧ୍ରୁବ ଚାନ୍ଦ , ତୁଷାର ଦାଶ, ହରିଶ ପଣ୍ଡା, ଅଭୟ ତ୍ରିପାଠୀ, ମାନସ ତ୍ରିପାଠୀ ପ୍ରମୁଖ ୩୫ ଜଣ ବ୍ରାହ୍ମଣ ପୁରାଣ ପଠନ କରିଥିଲେ ।

## ଶତାୟୁ ମହିଳା ଆଶାଲତାଙ୍କ ପରଲୋକ

ଭବାନୀପାଟଣା,(ସବ୍ୟୁ): ସହରର ବର୍ଷୀୟାନ ମହିଳା ଆଶାଲତା ବେହେରାଙ୍କ ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ଥାନୀୟ ମହାବୀର ପଡାର ସ୍ୱର୍ଗତ ରାଧାମୋହନ ବେହେରାଙ୍କ ଧର୍ମପତ୍ନୀ ଆଶାଲତା ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ । ତାଙ୍କର ୧୦୦ ବର୍ଷ ପୂର୍ତ୍ତି ପରିବାର ଓ ବନ୍ଧୁ ବର୍ଗଙ୍କ ସହ ଶତବାର୍ଷିକ ଜନ୍ମୋତ୍ସବ ପାଳନ କରିଥିଲେ । ସେହି ବର୍ଷ ଠାରୁ ପ୍ରତ୍ୟେକ ବର୍ଷ ପରିବାର ଓ ବନ୍ଧୁବର୍ଗ ଜନ୍ମ ଦିବସକୁ ଉତ୍ସାହର ସହିତ ପାଳନ କରିଆସୁଥିଲେ। ଜିଲ୍ଲାର ସୁନାମଧନ୍ୟ ଅନୁଷ୍ଠାନ ସିଟିଜନ ଫୋରମ, ମହାବୀର ପଡା ସିଭିଲ ସୋସାଇଟି, ବ୍ରାହ୍ମଣ ସମାଜ ପ୍ରଭୃତି ଅନୁଷ୍ଠାନମାନଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କର ବଡପୁଅ ଆର୍ତ୍ତତ୍ରାଣ, କୃଷ୍ଣଚନ୍ଦ୍ର, ଦାମୋଦର, ଆଶୁତୋଷ ଓ ଝିଅ ଜ୍ୟୋସ୍ନା ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ଶେଷକୃତ୍ୟ ଆଶାସାଗର ନିକଟସ୍ଥ ଶ୍ମଶାନରେ ରବିବାର ସକାଳେ କରାଯିବ ବୋଲି ପରିବାର ବର୍ଗ ପ୍ରକାଶ କରିଛନ୍ତି ।

## ଲଗାଣ ବର୍ଷା ଥମିଲା, ମାଲକାନଗିରିରେ ଜୀବନଯାତ୍ରା ସ୍ୱାଭାବିକ

ମାଲକାନଗିରି,(ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ତିନି ଦିନ ଧରି ପ୍ରବଳ ବର୍ଷା ପରେ ମାଲକାନଗିରିରେ ବନ୍ୟା ସ୍ଥିତିରେ ସୁଧାର ଆସିଛି । ଶୁକ୍ରବାର ରାତିରୁ ବର୍ଷା କମିବା ସହ ପାଗ ସ୍ୱାଭାବିକ ହେବାରୁ ଜିଲ୍ଲାର ସମସ୍ତ ପ୍ରମୁଖ ପୋଲ ଉପରୁ ବନ୍ୟାଜଳ ହଟିଛି। ଯାତାୟାତ ମଧ୍ୟ ସ୍ୱାଭାବିକ ହୋଇଛି । ବର୍ତ୍ତମାନ ଜିଲ୍ଲାରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।ଗତ ୨୩ରୁ ୨୫ ତାରିଖ ମଧ୍ୟରେ ହୋଇଥିବା ପ୍ରବଳ ବର୍ଷାରେ ମାଲକାନଗିରି, କାଲିମେଳା, ମାଥିଲି, ମୋଟୁ, ଖଇରପୁଟ, ଚିତ୍ରକୋଣ୍ଡା, କୋରୁକୋଣ୍ଡା ଏବଂ ପଡ଼ିଆ ଅଞ୍ଚଳ ପ୍ରଭାବିତ ହୋଇଥିଲା । ବର୍ଷାଜନିତ କ୍ଷୟକ୍ଷତିର ପ୍ରାଥମିକ ଆକଳନ ଅନୁସାରେ ୮୬ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ଏଥିରେ ୮୫ଟି କଚ୍ଚା ଘର ଓ ଗୋଟିଏ ପକ୍କା ଘର ରହିଛି । ପ୍ରଭାବିତ ପରିବାରଙ୍କୁ ୩୨୪ ରୋଲ ପଲିଥିନ ସିଟ ତୁରନ୍ତ ଯୋଗାଇ ଦିଆଯାଇଛି । ବର୍ଷାରେ ଜିଲ୍ଲାର ୪୬ଟି ବିଦ୍ୟୁତ ଖୁଣ୍ଟ ଓ ୧୨ଟି ଟ୍ରାନ୍ସଫର୍ମର ପ୍ରଭାବିତ ହୋଇଛି। ଏହାଦ୍ୱାରା ପ୍ରାୟ ୧୨ ହଜାର ଗ୍ରାହକ ବିଦ୍ୟୁତ ସେବାରୁ ପ୍ରଭାବିତ ହୋଇଥିବା ବେଳେ ୧୫ଟି ଗ୍ରାମ୍ୟ ରାସ୍ତା ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟାନ୍ୟ କ୍ଷୟକ୍ଷତିର ଆକଳନ ଏବେ ମଧ୍ୟ ଜାରି ରହିଛି । ପ୍ରବଳ ବର୍ଷା ସମୟରେ ଜାତୀୟ ରାଜପଥ-୩୨୬ର ୫ଟି ପୋଲ ସମେତ ଜିଲ୍ଲାର ମୋଟ ୧୮ଟି ପୋଲ ବନ୍ୟାଜଳରେ ବୁଡ଼ି ରହିଥିଲା। ତେବେ ବର୍ଷା କମିବା ପରେ ସମସ୍ତ ପୋଲ ଉପରୁ ପାଣି ହଟିଯାଇଛି । ଯାତାୟାତ ସ୍ୱାଭାବିକ କରିବା ପାଇଁ ସମସ୍ତ ପୋଲକୁ ଖୋଲି ଦିଆଯାଇଛି । ବିପଦପୂର୍ଣ୍ଣ ଅଞ୍ଚଳରୁ ୨୪୦୯ ଜଣଙ୍କୁ ପ୍ରଶାସନ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ସେମାନଙ୍କ ପାଇଁ ୨୫ଟି ମାଗଣା ରୋଷେଇ କେନ୍ଦ୍ର ଖୋଲାଯାଇ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ସ୍ଥିତିରେ ସ୍ୱାସ୍ଥ୍ୟସେବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ବର୍ତ୍ତମାନ ୧୭୧ ଜଣ ଗର୍ଭବତୀ ମହିଳା ମା' ଗୃହରେ ସୁରକ୍ଷିତ ଭାବେ ରହୁଛନ୍ତି । ଅନ୍ୟ ୩ ଜଣ ଗର୍ଭବତୀଙ୍କୁ ବିକଳ୍ପ ସଡ଼କ ପଥ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଫଳତାର ସହ ସ୍ଥାନାନ୍ତର କରାଯାଇଛି । ବର୍ଷାରେ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ ମଧ୍ୟ ତ୍ୱରାନ୍ୱିତ କରାଯାଇଛି । ୪୩ଟି ଗୃହପାଳିତ ପଶୁଙ୍କୁ ଜରୁରୀକାଳୀନ ଭିତ୍ତିରେ ଉଦ୍ଧାର କରାଯାଇଛି । ଲୋକଙ୍କ ସ୍ୱାସ୍ଥ୍ୟ ସ୍ଥିତି ଉପରେ ନଜର ରଖିବାକୁ ସମସ୍ତ ବ୍ଲକ୍ରେ ୨୨ଟି ସ୍ୱତନ୍ତ୍ର ମେଡିକାଲ ଟିମ ମୁତୟନ କରାଯାଇଛି । ଉଦ୍ଧାର ଓ ସୁରକ୍ଷା କାର୍ଯ୍ୟ ପାଇଁ ଜିଲ୍ଲାରେ ୨ଟି ଓଡ୍ରାଫ ଟିମ ଏବଂ ବିପଦପୂର୍ଣ୍ଣ ସ୍ଥାନରେ ୭ଟି ଅଗ୍ନିଶମ ବାହିନୀ ଟିମ ମୁତୟନ କରାଯାଇଛି । ଏହାସହ ପୋଲିସ ବାହିନୀକୁ ମଧ୍ୟ ବ୍ୟାପକ ଭାବେ ନିୟୋଜିତ କରାଯାଇଛି। ମାଲକାନଗିରି ଜିଲ୍ଲା ପ୍ରଶାସନର ଉଦ୍ଧାର କାର୍ଯ୍ୟ ଏବେ ଜିଲ୍ଲା ସୀମା ଡେଇଁ ଛତିଶଗଡ଼ ପର୍ଯ୍ୟନ୍ତ ପହଞ୍ଚିଛି । ଖରାପ ପାଗ ଓ ରାସ୍ତାର ସ୍ଥିତି ଯୋଗୁଁ ଗୋବିନ୍ଦପାଲ୍ଲୀରେ ପ୍ରାୟ ୧୨୦ଟି ଟ୍ରକ ଅଟକି ରହିଥିଲା। ଅଟକିଥିବା ଟ୍ରକ୍ର ଚାଳକ, ହେଲ୍ପର୍, ବସ ଚାଳକ ଓ କର୍ମଚାରୀଙ୍କୁ ପ୍ରଶାସନ ପକ୍ଷରୁ ମଧ୍ୟାହ୍ନ ଓ ରାତ୍ରି ଭୋଜନ, ବିଶୁଦ୍ଧ ପିଇବା ପାଣି ବୋତଲ ଯୋଗାଇ ଦିଆଯାଇଥିଲା। ସେମାନଙ୍କୁ ପୋଲିସ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଇଥିଲା। ସ୍ଥିତିରେ ସୁଧାର ଆସିବା ପରେ ଗୋବିନ୍ଦପାଲ୍ଲୀ ରୁଟ୍ରୁ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଖୋଲି ଦିଆଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି, ଶୁକ୍ରବାର ରାତିରୁ ବର୍ଷା କମିବା ସହ ପାଗରେ ଉଲ୍ଲେଖନୀୟ ସୁଧାର ଆସିଛି । ଫଳରେ ପୁନରୁଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଇଛି । ସମସ୍ତ ପ୍ରମୁଖ ପୋଲ ଉପରୁ ବନ୍ୟାଜଳ ହଟିଯାଇଥିବାରୁ ଯାତାୟାତ ଏବେ ସ୍ୱାଭାବିକ ରହିଛି । ଓଡ୍ରାଫ, ଅଗ୍ନିଶମ ବାହିନୀ, ପୋଲିସ ଏବଂ ମେଡିକାଲ ଟିମ ଗ୍ରାଉଣ୍ଡ ଜିରୋରେ ସକ୍ରିୟ ରହି କାର୍ଯ୍ୟ କରୁଛନ୍ତି । ବିଦ୍ୟୁତ ଭିତ୍ତିଭୂମି ଓ ଗ୍ରାମ୍ୟ ରାସ୍ତାର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ପ୍ରଶାସନ ଜିଲ୍ଲାବାସୀଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧ ଥିବା ବେଳେ ପ୍ରଭାବିତ ଅଞ୍ଚଳରେ ଆଗାମୀ କିଛି ଘଣ୍ଟା ମଧ୍ୟରେ ବିଦ୍ୟୁତ ସେବା ସମେତ ଅନ୍ୟାନ୍ୟ ଜରୁରୀକାଳୀନ ଭିତ୍ତିଭୂମି ସ୍ୱାଭାବିକ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ।

## ପୋଲିସ ଡିଜିଙ୍କ ରେଞ୍ଜସ୍ତରୀୟ ସମୀକ୍ଷା ବୈଠକ

# ସାଇବର ଠକେଇ ଓ ନିଶା କାରବାର ଉପରେ ଗୁରୁତ୍ୱ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଉତ୍ତରାଞ୍ଚଳ ଡିଆଇଜି କାର୍ଯ୍ୟାଳୟରେ ପୋଲିସ ଡିଜି ବିନୟତୋଷ ମିଶ୍ର ରେଞ୍ଜସ୍ତରୀୟ ସମୀକ୍ଷା କରିଛନ୍ତି । ସାରା ଦେଶରେ ସାଇବର ଅପରାଧ ଏକ ଚାଲେଞ୍ଜ ଥିବାବେଳେ ତାହା ଉପରେ ବୈଠକରେ ବିସ୍ତାର ଆଲୋଚନା ହୋଇଥିଲା। ରାଜ୍ୟରେ ପୂର୍ବରୁ ୧୪ ଟି ସାଇବର ଥାନା ରହିଥିଲା। ବର୍ତ୍ତମାନ ପ୍ରତେ୍ୟକ ଜିଲ୍ଲାରେ ସାଇବର ଥାନା ଖୋଲାଯାଇଛି । ଉପଯୁକ୍ତ ପ୍ରଶିକ୍ଷଣ ସହ ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଛି । ଏଭଳିସ୍ଥଳେ ସାଇବର ଠକେଇ ହୋଇଥିବା ଲୋକେ ତାଙ୍କ ଟଙ୍କା ଫେରି ପାଉଛନ୍ତି । ଏଥିରେ ପ୍ରାୟ ୭୦ ପ୍ରତିଶତ ଓ ମୋବାଇଲ ଫୋନ ଖୋଜି ପାଇବାରେ ପୋଲିସକୁ ପ୍ରାୟ ୩୦ ପ୍ରତିଶତରୁ



ଅଧିକ ସଫଳତା ମିଳିଛି । ତେବେ ଡିଜିଟାଲ ଆରେଷ୍ଟ ସଂଖ୍ୟା କମିଛି । ଆଗକୁ କେମିତି ସାଇବର ଠକେଇ କମିବ ସେ ନେଇ ଆଲୋଚନା ବୈଠକରେ ଆଲୋଚନା ହୋଇଥିଲା। ପଶ୍ଚିମ ଓଡିଶା ନିଶା କାରବାରର ଗେଟ ୱେ ପାଲଟିଛି । ଅତ୍ୟଧିକ ପରିମାଣରେ ନିଶା ସାମଗ୍ରୀ ଜବତ ମଧ୍ୟ ହୋଇଛି । ବୌଦ୍ଧରୁ ସମ୍ବଲପୁର ଦେଇ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ସେ ନେଇ ଆଲୋଚନା ହୋଇଛି । ନିଶା କାରବାର ରୋକିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଅପରାଧ ରୋକିବା ଓ ସେମାନଙ୍କୁ ସଜ୍ଜା ଦେବାରେ ପୋଲିସ ବିଶେଷ ଗୁରୁତ୍ୱ ଦେଉଛି । ଫଳରେ ଦିନକୁ ଦିନ ସଜ୍ଜା ହାର ବଢିବାରେ ଲାଗିଛି । ତେବେ ଚାର୍ଜସିଟ୍ ଦାଖଲ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ରହିଛି । ଚାର୍ଜ ସିଟ ଦାଖଲରେ ଅବହେଳା ଯୋଗୁଁ ଅପରାଧୀ ଜାମିନ ପାଇଲେ ତଦନ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି । ସେହିପରି ଓଡିଶା ମାଓବାଦୀ ମୁକ୍ତ ହୋଇଥିବା ବେଳେ ଆଗାମୀ ଦିନରେ ପୋଲିସ ବିଭାଗରେ ପଦବୀ ସଂଖ୍ୟା ପୂରଣ କରାଯାଉଥିବା ମଧ୍ୟ କହିଛନ୍ତି। ଏହାପୂର୍ବରୁ ସେ ବୁର୍ଲା ବସନ୍ତପୁର ସ୍ଥିତ ବିଟିଆଇ ଠାରେ ୫ମ ବ୍ୟାଚ୍ ସିପାହୀ ପ୍ରଶିକ୍ଷାର୍ଥୀ ଦୀକ୍ଷାନ୍ତ ସମାରୋହ ପ୍ୟାରେଡରେ ଯୋଗ ଦେଇଥିଲେ । ଉପସ୍ଥିତ ସମସ୍ତ ୧୦୨୭ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଆଧୁନିକୀକରଣ ଏଡିଜିପି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଏଡିଜିପି ଏସ୍‌ଏପି ରାଜେଶ କୁମାର, ଆଇଜିପି ସିଆଇଡି ସିବି ଡ. ସାର୍ଥକ ଷଡଙ୍ଗୀ, ଉତ୍ତରାଞ୍ଚଳ ଆଇଜି ଚରଣ ସିଂ ମୀନାଙ୍କ ସମେତ ୫ଟି ଜିଲ୍ଲାର ଆରକ୍ଷୀ ଅଧିକ୍ଷକମାନେ ଉପସ୍ଥିତ ଥିଲେ ।

## ଜିଲ୍ଲା କରାଟେ-ଡୋ ଆସୋସିଏସନ ନୂତନ କର୍ମକର୍ତ୍ତା

ବରଗଡ଼,(ସବ୍ୟୁ): ଓଡ଼ିଶା ରାଜ୍ୟ କରାଟେ-ଡୋ ଆସୋସିଏସନ ସହ ଅନୁବନ୍ଧିତ ଏବଂ ଜିଲ୍ଲା ଆଥଲେଟିକ ଆସୋସିଏସନ ବରଗଡ଼ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜିଲ୍ଲା କରାଟେ-ଡୋ ଆସୋସିଏସନ ବରଗଡ଼ର ସାଧାରଣ ପରିଷଦ ବୈଠକ ରେଳ ଷ୍ଟେସନ ରୋଡ ସ୍ଥିତ ରୋୟାଲ ଜିମ୍ନାସିୟମ କରାଟେ ଟ୍ରେନିଂ ହଲରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ବୈଠକରେ ଏସୋସିଏସନର ନିର୍ବାଚନ ସର୍ବସମ୍ମତି କ୍ରମେ ମନୋନୟନ ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ପ୍ରତିଷ୍ଠାତା ସଦସ୍ୟ ଓ ଭୋଟ ଦାନ ଅଧିକାର ଥିବା ସଦସ୍ୟମାନଙ୍କ ଉପସ୍ଥିତିରେ ତିନୋଟି ପ୍ରମୁଖ ବିଭାଗର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । କାର୍ଯ୍ୟକାରୀ କମିଟିରେ ସଭାପତି ଭାବେରେ କିଶୋର କୁମାର ମିଶ୍ର, ବରିଷ୍ଠ ଉପ-ସଭାପତି ରବି ନାରାୟଣ ପଣ୍ଡା, ଉପ-ସଭାପତି ବଜରଙ୍ଗ ପଟେଲ , ସାଧାରଣ ସମ୍ପାଦକ ଅଭିମନ୍ୟୁ ସ୍ୱାଇଁ , ଯୁଗ୍ମ ସମ୍ପାଦକ (ପୁରୁଷ) ବୁଲୁଦେବ ସାହୁ , ଯୁଗ୍ମ ସମ୍ପାଦକ (ମହିଳା) ସଂଯୁକ୍ତା ଭୋଇ ,କୋଷାଧ୍ୟକ୍ଷ ପି. ସତୀଶ କୁମାର , କାଉନସିଲ ସଦସ୍ୟ ଭାବରେ ବ୍ୟାସଦେବ ପାତ୍ର, ସୁବୋଧ କୁମାର ପାଢ଼ୀ, ରାଜେନ୍ଦ୍ର ପ୍ରସାଦ ଭୋଇ, ସରୋଜ ନାୟକ, ଭକ୍ତ ଭୋଇ, ଚନ୍ଦନ କୁମାର ବିଶ୍ୱାଳ, ମୋହନ ମେହେର, ଅଜୟ କୁମାର ସ୍ୱାଇଁ ଏବଂ ଜ୍ଞାନ ରଞ୍ଜନ ମହାନ୍ତି ମନୋନୀତ ହୋଇଥିବା ବେଳେ , ବୈଷୟିକ କମିଟିରେ ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ମହାନ୍ତି, ଅତିରିକ୍ତ ବୈଷୟିକ



ନିର୍ଦ୍ଦେଶକ ବ୍ୟାସଦେବ ପାତ୍ର, ସହକାରୀ ବୈଷୟିକ ନିର୍ଦ୍ଦେଶକ ସରୋଜ ନାୟକ ବୈଷୟିକ କମିଟି ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଭୋଇ, ସହକାରୀ ବୈଷୟିକ ସମ୍ପାଦକ ଚିତ୍ତରଞ୍ଜନ ସାହୁ, ବୈଷୟିକ କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାରଣା ଏବଂ ଚନ୍ଦ୍ର ଶେଖର ବାହୁକ । ଆଇନଗତ ପରାମର୍ଶଦାତା କମିଟି ଆଇନଗତ ପରାମର୍ଶଦାତା ବିନୟ ଯୋଶୀ ରହିଛନ୍ତି । ଏହି ନିର୍ବାଚନ ନୂତନ ଜାତୀୟ କ୍ରୀଡ଼ା ନୀତି ଅନୁସାରେ ଅନୁଷ୍ଠୀତ ହୋଇଥିଲା । ନୂତନ କର୍ମକର୍ତ୍ତାମାନଙ୍କୁ ଗୃହରେ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ସେମାନେ ବରଗଡ଼ ଜିଲ୍ଲାରେ କରାଟେ-ଡୋର ଭବିଷ୍ୟତ ବିକାଶ ପାଇଁ ନୂତନ ରୋଡମ୍ୟାପ ଉପସ୍ଥାପନ କରିଥିଲେ ।

## ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

# ମେଧାବୀ ଛାତ୍ରଛାତ୍ରୀ, ଆନ୍ତର୍ଜାତୀୟ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

ଜମନକିରା,(ସବ୍ୟୁ): ସ୍ଥାନୀୟ ବିଛାଳାଲ ରାମଚନ୍ଦ୍ର ଗୁପ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ସଚେତନ ନାଗରିକ କମିଟି, ଭୋଜପୁର'ର ସହଯୋଗରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ସମାରୋହରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଘାସିରାମ ବାରିକ ଅଧ୍ୟକ୍ଷତା କରିଥିଲେ । ଏଥିରେ କୁଟୁରାଛୁଆଁ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବିଙ୍କ ସଂଘର୍ଷମୟ ତଥା ପ୍ରେରଣାଦାୟୀ ଜୀବନୀ ଉପରେ ଆଲୋକପାତ କରିଥିଲେ । ତାଙ୍କ କାବ୍ୟ-କବିତାର ମହାନତାକୁ ବର୍ଣ୍ଣନା କରିବା ସହ 'ମାତୃଭୂମି ଓ ମାତୃଭାଷା' ପ୍ରତି ସମର୍ପିତ ହୋଇ ସମାଜ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚିକିତ୍ସକ ଡାକ୍ତର ହୃଦାନନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ନିକୁଞ୍ଜ ବିହାରୀ ରଣା ଏବଂ ଅନ୍ୟତମ ସମ୍ମାନିତ ଅତିଥି ତଥା ପୂର୍ବତନ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଲ ଯୋଗଦେଇ ଗଙ୍ଗାଧର ମେହେରଙ୍କ ଉଚ୍ଚ ଆଦର୍ଶ ଓ ନୈତିକ ମୂଲ୍ୟବୋଧକୁ ନିଜ ଜୀବନରେ ଆପଣେଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ସଭା ପ୍ରାରମ୍ଭରେ ସଚେତନ ନାଗରିକ କମିଟିର ଆବାହକ ପ୍ରଦୀପ କୁମାର ପଣ୍ଡା ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସଂସ୍କୃତିର ବିକାଶ ଦିଗରେ କମିଟିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପରେ କମିଟିର ସମ୍ପାଦକ ରମାକାନ୍ତ ମହାକୁଲ ବାର୍ଷିକ ବିବରଣୀ ପାଠ କରିଥିଲେ।

ଚଳିତ ୨୦୨୬ ଶିକ୍ଷାବର୍ଷରେ ଯୁକ୍ତ ଦୁଇ (୨) ବାର୍ଷିକ ପରୀକ୍ଷାରେ ସମଗ୍ର ବ୍ଲକ୍‌ରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ମେଧାବୀ ଛାତ୍ରଛାତ୍ରୀ କ୍ରିଷ୍ଣା ସାହୁ, ଲିପ୍ସା ରୋହିଦାସ ଏବଂ ସୀମା କିଷାନଙ୍କୁ ମାନପତ୍ର, ଟ୍ରଫି ସହିତ ନଗଦ ଏକ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ଏଥିସହ ନିକଟରେ ଜାପାନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରି ଅଞ୍ଚଳ ତଥା ଦେଶ ପାଇଁ ଗୌରବ ଆଣିଥିବା ଭୋଜପୁରର କୃତୀ କ୍ରୀଡ଼ାବିତ୍ କୁଲଦୀପ ମାହାକୁଲ୍‌ଙ୍କୁ ମଧ୍ୟ ମାନପତ୍ର, ଟ୍ରଫି ଓ ନଗଦ ଏକ ହଜାର ଟଙ୍କା ଦେଇ ବିଶେଷ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଓଡ଼ିଆ ବିଭାଗ ଅଧ୍ୟାପକ ଜନ୍ମେଜୟ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ତାଲା ପକାଇ ଗ୍ରାମବାସୀଙ୍କ ବିକ୍ଷୋଭ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅନ୍ତର୍ଗତ ଜୁଲୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ଠିକ ସମୟରେ ପାଠ ପଢା ସରୁ ନଥିବାରୁ ପରୀକ୍ଷା ରେ ଛାତ୍ରଛାତ୍ରୀ ମାନେ ଭଲ ନମ୍ବର ରଖିବାରୁ ବଞ୍ଚିତ ହେଉଛନ୍ତି । ୫ଟି ଶ୍ରେଣୀକୁ ମାତ୍ର ୨ଜଣ ଶିକ୍ଷକ ରହିଛନ୍ତି । ଫଳରେ ଅଧିକାଂଶ ଦିନ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇ ବିନା ପାଠପଢାରେ ଘରକୁ ଫେରୁଛନ୍ତି । ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ କଲେ



ମଧ୍ୟ ପ୍ରଧାନ ଶିକ୍ଷକ ନିଜର ଅସହାୟତା ଦେଖାଉଛନ୍ତି । ସ୍କୁଲରେ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ନେଇ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀ,ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଆପତ୍ତି ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଅଗ୍ରସର ହେଉଛି । ତେଣୁ ବାଧ୍ୟ ହୋଇ ଗ୍ରାମବାସୀ ସ୍କୁଲ ସମ୍ମୁଖ ଗେଟ ରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଯେତେ ଦିନ ପର୍ଯ୍ୟନ୍ତ ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ଯୋଗାଇ ଦିଆ ନ ଯିବ ସେତେ ଦିନ ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ସ୍ୱାସ୍ଥ୍ୟସେବାର ସୁଧାର ଦାବିରେ ଅନଶନର ଦ୍ୱିତୀୟ ଦିନ

## ବିଭିନ୍ନ ଦଳ ଓ ସଂଗଠନର ଯୋଗଦାନ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର ଦାବିରେ କୋଶଳ ସେନା ପକ୍ଷରୁ ଚାଲିଥିବା ଆମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି । ଅନଶନ ସ୍ଥଳରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଓ ନାଗରିକ ସଂଗଠନର ପ୍ରତିନିଧିମାନେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ଏହି ଅବସରରେ ଗନ୍ଧମାର୍ଦନ ସୁରକ୍ଷା ଆହ୍ୱାନ କମିଟି ଆବାହକ ରାଜକୁମାର ସେଠ, ଆମ ଆଦମୀ ପାର୍ଟି ଭଟଲି ବିଧାୟକ ପ୍ରାର୍ଥୀ ଶାହାରୁଖ ଲୋଧିଆ, ମହିଳା ସଭାନେତ୍ରୀ ସରିତା ସୁନା, ବରଗଡ଼ କଂଗ୍ରେସ ଜିଲ୍ଲା ସଭାପତି ଶୁଭେନ୍ଦୁ ସାହୁ, ପଦ୍ମପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁ, ଟାଉନ ସଭାପତି ସନ୍ତୋଷ ଶତପଥି, ବ୍ଲକ ସଭାପତି ପ୍ରଦୀପ ବେହେରା, କୃଷକ କଂଗ୍ରେସ ସଭାପତି ଗୁଣମଣୀ ସାହୁ, ପାଇକମାଳ ବ୍ଲକ ସଭାପତି ବିନୋଦ କାଳିଆ, କ୍ଷେତ୍ରୀ ଲୁହାର ଓ ପ୍ରାଣବନ୍ଧୁ ଦାଶ ପ୍ରମୁଖ ଯୋଗଦେଇଥିଲେ ।

ସେହିପରି ପାଇକମାଳ ନାଗରିକ କମିଟି ସଭାପତି ମନୋଜ ତ୍ରିବେଦୀ, ଝାରବନ୍ଧ ବ୍ଲକର ମୁଜାଫର ହୁସେନ, କୋଶଳ ସମନ୍ୱୟ କମିଟିର ମନୋରଞ୍ଜନ ସିଂ ବରିହା, କୋଶଳ କ୍ରାନ୍ତି ସେନା ଆବାହକ ସୁଶାନ୍ତ ମିଶ୍ର, ସୋହେଲା ନାଗରିକ କମିଟିର ସାମାଜିକ କର୍ମୀ ଅନିଲ ପଧାନ, ସଂକଳ୍ପ ପରିବାର ବରଗଡ଼ର ନିରାକାର ପ୍ରଧାନ ଓ ଦ୍ରୋଣ ବେହେରା, ଟଙ୍କିକିଆ କ୍ଲିନିକର ଡା. ଶଙ୍କର ରାମଚନ୍ଦାନୀ, ବିଏସକେଏସର ଯୁଗେନ୍ଦ୍ର ସାହା, ବିଜେଡି ନଗର ସଭାପତି ନବକିଶୋର ସାହୁ, ବାରିକେଳ ଗ୍ରାମପଞ୍ଚାୟତର ରମେଶ ମେହେର ଓ ସନ୍ତୋଷ ସାହୁ, ବୁବୁଡ଼ାର ପ୍ରକାଶ ଦାଶ ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚିଥିଲେ । ସେମାନେ ନିଜ ନିଜ ଦଳ ଓ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ଅନଶନକାରୀଙ୍କ ସହ କିଛି ସମୟ ବସିଥିଲେ । ଏହାଦ୍ୱାରା ଅନଶନକାରୀଙ୍କ ମନୋବଳ ବଢ଼ିଥିବା କୋଶଲ ସେନା ପକ୍ଷରୁ କୁହାଯାଇଛି । ଅନଶନକାରୀଙ୍କ ମନୋବଳ ବଢ଼ାଇବା ସହ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ସମସ୍ତ ନେତା, ସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ କୋଶଲ ସେନା ଉପଦେଷ୍ଟା ଅଜିତ ଶତପଥି ଧନ୍ୟବାଦ ଜଣାଇଥିଲେ ।

## ଅସୁରକ୍ଷିତ ଯାତ୍ରୀ ବିଶ୍ରାମଗାର, ବିପଦରେ ଯାତ୍ରୀ

କୋକସରା,(ସବ୍ୟୁ): କୋକସରା ବ୍ଲକ ସଦର ମହକୁମା କୋକସରା ଠାରେ ଥିବା ଯାତ୍ରୀ ବିଶ୍ରାମଗାର ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଶ୍ରାମଗାର କୋଠା ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ରହିଛି । ବିଶ୍ରାମଗାର ମଧ୍ୟରେ କୁଢ଼ କୁଢ଼ ମଇଳା ଆବର୍ଜନାରେ ନାକ ଫାଟି ପଡୁଥିବା ବେଳେ ଯାତ୍ରୀମାନେ ବିଶ୍ରାମଗାରକୁ ନ ଯାଇ ନିକଟସ୍ଥ ଦୋକାନ ବଜାରରେ ରହି ବସ ପାଇଁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି । ଅନ୍ୟପଟେ କୋଠାର ଅନେକ



ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ସ୍ଲାବ ମଧ୍ୟ ଦୁର୍ବଳ ଅବସ୍ଥାରେ ରହିଛି, ଏଣୁ ଯାତ୍ରୀ ବିଶ୍ରାମଗାର ଭିତରକୁ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି । ପୂର୍ବରୁ ଏହି ବିଶ୍ରାମଗାରରେ ପାନୀୟ ଜଳ, ମହିଳାଙ୍କ ପାଇଁ ଶୌଚାଳୟର ସୁବିଧା ଉପଲବ୍ଧ ରହିଥିଲା, କିନ୍ତୁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ହୀନତା ଯୋଗୁଁ ଏବେ ବିଶ୍ରାମଗାରଟି ଯାତ୍ରୀଙ୍କ ପାଇଁ କୌଣସି କାମରେ ଆସୁନଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । କୋକସରା ଦେଇ ଜାତୀୟ ରାଜପଥ ୨୬ ଯାଇଥିବା ବେଳେ ପ୍ରତିଦିନ ଶତାଧିକ ଯାତ୍ରୀ ଏହି ବସଷ୍ଟାଣ୍ଡରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଦୂରଗାମୀ ବସ ସହ ସ୍ଥାନୀୟ ଲୋକମାନେ ମଧ୍ୟ ନିଜ ଗନ୍ତବ୍ୟ ସ୍ଥଳୀକୁ ଯିବାପାଇଁ ବିଶ୍ରାମଗାର ଉପରେ ନିର୍ଭର କରୁଥିଲେ । କିନ୍ତୁ ସ୍ଥାନୀୟ ପଞ୍ଚାୟତ ଅଧିକାରୀ କିମ୍ବା ସରପଞ୍ଚ ଏନେଇ କୌଣସି ପଦକ୍ଷେପ ନେଉ ନାହାନ୍ତି, ଫଳରେ ଯାତ୍ରୀ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ଏ ଦିଗରେ ତ୍ୱରିତ ଦୃଷ୍ଟି ଦେଇ ବିଶ୍ରାମଗାର ମରାମତି ଓ ରକ୍ଷଣାବେକ୍ଷଣ ନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଜନ ସାଧାରଣ ମାନେ ଦାବି କରିଛନ୍ତି ।

## ବାତ୍ୟା ପ୍ରଭାବିତ

## ଜଳବନ୍ଦୀଙ୍କୁ ସ୍ଥାନାନ୍ତର

ଜୟପାଟଣା,(ସବ୍ୟୁ): ଜୟପାଟଣା ବ୍ଲକ ଅଞ୍ଚଳରେ ତିନିଦିନ ଧରି ଲଗାଣ ୨୪୦ମିଲି ମିଟର ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ବନ୍ୟା ପ୍ରଭାବିତ ଗାଁ ତଥା ଜଳବନ୍ଦୀ ଜୀବନ ବିତାଉଥିବା ଭିତର ପଣ୍ଡି ଗ୍ରାମର ୩୦ ପରିବାରଙ୍କୁ ଜିଲ୍ଲାପାଳ ସାକ୍ଷାତକରି ସେମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି । ସ୍ଥାନୀୟ ଲାଞ୍ଜିଗଡ଼ ବିଧାୟକ ତାଙ୍କ ପ୍ରତିନିଧି ଜୟପାଟଣା ବ୍ଲକ ଏନଏସି ବିଜେଡି ସଭାପତି ସତ୍ୟନାରାୟଣ ଅଗ୍ରୱାଲ କର୍ମୀଙ୍କ ସହ ଶୁଖା ଖାଦ୍ୟ ଣ୍ଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷ୍ୟା ଅଗ୍ରୱାଲ, ବିଡିଓ ଧର୍ମରାଜ ମାଝି, ତହସିଲଦାର ଦୀପ୍ତି ରେଖାଙ୍କ ସମେତ ଅନେକ ସ୍ଥାନୀୟ ଅଧିକାରୀ ପ୍ରଭାବିତ ପରିବାରଙ୍କ ନିକଟରେ ଉପସ୍ଥିତ ଥିଲେ । ଜୟପାଟଣା ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମର ମିଳିତ ଉଦ୍ୟମରେ ରବର ବୋଟ ସହାୟତାରେ ବିପନ୍ନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣି ରନ୍ଧାଖାଦ୍ୟ ଏବଂ ସୁଖା ଖାଦ୍ୟ ବଣ୍ଟନ କରାଯାଇଥିଲା । ଇନ୍ଦ୍ରାବତୀ ଜଳଭଣ୍ଡାର ସର୍ବୋଚ୍ଚ ସୀମାକୁ ଛୁଇଁ ଆସୁଥିବାବେଳେ ୫ଟି ଗେଟ ଖୋଲି ବନ୍ୟାଜଳ ଇନ୍ଦ୍ରାବତୀ ନଦୀଗର୍ଭକୁ ଛଡ଼ା ଯିବା ଏବଂ ମୁଖିଗୁଡ଼ାସ୍ଥିତ ଶକ୍ତି ଗୃହରୁ ୨୦୦କ୍ୟୁସେକ ପାଣିଛାଡ଼ି ଥିବାରୁ ହାତୀ ବେରେଜରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଚର୍ଚ୍ଚା ହେଉଛି । ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ବିଦ୍ୟୁ ଉତ୍ପାଦନକୁ ସାମୟିକ ଭାବେ ବନ୍ଦ କରାଯାଇଥିବା ଜଣାପଡିଛି । ତଥାପି ଜୟପାଟଣା ଅଞ୍ଚଳର ଚାନ୍ଦପୁର, ତଳ ଡଙ୍ଗରିଗୁଡ଼ା, ଧାମନଗୁଡ଼ା, କଛାରପଡା ଆଦି ଗ୍ରାମର ଲୋକେ ଏବେବି ବନ୍ୟା ଆଶଙ୍କାରେ ରହିଥିବା ପ୍ରକାଶ କରନ୍ତି ।

# ଗାଁ ମୁହାଁ ୫୦ଟିକିଆ ହାତୀପଲ

## ଭାଙ୍ଗିଲେ ମନ୍ଦିର, ଘର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳର ୩ଟି ସେକ୍ସନ ଅନ୍ତର୍ଗତ ବିଭିନ୍ନ ଗାଁରେ ବର୍ତ୍ତମାନ ଛୋଟବଡ଼ ମିଶି ଥିବା ୫୦ରୁ ଉର୍ଦ୍ଧ୍ୱ ବଣୁଆ ହାତୀପଲଙ୍କ ଉତ୍ପାତ ଓ ଦୌରାତ୍ମ୍ୟ ଚରମ ସୀମାରେ ଦେଖିବାକୁ ମିଳିଛି । ଶୁକ୍ରବାର ରାତିରେ ମାଳିଶିରା ପଞ୍ଚାୟତ ଡଙ୍ଗାବାଞ୍ଜି ସେକ୍ସନରେ ଥିବା ୧୮ଟିକିଆ ହାତୀପଲ ଏକ ହନୁମାନ ମନ୍ଦିର,ଚଣ୍ଡୀ ମନ୍ଦିର ସହ ବହୁ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା ଓ ବ୍ୟାପକ ଫସଲ କ୍ଷୟକ୍ଷତି କରିଥିବା ଅଭିଯୋଗ ହୋଇଛି । ହାତୀପଲ ଡେଙ୍ଗପଦର ଗ୍ରାମର ହୃଦାନନ୍ଦ ମେଶୁଆଙ୍କ ଘର ପାଖରେ ପୂଜା କରାଯାଉଥିବା ଏକ ହନୁମାନ ମନ୍ଦିର ଓ ଚଣ୍ଡୀ ମନ୍ଦିରକୁ ଭାଙ୍ଗିରୁଜି ଚୁରମାର କରିଦେଇଥିଲେ । ଏହାସହିତ ଗ୍ରାମର ଆଉ କେତେଜଣଙ୍କ ଘରଦ୍ୱାର ମଧ୍ୟ



ଭଙ୍ଗାରୁଜା କରିବାରୁ ସେମାନେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ଏହା ସହିତ ଚାଷୀ ଗୋବିନ୍ଦ ମେଶୁଆ ଓ ଅନ୍ୟମାନଙ୍କ ବ୍ୟାପକ ଫସଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଗାଁର ଜଣଙ୍କ ଛାତ ଉପରୁ ତଳେ ବଣୁଆ ଦନ୍ତା ହାତୀର ଚଳପ୍ରଚଳ କରୁଥିବା ଭିଡିଓ ମୋବାଇଲରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି । ହାତୀପଲ ଖରାଳୀ ଗ୍ରାମର ହରିଶ ଧରୁଆଙ୍କ ଘର ଭାଙ୍ଗି ଦେଇଥିବା ବେଳେ ଚାଷୀ ଜୟଦେବ ମହାକୁର,ନେତ୍ରା ମହାକୁର,ଚନ୍ଦ୍ରଶେଖର ମହାକୁରଙ୍କ ବହୁ ଧାନ ଫସଲ ଓ ରୋହିତ ମହାକୁରଙ୍କ କନ୍ଦା ଫସଲକୁ ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସେହିପରି ଭୂତିସଡ଼ା ଗ୍ରାମର ଉଜ୍ଜ୍ୱଳ ଭୋଇଙ୍କ ଘର ଭାଙ୍ଗି ଦେଇଥିବା ବେଳେ ଧାନ ଫସଲ ନଷ୍ଟ କରିଦେଇଥିବା ଜଣାପଡିଛି । ଡଙ୍ଗାବାଞ୍ଜି ଗ୍ରାମରେ ମଧ୍ୟ ହାତୀପଲ କ୍ଷୟକ୍ଷତି କରିଥିବା ସୂଚନା ମିଳିଛି । ଏ ନେଇ ଡଙ୍ଗାବାଞ୍ଜି ସେକ୍ସନ ଫରେଷ୍ଟର ମନୋଜ ଦଣ୍ଡସେନାଙ୍କୁ ପଚାରିବାରୁ ହଠାତ୍ ଗୁଲମୀ ସେକ୍ସନରୁ ୧୮ଟିକିଆ ହାତୀପଲ ସବୁ ଆସି ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି । ଲୋକଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଉଛି । ବିଦ୍ୟୁତ୍ କାଟ ଯୋଗୁଁ ଲୋକେ ବିଭାଗ ଉପରେ ତୀବ୍ର ବିରକ୍ତି ପ୍ରକାଶ କରୁଥିବା ସେ ପ୍ରକାଶ କରିଛନ୍ତି। ଶୁକ୍ରବାର ରାତିରେ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରିଥିବା ହାତୀପଲ ଶନିବାର ସନ୍ଧ୍ୟାରୁ ପୁଣି ବିଭିନ୍ନ ଗାଁକୁ ପହଞ୍ଚି ସାରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ଭାରପ୍ରାପ୍ତ ରେଞ୍ଜର ଡମ୍ବରୁଧର ପ୍ରଧାନଙ୍କୁ ପଚାରିବାରୁ ରେଞ୍ଜ ଅଞ୍ଚଳରେ ଏବେ ୫୦ରୁ ଉର୍ଦ୍ଧ୍ୱ ହାତୀପଲ ସକ୍ରିୟ ଅଛନ୍ତି,ହାତୀପଲ ରେଞ୍ଜରୁ ଆଉ କେଉଁଆଡ଼େ ଯାଉନାହାଁନ୍ତି,ଏବେ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି,ଆବେଦନ କଲେ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରାଯାଉଥିବା ସେ ପ୍ରକାଶ କରିଛନ୍ତି ।

# ଯୋଗାଣ ସହାୟକଙ୍କ ଦାବି ପୂରଣ କରନ୍ତୁ ସରକାର : ନରସିଂହ

ବଲାଙ୍ଗିର,(ସବ୍ୟୁ) : ସାରା ରାଜ୍ୟର ଯୋଗାଣ ସହାୟକମାନେ ଭୁବନେଶ୍ୱର ରେ ଆନ୍ଦୋଳନ ପାରିଶ୍ରମିକ ବୃଦ୍ଧି ସହ ଅନ୍ୟାନ୍ୟ ଅସୁବିଧାର ସମାଧାନ ପାଇଁ ଆନ୍ଦୋଳନ କରୁଛନ୍ତି । ବଲାଙ୍ଗିର ଜିଲ୍ଲାରେ ମଧ୍ୟ ପଂଚାୟତମାନଙ୍କରେ କାମ କରୁଥିବା ପାଖାପାଖି ୨୩୦ ଜଣ ଯୋଗାଣ ସହାୟକ ଆନ୍ଦୋଳନରେ ଯୋଗ ଦେଇ ତାଙ୍କ ନ୍ୟାର୍ଯ୍ୟ ଦାବି ଗୁଡିକୁ ନେଇ ସରକାରଙ୍କ ସମ୍ମୁଖରେ ରଖିଛନ୍ତି । ତାଙ୍କର ମୁଖ୍ୟ ଦାବି ମାସିକ ପାରିଶ୍ରମିକ ରାଶି ବୃଦ୍ଧି କରାଯାଉ । ବର୍ତ୍ତମାନ ସେମାନେ ପାଉଥିବା ୮ହଜାର ଟଙ୍କା ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରି ରୁ ମଧ୍ୟ ବହୁତ କମ । ସରକାର ଚାକିରି ପ୍ରଦାନ କ୍ଷେତ୍ରରେ ଜନମଙ୍ଗଳକାରୀ ପଦକ୍ଷେପ ନେବା ପରିବର୍ତ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ମଣିଷର ଦୈନନ୍ଦିନ ଗୁଜୁରାଣ ମେଣ୍ଟି ନ ପାରିବା ଭଳିଆ ପାରିଶ୍ରମିକ ନ ଦେଇ ଲୋକଙ୍କର ଜିବନ ଜିଇଁବାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ମାତ୍ର ୮ ହଜାର ଟଙ୍କାରେ ଜଣେ ଯୋଗାଣ ସହାୟକ ତାର ପରିବାର ଚଳିବେ କିପରି । ତେଣୁ ସରକାର ଯେତେ ଶିଘ୍ର ହେବ ଆନ୍ଦୋଳନରତ ଯୋଗାଣ ସହାୟକ ପାଖକୁ ଯାଇ ଆଲୋଚନା ମାଧ୍ୟମରେ ତାଙ୍କର



ଦାବି ଗୁଡିକୁ ତୁରନ୍ତ ପୁରଣ କରନ୍ତୁ ବୋଲି ଆଜି ନିଜ ଆବାସିକ କାର୍ଯ୍ୟାଳୟରେ ବଲାଙ୍ଗିର ଜିଲ୍ଲାର ଆନ୍ଦୋଳନରତ ଯୋଗାଣ ସହାୟକମାନଙ୍କର ଦାବି ଓ ଅନୁରୋଧ ଶୁଣିଲା ପରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଯୋଗାଣ ସହାୟକଙ୍କ ଜିଲ୍ଲା ସଭାପତି ଅମୁଲ୍ୟ ବାରିକଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳ ଙ୍କ ଆଲୋଚନା ପରେ ଜିଲ୍ଲା ଯୋଗାଣ ଅଧିକାରୀ ଓ ବଲାଙ୍ଗିର ଜିଲ୍ଲାପାଳଙ୍କ ସହ ଫୋନ ମାଧ୍ୟମରେ ଆଲୋଚନା କରିଥିଲେ । ଯେହେତୁ ଏହି ସମସ୍ୟାରେ ସାରା ରାଜ୍ୟରେ ଦେଖା ଦେଇଛି ତେଣୁ ଯୋଗାଣ ସହାୟକଙ୍କ ଦାବିକୁ ନେଇ ଶ୍ରୀ ମିଶ୍ର ଫୋନ ମାଧ୍ୟମରେ ଫୋନ ମାଧ୍ୟମରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଆଲୋଚନା କରିଥିଲେ । ଆଲୋଚନା ସକରାତ୍ମକ ଥିବା ବେଳେ ମୁଖ୍ୟ ଶାସନ ସଚିବ ଏହାକୁ ନେଇ କଣ ପଦକ୍ଷେପ ନିଆଯାଇ ପାରିବ ସେ ଦିଗରେ ଚେଷ୍ଟା କରିବେ ବୋଲି ଶ୍ରୀ ମିଶ୍ରଙ୍କୁ କହିଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟରତ ଯୋଗାଣ ସହାୟକମାନଙ୍କୁ ଜିଲ୍ଲା ର ଉପ ଯୋଗାଣ ଅଧିକାରୀ କାର୍ଯ୍ୟରୁ ବାହାର କରିଦେବା ଭଳିଆ ଧମକ ଦେଉଥିବା ସହ ତାଙ୍କ ସ୍ଥାନରେ ଅଲଗା ଲୋକଙ୍କୁ ନିୟୋଜିତ କରାଯିବ ବୋଲି କହୁଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ । ଦରକାର ପଡିଲେ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସମ୍ମୁଖରେ ଜିଲ୍ଲାର ସମସ୍ତ ଯୋଗାଣ ସହାୟକ ଏହି ଧମକ ବିରୁଦ୍ଧରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଆନ୍ଦୋଳନକାରୀମାନେ ଶ୍ରୀ ମିଶ୍ରଙ୍କ ଆଗରେ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ଶ୍ରୀ ମିଶ୍ରଙ୍କ ଆଲୋଚନା କରିଥିବା ଯୋଗାଣ ସହାୟକଙ୍କ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଂପାଦକ ତପସ୍ୱିନୀ ପ୍ରଧାନ, ପିତାମ୍ବର ନାଏକ, ରାଜ କୁମାର ପୋଡ, ସରଜୁ ପ୍ରଧାନୀ, ଅଭିଳାଶ ସାହୁ, ଯୁଶୋଶ୍ୱରୀ ବିଶ୍ୱାଲ, ଲକ୍ଷ୍ମୀକାନ୍ତ ଭୋଇ, ବ୍ରଜ ମହାନନ୍ଦ, ଶୁଶାନ୍ତ ଦାଶ, ବନମାଲି ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ 'କଳ୍ପତରୁ ସେବା ଆଶ୍ରମ' ପରିସରରେ ନେସନାଲ୍ ମେଡିକୋସ୍ ଅର୍ଗାନାଇଜେସନ୍ ଭିମସାର ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏନଏମଓ ଓଡ଼ିଶାର ସଂଗଠନ ମନ୍ତ୍ରୀ ଡାକ୍ତର ସଞ୍ଜିବ କୁମାର ମିଶ୍ର, ଭିମସାର୍ ଏନଏମଓ କାର୍ଯ୍ୟାଳୟ ସମ୍ପାଦକ ଡାକ୍ତର ରଞ୍ଜନ କୁଜୁର, କୋଷାଧ୍ୟକ୍ଷ ଡାକ୍ତର ରୋହନ କୁମାର ନାୟକ ଏବଂ ବିଦ୍ୟାର୍ଥୀ ପ୍ରମୁଖ ଶୁଭମ୍ ନନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭିମସାର ବିଶେଷଜ୍ଞ ଡାକ୍ତର ଏବଂ ମେଡିକାଲ ଛାତ୍ରଙ୍କୁ ନେଇ ଗଠିତ ଦଳ ଶିବିରରେ ସମସ୍ତ ଅନ୍ତେବାସୀଙ୍କର ପୁଙ୍ଖାନୁପୁଙ୍ଖ ଶାରୀରିକ ପରୀକ୍ଷା କରିଥିଲେ । ବର୍ତ୍ତମାନ ପାଣିପାଗକୁ ଦୃଷ୍ଟିରେ ରଖି ମୁଖ୍ୟତଃ ମୌସୁମୀ ଜନିତ ସଂକ୍ରମଣ, ପୁଷ୍ଟିହୀନତା ଏବଂ ଶାରୀରିକ ବିକାଶ ଜନିତ ବିଭିନ୍ନ ସମସ୍ୟା ଉପରେ ଏହି ଶିବିରରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପ୍ରାଥମିକ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯିବା ସହ ସମସ୍ତଙ୍କୁ ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଔଷଧ ବିଷୟରେ ସଚେତନ କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟତୀତ ଯୁବପିଢ଼ିଙ୍କ ମଧ୍ୟରେ ସୁସ୍ଥ ଜୀବନ ଶୈଳୀ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ବ୍ୟକ୍ତିଗତ ପରିଚ୍ଛନ୍ନତା ରକ୍ଷା କରିବା, ହାତ ଧୋଇବାର ସଠିକ୍ ପଦ୍ଧତି ଏବଂ ନିରାପଦ ସ୍ୱଚ୍ଛତା ବ୍ୟବସ୍ଥା ଆଦି ଦୀର୍ଘସ୍ଥାୟୀ ସୁସ୍ଥ ଅଭ୍ୟାସ ସମ୍ପର୍କରେ ଉପସ୍ଥିତ ଯୁବକଯୁବତୀମାନଙ୍କୁ ଅବଗତ କରାଯାଇଥିଲା ।

**AFFIDAVIT**

By virtue of an affidavit sworn before The Notary Public, Borigumma, dated: 07/09/2026, I, UTU SANTA, Address: Ramaguda, Po: Ranaspur, PS: B.Singhpur, Dist: Koraput, Odisha-764057 declare that, I have changed my name from BHATU SANTA to UTU SANTA. Henceforth, I shall be known as UTU SANTA for all purposes.

**Utu Santa**

**AFFIDAVIT**

By virtue of an affidavit sworn before The Notary Public, Borigumma, dated: 22/09/2026, I, MADHAB HARIJAN Address: Jayantagiri, Po: Jayantagiri, PS: Borigumma, Dist: Koraput, Odisha-764056 declare that I have changed the name of my daughter from RINKI HARIJAN to RITIKA HARIJAN. Henceforth, she shall be known as RITIKA HARIJAN for all purposes.

**Madhab Harijan**

**AFFIDAVIT**

By virtue of an affidavit sworn before The Notary Public, Borigumma, dated: 08/09/2026, I, DHANURJAY PENTHIA, Address: Bisoiput, Po: Bijapur, PS: Borigumma, Dist: Koraput, Odisha-764056, declare that I have changed the name of my son from BUNU PENTHIA to TUSARKANTA PENTHIA. Henceforth, he shall be known as TUSARKANTA PENTHIA for all purposes.

**Dhanurjya Penthia**

**AFFIDAVIT**

By virtue of an affidavit sworn Before the Notary Public, Borigumma, dated 10/09/2026, I, PADMAN BHATRA Ad dress: Sauniguda, Po: Sanporia, PS: Borigumma, Dist: Koraput, Odisha-764056 declare that I have changed the name of my son from CHENDUR BHATRA to CHITRA BHATARA. Henceforth, he shall be known as CHITRA BHATARA for all purposes.

**Padman Bhatra**

# କବିବର ରାଧାନାଥ ରାୟ

ଆଧୁନିକ ଓଡ଼ିଆ ସାହିତ୍ୟର କାବ୍ୟକବିତା କ୍ଷେତ୍ରରେ ନବଯୁଗର ପ୍ରବର୍ତ୍ତକ ଥିଲେ କବିବର ରାଧାନାଥ ରାୟ । ପ୍ରାଚୀନ ରୀତିଯୁଗ ସାହିତ୍ୟଠୁଁ ଆଗକୁ ଯାଇ ସେ ଯେଉଁ କାବ୍ୟକବିତା ସର୍ଜନା ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ, ତାହାର ପ୍ରଭାବ ଓଡ଼ିଶାର କବି ସାହିତ୍ୟିକମାନଙ୍କୁ ବେଶ ଆଚ୍ଛନ୍ନ କରି ରଖିଥିଲା । ସେ ଜନ୍ମ ହୋଇଥିଲେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ବାଲେଶ୍ୱର ଜିଲ୍ଲାର ସୋର ଅନ୍ତର୍ଗତ କେଦାରପୁରରେ । ତାଙ୍କର ଦେହାନ୍ତ ହୋଇଥିଲା ୧୯୦୮ ଏପ୍ରିଲ ୧୭ ତାରିଖରେ । ଉଲ୍ଲେଖନୀୟ ଯେ ଏପ୍ରିଲ ୧୭ ତାରିଖରେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଓ ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରହଲ୍ଲାଦ ପ୍ରଧାନ, ବିଶିଷ୍ଟ ଜନନେତା ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ ପୂର୍ବତନ ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର ମଧ୍ୟ ଦେହାନ୍ତ ହୋଇଥିଲା ।



କବିବର ରାଧାନାଥଙ୍କର ଜନ୍ମ ଶତବାର୍ଷିକର ଶ୍ରାଦ୍ଧୋତ୍ସବରେ ସଭାପତିତ୍ୱ କରି ବିଶିଷ୍ଟ କବି ଡକ୍ଟର ମାୟାଧର ମାନସିଂହ ତାଙ୍କ ସମ୍ପର୍କରେ ଯଥାର୍ଥରେ କହିଥିଲେ–'ରାଧାନାଥ କେବଳ କବି ନୁହନ୍ତି, ସେ ଏ ଦେଶରେ କବିବର ଓ କବିଗୁରୁ ବୋଲି ପରିଚିତ ଏବଂ ସେ ବିଶେଷଣର ସମ୍ପୂର୍ଣ୍ଣ ଭାଜନ । ଉପେନ୍ଦ୍ରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଓଡ଼ିଆ କବିର ଏପରି ବହୁ ସଂଖ୍ୟକ ଅନୁକାରୀ ଆମ ସାହିତ୍ୟରେ ଦେଖାଯାଇ ନାହାନ୍ତି । ଜୀବନକାଳରେ ରାଧାନାଥ ଉତ୍ସାହ ଓ ସଂଶୋଧନ ଦେଇ ଅନେକଙ୍କ କବି ପ୍ରତିଭାକୁ ଗଜାରୁ ଗଛ ତ କରେଇଥିଲେ, ତା' ଛଡା ତାଙ୍କ ନିଜ କାବ୍ୟ ସୃଷ୍ଟିର ଆଲୋକରେ ବହୁ ଚିତ୍ତ ତାଙ୍କ ଅଜ୍ଞାତରେ ପ୍ରସ୍ଫୁଟିତ ହୋଇ ଉଠିଥିଲା । ସେ ପୁଷ୍ପୋଦଗମର ଧାରା ଏ ପର୍ଯ୍ୟନ୍ତ ମଧ୍ୟ ଚାଲିଛି । ...ରାଧାନାଥ ସ୍ୱଭାବସିଦ୍ଧ ଚିତ୍ରକର, ସେ ଚିତ୍ତ ବିଶ୍ଳେଷକ ନୁହନ୍ତି । ସେ ଭାଷାର ରଙ୍ଗରେ ପ୍ରକୃତି ଓ ମନୁଷ୍ୟକୁ ଚିତ୍ରି ଯାଇଛନ୍ତି । ତାଙ୍କ କାନ୍‌ଭାସରେ 'ଚିଲିକା' ଏକ ରୂପସୀ ନାୟିକା ଓ 'ଚନ୍ଦ୍ରଭାଗା' ଏକ ଲଳିତ ପୁଷ୍ପ ଯାହା କି ସ୍ପର୍ଶମାତ୍ରେ ଝାଉଁଳି ପଡ଼ିଲା ।...' (ରାଧାନାଥଙ୍କ ପ୍ରତି ଶ୍ରଦ୍ଧା ନିବେଦନ', ପୃଷ୍ଠା–୧୦ ଓ ୧୧, 'ଢ଼ଗର' ଅଗଷ୍ଟ, ସେପ୍ଟେମ୍ବର ୧୯୬୧ ସଂଖ୍ୟା)

**କବିବର ରାଧାନାଥ, ଉଭୟ ବଙ୍ଗଳା ଓ ଓଡ଼ିଆ ଭାଷାରେ କାବ୍ୟ କବିତା ଲେଖି ସୁନାମ ଅର୍ଜନ କରିଥିଲେ ମଧ୍ୟ ଓଡ଼ିଆ ସାହିତ୍ୟ ହିଁ ତାଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ନବଯୁଗର ପ୍ରବର୍ତ୍ତକ ବୋଲି ଉଲ୍ଲେଖ କରିଛି ।**

କବିବର ରାଧାନାଥ, ଉଭୟ ବଙ୍ଗଳା ଓ ଓଡ଼ିଆ ଭାଷାରେ କାବ୍ୟ କବିତା ଲେଖି ସୁନାମ ଅର୍ଜନ କରିଥିଲେ ମଧ୍ୟ ଓଡ଼ିଆ ସାହିତ୍ୟ ହିଁ ତାଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ନବଯୁଗର ପ୍ରବର୍ତ୍ତକ ବୋଲି ଉଲ୍ଲେଖ କରିଛି । ଚିଲିକା, ଚନ୍ଦ୍ରଭାଗା, ଉଷା, ନନ୍ଦିକେଶ୍ୱରୀ, ପାର୍ବତୀ, ଯଯାତିକେଶରୀ, ଉର୍ବଶୀ ତଥା ମହାଯାତ୍ରା ପ୍ରଭୃତି ତାଙ୍କ ରଚିତ କାବ୍ୟ ଏକଦା ଖୁବ୍ ପ୍ରଭାବଶାଳୀ ଥିଲା । ତାଙ୍କର 'ଦରବାର' କାବ୍ୟକୁ ଅନେକ ଶ୍ରେଷ୍ଠ କାବ୍ୟ ଭାବେ ମୂଲ୍ୟାୟନ କରିଥାନ୍ତି । ତାଙ୍କର ୧୭୯ତମ ଜୟନ୍ତୀରେ ତାଙ୍କ ସ୍ମୃତି ପ୍ରତି ଗଭୀରଶ୍ରଦ୍ଧା ନିବେଦନ କରୁଛୁଁ ।

(ଗୁରୁକଲ୍ୟାଣ ମହାପାତ୍ର)

# ହୋମଷ୍ଟେ: ଓଡ଼ିଶାର ମାଟି ଓ ମଣିଷକୁ ନିକଟରୁ ଜାଣିବାର ଏକ ନୂଆ ମାଧ୍ୟମ



**ଶ୍ରୀମତୀ ପ୍ରଭାତୀ ପରିଡ଼ା**
**ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା**

ପ୍ରସିଦ୍ଧ ମନ୍ଦିର, ସମୁଦ୍ରକୂଳ, ଜଙ୍ଗଲ ଓ ପର୍ବପର୍ବାଣି ବ୍ୟତୀତ, ଓଡ଼ିଶାର ପ୍ରକୃତ ଅନୁଭୂତି ଅନେକ ସମୟରେ ଏହାର ଗାଁ, ଘର, ଆଞ୍ଚଳିକ ରୋଷେଇ, କଳାକାରଙ୍କ ଗାଁ ଓ ସ୍ଥାନୀୟ ସମୁଦାୟ ମଧ୍ୟରେ ହିଁ ମିଳିଥାଏ । ଏହି ବିଶ୍ୱ ପର୍ଯ୍ୟଟନ ଦିବସରେ, ମୁଁ ଆପଣଙ୍କୁ ଏକ ନୂଆ ଓଡ଼ିଶାକୁ ଅନୁଭବ କରିବାକୁ ନିମନ୍ତ୍ରଣ କରୁଛି,ଏପରି ଏକ ଓଡ଼ିଶା, ଯାହା ଆପଣଙ୍କୁ ଆପଣାର କରି ସ୍ୱାଗତ କରେ ।

'ହୋମଷ୍ଟେ' ପର୍ଯ୍ୟଟକଙ୍କୁ ଓଡ଼ିଶାର ସଂସ୍କୃତି ଓ ଜୀବନଶୈଳୀକୁ ନିକଟରୁ ଅନୁଭବ କରିବାର ସୁଯୋଗ ଦେଇଥାଏ । ସ୍ଥାନୀୟ ପରିବାର ସହ ବସି ଗାଁର ସ୍ୱାଦିଷ୍ଟ ଖାଦ୍ୟ ଖାଇବା, ପାରମ୍ପରିକ କଳା–କାରିଗରୀ ଶିଖିବା, ଲୋକକଥା ଶୁଣିବା, ଗାଁର ଦୃଶ୍ୟ ବୁଲି ଦେଖିବା କିମ୍ବା ସାଧାରଣ ଜୀବନଯାପନର ଶୈଳୀକୁ ଅନୁଭବ କରିବା ଏହାଦ୍ୱାରା ସମ୍ଭବ ହୁଏ । କୋଠରୀଟି କେବଳ ରହିବା ପାଇଁ ସ୍ଥାନ ଦିଏ, କିନ୍ତୁ ସମୁଦାୟ ମିଶି ସେହି ରହଣିକୁ ଏକ ଚିରସ୍ମରଣୀୟ ଅନୁଭୂତିରେ ପରିଣତ କରନ୍ତି ।

ଏହି ଭାବନା ଆମର ସନାତନ ପରମ୍ପରା 'ଅତିଥି ଦେବୋ ଭବ' ସହ ଗଭୀର ଭାବେ ଯୋଡ଼ି ହୋଇ ରହିଛି । ଓଡ଼ିଶାରେ ଆତିଥ୍ୟ କେବଳ ଏକ ସେବା ନୁହେଁ ଏହା ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଭାବବିନିମୟର ଏକ ପରମ୍ପରା । ହୋମଷ୍ଟେ ମାଧ୍ୟମରେ ଏହି ସୁନ୍ଦର ପରମ୍ପରାକୁ ପର୍ଯ୍ୟଟନର ଏକ ନୂତନ ପିଢ଼ି ସହ ଯୋଡ଼ିବାର ଅପୂର୍ବ ସୁଯୋଗ ଆମ ହାତରେ ରହିଛି ।

'ଓଡ଼ିଶା ହୋମଷ୍ଟେ ଏଷ୍ଟାବ୍ଲିସମେଣ୍ଟ ସ୍କିମ୍–୨୦୨୫' (Odisha Homestay Establishment Scheme– ୨୦୨୫) ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଗ୍ରାମୀଣ ଅଞ୍ଚଳଗୁଡ଼ିକରେ ୪୫୦ଟି ହୋମଷ୍ଟେ ୟୁନିଟ୍ ବିକଶିତ କରିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ଯୋଜନା, ପର୍ଯ୍ୟଟନକୁ କେବଳ ପାରମ୍ପରିକ ସ୍ଥାନଗୁଡ଼ିକରେ ସୀମିତ ନରଖି ସ୍ଥାନୀୟ ଲୋକଙ୍କ ନିକଟତର କରିବାକୁ ଚାହୁଁଛି । ମାତ୍ର ଛଅ ମାସ ମଧ୍ୟରେ ୩୦୦ରୁ ଅଧିକ ଆବେଦନ ପତ୍ର ମିଳିବା ଏହି ଯୋଜନାର ଆଶାଜନକ ସଫଳତାକୁ ଦର୍ଶାଉଛି ।

ଆମର ଲକ୍ଷ୍ୟ କେବଳ ରହିବା ସ୍ଥାନ ଯୋଗାଇବାରେ ସୀମିତ ନୁହେଁ । ପ୍ରତ୍ୟେକ ହୋମଷ୍ଟେ ସ୍ଥାନୀୟ ଅର୍ଥନୀତିର ଏକ ପ୍ରମୁଖ ଅଙ୍ଗ ହୋଇପାରିବ, ଯାହା ଗାଇଡ୍, କାରିଗର, କୃଷକ, ଖାଦ୍ୟ ଉତ୍ପାଦକ, ପରିବହନ ସେବାକାରୀ, ମହିଳା ଉଦ୍ୟୋଗୀ ଓ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଜଣେ ପର୍ଯ୍ୟଟକ ଯେତେବେଳେ ଗୋଟିଏ ସ୍ଥାନୀୟ ପରିବାର ସହ ରହନ୍ତି, ପର୍ଯ୍ୟଟନର ଆର୍ଥିକ ଲାଭ ସମଗ୍ର ସମୁଦାୟ ପାଖରେ ପହଞ୍ଚିଥାଏ ।

ଏଥିପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା, ଦକ୍ଷତା ବୃଦ୍ଧି ଓ ଡିଜିଟାଲ୍ ଶାସନ ମାଧ୍ୟମରେ ହୋମଷ୍ଟେ ମାଲିକମାନଙ୍କୁ ସହାୟତା କରିବା ପାଇଁ ଏକ ସୁଦୃଢ଼ ବ୍ୟବସ୍ଥା ଗଢ଼ି ତୋଳୁଛନ୍ତି । 'Go-Homestay Portal' ଏହି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସହଜ କରିପାରିଛି ଏବଂ ଆର୍ଥିକ ସଂଯୋଗୀକରଣ ହୋମଷ୍ଟେଗୁଡ଼ିକୁ ଏକ ସ୍ଥାୟୀ ସ୍ଥାନୀୟ ଉଦ୍ୟୋଗ ଭାବେ ଗଢ଼ି ତୋଳିବାରେ ସାହାଯ୍ୟ କରୁଛି ।

ଆଜିର ବିଶ୍ୱ ପର୍ଯ୍ୟଟନ ଦିବସରେ, ୧୭୫ଟି ପ୍ରୋଭିଜନାଲ୍ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ବଣ୍ଟନ ଏହି ଦିଗରେ ଆଉ ଏକ ମାଇଲଖୁଣ୍ଟ । ୨୦୩୬ ମସିହାରେ ଓଡ଼ିଶା ଗଠନର ଶହେ ବର୍ଷ ପୂରଣ ଆଡ଼କୁ ଅଗ୍ରସର ହେଉଥିବା ବେଳେ, ଆମ ପର୍ଯ୍ୟଟନ ଯାତ୍ରା ଏହା ସୁନିଶ୍ଚିତ କରିବା ଦରକାର, ଯେପରି ବିକାଶର ସୁଫଳ ସବୁ ଅଞ୍ଚଳରେ ପହଞ୍ଚି ପାରିବ ଏବଂ ଅଧିକରୁ ଅଧିକ ଲୋକଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ।

ଜଣେ ପର୍ଯ୍ୟଟକ ହୁଏତ ମନ୍ଦିର ଦେଖିବାକୁ ଓଡ଼ିଶା ଆସିପାରନ୍ତି, କିନ୍ତୁ ସେ ଗୋଟିଏ ଜୀବନ୍ତ ଗାଁକୁ ଆବିଷ୍କାର କରିବେ । ବନ୍ୟଜନ୍ତୁ ଦେଖିବାକୁ ଆସି ସ୍ଥାନୀୟ ସମୁଦାୟର ଗହଣରେ ସମୟ ବିତାଇବେ । ସମୁଦ୍ରକୂଳ ବୁଲିବାକୁ ଆସି ଏଠାକାର ପାରମ୍ପରିକ ଖାଦ୍ୟର ସ୍ୱାଦ ପାଇବେ । ଆଉ ଫେରିବା ବେଳେ କେବଳ କିଛି ଫଟୋ ନୁହେଁ, ବରଂ ଅସଂଖ୍ୟ ଅଭୁଲା ସ୍ମୃତି ଓ ଗପ ସାଥୀରେ ନେଇଯିବେ ।

ଏହାହିଁ ସେହି ଓଡ଼ିଶା, ଯାହାକୁ ଆମେ ସାରା ବିଶ୍ୱ ସହ ବାଣ୍ଟିବାକୁ ଚାହୁଁ । କାରଣ କୌଣସି ସ୍ଥାନକୁ ସବୁଠାରୁ ପ୍ରକୃତ ରୂପରେ ଅନୁଭବ କରିବାର ସର୍ବୋତ୍ତମ ଉପାୟ ହେଉଛି ସେହି ମାଟିର ଲୋକଙ୍କ ମାଧ୍ୟମରେ । ଆଉ ଓଡ଼ିଶାର ପ୍ରତ୍ୟେକ ଘରେ ଗୋଟିଏ ଗପ ରହିଛି, ଯାହା କହିବାକୁ ସେମାନେ ଆପଣଙ୍କୁ ଅପେକ୍ଷା କରିଛନ୍ତି ।

ଏହି ବିଶ୍ୱ ପର୍ଯ୍ୟଟନ ଦିବସରେ, ଆସନ୍ତୁ ଆମେ ଆମ ଘରର ଦ୍ୱାର ଖୋଲିବା, ଆମର କାହାଣୀ ଓଡ଼ିଶା ଆସୁଥିବା ଅତିଥିମାନଙ୍କ ସହ ବାଣ୍ଟିବା ଏବଂ ସାରା ବିଶ୍ୱକୁ ଓଡ଼ିଶାରେ ସ୍ୱାଗତ କରିବା ।

**************

# ପ୍ରେରଣା



**ଡଃ. ଚନ୍ଦ୍ରକଳା ନାୟକ**

## ଗଳ୍ପ

ଘର ବାହାରେ କେହି ଜଣେ ବାରମ୍ବାର କଲିଂ ବେଲ ବଜାଉଥିଲା । ଓ ହୋ ... ଆଜି ରବିବାରଟାରେ କିଏ ? ଏତେ ସକାଳୁ ରାତି ନପାହୁଣୁ ମଣିଷକୁ ଟିକେ ଶାନ୍ତିରେ ଶୋଇବାକୁ ଦେବେନି । ସକାଳଟାରୁ ଗେଟ ବାହାରେ କିଏ ଗୋଟେ ପହରା ଦେଲାଣି । ମାଗଣ କରିବାକୁ କିଏ ବୋଧେ ଆସିଛନ୍ତି । ମୋର ସମ୍ପର୍କୀୟ ତ କେହି ଏତେ ସକାଳୁ ଆସିବେନି । ଯଦି ବି କିଏ ନିଜ ଲୋକ ଆସିଥାନ୍ତେ, ଫୋନ ତ ନିଶ୍ଚୟ କରିଥାନ୍ତେ । ମଧୁମିତା ଏ ସବୁ ଭାବୁ ଭାବୁ ପୁଣି ଜୋରରେ କଲିଂ ବେଲଟା ବାଜିଲା । ଅସଜଡା ଅଲରା କେଶ ଓ ଶାଢ଼ିର କାନିକୁ ସଜାଡି ସଜାଡି ମଧୁମିତା କବାଟ ଖୋଲିଲା ।

କବାଟ ମୁହଁରେ ଜଣେ ଦରବୁଢା ମଣିଷଙ୍କୁ ଦେଖିଲା। ଏକଦମ ନିପଟ ଗାଉଁଲିଆ। ରୋଗୀଣା, ମଳିମୁଣ୍ଡିଆ, ଜୀର୍ଣ୍ଣ ଶରୀର, ପୋଷାକପତ୍ର ଭାରି ଅପରିଷ୍କାର, ଆଣ୍ଠୁ ଉପରକୁ ମଳିଛିଆ ଗଞ୍ଜି ଖଣ୍ଡେ ଦେହରେ, ଆଉ ହାତରେ ଗାନ୍ଧି ଅମଳର ଝୁଲା ବ୍ୟାଗଟିଏ । ବୁଢାର ମୁହଁରୁ ଜଣା ପଡୁଥିଲା, ସେ ଯେମିତି ବହୁତ ଦୁଃଖୀ ଓ ବିଷାଦ ଗ୍ରସ୍ତ ।

ବୁଢାଟା ଭିକାରୀ ଭାବି ମଧୁମିତା ବିରକ୍ତି ପ୍ରକାଶ କଲା । କହିଲା କଣ ହେଲା ? ରାତି ନପାହୁଣୁ ମାଗିବାକୁ ଚାଲି ଆସିଲ ? କିଛି ବି ମିଳିବନି, ଏଠୁ ଆଗ ଗଲ । ବୁଢା ଏକ ନୟନରେ ତୃଷାର୍ତ୍ତ ପରି ମଧୁମିତାର ମୁହଁକୁ ଅନାଇ ରହିଛି । ପାଟିରୁ ଭାଷା ବାହାରୁ ନଥିଲା । ସେ କହିଲା– ମାଆ ଟିକେ ଶୁଣ ମୋ କଥା ।

ମଧୁମିତା କହିଲା– କଣ ଶୁଣିବି, ଏମିତି ତ ଆଜିର ସକାଳଟା ତୁମେ ପୁରା ଖରାପ କରିଦେଲ । ସକାଳୁ ବାରବୁଲା ମୁହଁ ଚାହିଁଲି ଯେ, ଆଜି ଦିନଟା ଅମଙ୍ଗଳ ନିଶ୍ଚୟ ହେବ । ବୁଢା ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଆସିଲା । ବୁଢାକୁ ଲାଗିଲା ତା ଗାଲରେ ଯେମିତି କିଏ ଶକ୍ତ ଚାପୁଡାଟିଏ ଦେଲା। ଏ ଅମଙ୍ଗଳିଆ ଶବ୍ଦଟା ତା' ଜୀବନର ନିଃସଙ୍ଗତାକୁ ରାମ୍ପି ପକାଉଥିଲା । ବୁଢା ନିଜକୁ ସମ୍ଭ୍ରମ କରି କହିଲା, ମାଆ ମୁଁ ଭିକାରୀ ନୁହେଁ । ମୁଁ ସାଧାରଣ ମଣିଷଟିଏ । ଟିକେ 'ଜଗତ'କୁ ଡାକିଦେବ । ମୋର ତା' ସହ ଗୋଟେ କଥା ବାକି ଅଛି । ମଧୁମିତା ଏଥର କ୍ରୋଧରେ ଥରିବାକୁ ଲାଗିଲା । ତୋର ଏତେ ସାହସ, ତୁ ମୋର ସ୍ୱାମୀଙ୍କ ନାଁଆ ଧରୁଛୁ । ଯାଆ, ଯାଆ ଏଥର ପଳା, ନହେଲେ ଦେଖିବୁ ମୋତେ ।

ଏତେବଡ ଚିତ୍କାର ଶୁଣି ମଧୁମିତାଙ୍କ ସ୍ୱାମୀ ଜଗତବନ୍ଧୁ ମିଶ୍ରଙ୍କ ନିଦ ଭାଙ୍ଗିଗଲା । ବିଛଣାରୁ ଉଠି ମୁହଁ ନଧୋଇ ଦାଣ୍ଡଘର ଦେଇ ବାହାରକୁ ଆସିଲେ । ଆରେ ମଧୁମିତା କଣ ହେଲା ? ମୁଁ ତ ଡରିଗଲି । ଭାବିଲି ଫୁଲ ତୋଳୁ ତୋଳୁ କିଛି ଗୋଟାଏ ଅଘଟଣ ଘଟି ଯାଇଛି ବୋଧେ । ଆଜିକାଲି ସୁନାଚେନ ଟାଣିବାର ଟ୍ରେଣ୍ଡଟା ଚାଲିଛି ତ । ମଧୁମିତା ମୁହଁ ବୁଲାଇ ସ୍ୱାମୀଙ୍କୁ ଉତ୍ତର ଦେଲା, ଏ ବୁଢାର ଦେଖିଲ କେତେ ବହପ ? ମୋ ଘରେ ଠିଆହୋଇ ମୋ ସ୍ୱାମୀଙ୍କ ନାମକୁ କଦର୍ଯ୍ୟ ଭାବରେ କହୁଛି । ଆରେ କିଏ ? ପଚାରିଲେ ଜଗତବନ୍ଧୁ । ମଧୁମିତା ରାସ୍ତା କଡକୁ ଅଙ୍ଗୁଳି ନର୍ଦ୍ଦେଶ କରି ସେଇ ମଳିମୁଣ୍ଡିଆ ଗାଉଁଲି ଲୋକଟାକୁ ଆଙ୍ଗୁଳି ନିର୍ଦ୍ଦେଶ କଲା । ଜଗତବନ୍ଧୁ ଜୋରରେ ଚାଲି ଚାଲି ଯାଇ , ପାଖରେ ଦେଖି, ଆଶ୍ଚର୍ଯ୍ୟ ପ୍ରକାଶ କଲେ । ଏ ଦୀନାକକା ତମେ । ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ । ବୃଦ୍ଧ ଉତ୍ତର ଦେଲେ– ବାପାରେ ତୁ ମୋତେ ଚିହ୍ନି ପାରିଲୁ । ଏଇଟା ମୋର ପରମ ସୌଭାଗ୍ୟ । ଆଜିକାଲି ନିଜ ଲୋକ ମୁହଁ ଫେରାଇ ଦେଉଥିବା ବେଳେ ତୁ ଏ ଦୀନା କକାକୁ ଚିହ୍ନି ପାରିଛୁ, ସେଇଟା ମୋ ପାଇଁ ଯଥେଷ୍ଟ । ଦୀର୍ଘ ତିରିଶ ବର୍ଷ ତଳର ଏଇ ମଣିଷକୁ ତୁ ଏକାଥରେ ଜାଣିଦେଲୁ । ଅଥଚ ମୋ ପୁଅ ମୋତେ ଏ ରୂପରେ ଦେଖିଲେ ଚାକରର ପରିଚୟ ଦିଏ । ତୋର ଏଇ କାକା ଡାକଟା ଭାରି ମିଠାରେ ।

କିଛି ଦୂରରେ ଦଣ୍ଡାୟମାନ ମଧୁମିତା ଏ ଦୃଶ୍ୟକୁ ଖୁବ ଆଶ୍ଚର୍ଯ୍ୟରେ ଅନାଇ ରହିଥାଏ । ଜଗତବନ୍ଧୁ କହିଲା,– ଆରେ ମଧୁମିତା ଦେଖୁଛ କଣ, ଏ ପରା ଆମ ମଧୁପୁର ଗାଁର ମୁରବୀ । ଦୀନକୃଷ୍ଣ ଶତପଥୀ ଓରଫ ସମସ୍ତଙ୍କ ପ୍ରିୟ ଦୀନାକକା । ଜାଣିଛ, ଆଖପାଖ ଅଞ୍ଚଳରେ ସମସ୍ତେ ତାଙ୍କୁ ମାନନ୍ତି । ପାଞ୍ଚଖଣ୍ଡ ମୌଜାରେ ନ୍ୟାୟ କରିବାର ଅଛି ତ, ଦିନାକକାଙ୍କୁ ହିଁ ଖୋଜାପଡେ। ଧନୀ ବି ଥିଲେ, ହେଲେ କଣ ହେବ, ଗୋଟିଏ ମାତ୍ର ପୁଅ ଅଭିମନ୍ୟୁକୁ ଡାକ୍ତରୀ ପଢାଇବାରେ ସର୍ବସ୍ୱାନ୍ତ ହୋଇଗଲେ । ତାଙ୍କ ପୁଅ ଏବେ କଟକ ଏସ.ସି.ବି ମେଡିକାଲରେ ଜଣେ ଜଣାଶୁଣା ସ୍ତ୍ରୀ ରୋଗ ବିଶେଷଜ୍ଞ । ଜାଣିଛ ମଧୁ, ମୁଁ ଆଜି ଓ.ଏ.ଏସ ହେବାରେ ଦୀନାକକାଙ୍କର ହିଁ ହାତ ଅଛି । ତାଙ୍କ ପାଇଁ ତ ମୁଁ ଆଜି ପ୍ରତିଷ୍ଠିତ ।

ହେଲେ ଏମିତି ପରିସ୍ଥିତି , ଆଉ ଏତେ ବର୍ଷ ପରେ ... ଏତିକି କହି ମଧୁମିତା ଅଟକି ଗଲା। ଇଚ୍ଛା ନଥିଲେ ବି କାକାଙ୍କୁ ପ୍ରଣାମ ଜଣାଇଲା । ମଧୁମିତା ନିଜର ବ୍ୟବହାର ପାଇଁ ଦୁଃଖ ପ୍ରକାଶ ବି କଲା । ଜଗତବନ୍ଧୁ ନିଜ ସ୍ତ୍ରୀଙ୍କ ଖୁବ ପ୍ରଶଂସା କାକାଙ୍କ ଆଗରେ କରୁଥିଲେ । ସେ ଜାଣନ୍ତି ମଧୁମିତାଙ୍କୁ ପ୍ରଶଂସା କରିବା ଭାରି ସୁଆଦିଆ ଲାଗେ । ଘରକୁ ଡାକିନେବା ବାଟରେ ଜଗତବାବୁ କହୁଥିଲେ, ମଧୁ ଭାରି ପରୋପକାରୀ। ସମସ୍ତଙ୍କ ଭଲ ମନ୍ଦ ବୁଝେ । ଭୁଲବଶତଃ ସେ ଆପଣଙ୍କୁ ଚିହ୍ନି ପାରି ନଥିବାରୁ ଭାରି ଅନୁତପ୍ତ। ଆପଣଙ୍କୁ ଜାଣିଥିଲେ କଣ ତଡି ଦେଇଥାନ୍ତା ?

ଏଥର ପ୍ରଫୁଲ୍ଲ ମନରେ ମଧୁ କାକାଙ୍କୁ ଘରକୁ ଡାକିନେଲା । କାକା, ମୋତେ ଝିଅ ଭାବି କ୍ଷମା କରିଦିଅନ୍ତୁ । ଆପଣ ବସନ୍ତୁ ଏଇ ସୋଫାରେ, କଥାବାର୍ତ୍ତା କରନ୍ତୁ. ମୁଁ ଚା' ଜଳଖିଆର ବ୍ୟବସ୍ଥା କରୁଛି । ମଧୁମିତା ଠିକ ଯିବାର ସୁଯୋଗ ନେଇ ଜଗତବାବୁ କାକାଙ୍କ ଶୋଚନୀୟ ଅବସ୍ଥା କଥା ବୁଝିବାକୁ ଆରମ୍ଭ କଲେ । କାକା, ଅଭିମନ୍ୟୁ କଣ କିଛି ବୁଝୁ ନାହିଁ । ସେ ତ ବିରାଟ ବଡ ଲୋକ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ । ଆଉ ଆପଣ ଏମିତି ଅବସ୍ଥାରେ ... । ତାର ତ କିଛି ଅଭାବ ନାହିଁ। କିନ୍ତୁ ଆପଣଙ୍କ ଏ ଅବସ୍ଥା ପାଇଁ ଦାୟୀ କିଏ ? କାକା କୋହଭରା କଣ୍ଠରେ କାନ୍ଦିବାକୁ ଆରମ୍ଭ କଲେ । କହିଲେ ବାପା, ଏ ତ କଳା କର୍ମର ଫଳ । ଯେମିତି ଗଛ ଲଗାଇଛି, ଫଳ ତ ମୁଁ ହିଁ ଭୋଗିବ ନାଁ। ଜାଣିଛୁରେ ବାପ, ସେ ମୋତେ ବାପର ପରିଚୟ ଦେଲା ନାହିଁ। କଟକରେ ତାର ବନ୍ଧୁମାନଙ୍କୁ ମୋତେ ଚାକରର ପରିଚୟ ଦେଲା । ସେ ତ ଶ୍ୱଶୁର ଘରର ଜ୍ୱାଇଁ ହୋଇ ଶ୍ୱଶୁର ଘର କଥା ବୁଝୁଛି । ଶାଳୀ, ଶଳା, ଶ୍ୱଶୁର, ସେ ସବୁ ତାର ଏକାନ୍ତ ଅନ୍ତରଙ୍ଗ । ମୁଁ କିଏ ? ଏବେ ତ ପୁଅ ଜନମ ପର ଘରକୁ ଲୋ ବାପା । ସମସ୍ତେ କଣ ତୋ ପରି ପୁଅ ହୋଇଛନ୍ତି ଯେ, ବାପା, ମାଆଙ୍କ ସୁଖ ଦୁଃଖ ବୁଝିବେ । ଆଚ୍ଛା କହିଲୁ ପ୍ରଥମ ଥର ଦେଖାରେ ତୁ ବୋହୂକୁ ମିଛ କାହିଁକି କହିଲୁ ? ମୁଁ ତ ତୋର କିଛି ବି କରିନି । ବରଂ ତୋତେ ଅନେକ କଷ୍ଟ ଦେଇଛି । କେବଳ ଗାଁରୁ ଏଠିକି ଆସିବାର ଏକମାତ୍ର କାରଣ, ତୋତେ ଭୁଲ ମାଗି ଶେଷ ଜୀବନରେ ଶାନ୍ତିରେ ମରି ପାରିବି । ଛି , କାକା ଏ କଣ କହୁଛନ୍ତି । ସେ ଅତୀତକୁ ମୁଁ କେବେଠାରୁ ଭୁଲି ସାରିଛି । ବର୍ତ୍ତମାନ ମୁଁ ତ ଖୁବ ଭଲରେ ଅଛି । ହଠାତ ଦୀନକୃଷ୍ଣ ସୋଫାରୁ ଓହ୍ଲାଇ ଜଗତବାବୁଙ୍କ ଗୋଡ ଦିଇଟାକୁ ଧରି କଇଁ କଇଁ ହୋଇ କାନ୍ଦି ଉଠିଲେ । ଅନୁତାପର ଲୁହ ଗୁଡା ଆଦୌ ବୋଲ ମାନୁ ନଥିଲା । ଜଗତବାବୁ ଦୀନାକାକାଙ୍କୁ କୁଣ୍ଡାଇ ପକାଇଲେ । ଅତି ବିନୟରେ କହିଲେ– କାକା, ଆପଣ ଏମିତି କଣ କହୁଛନ୍ତି ? ମୋତେ କ୍ଷମା ମାଗିଲେ, ମୋର ଅମଙ୍ଗଳ ହେବ । ମୋର ଆୟୁଷ ହାନି ଘଟିବ । ମନେ ଅଛି କାକା, ଆପଣଙ୍କ କେଇପଦ କଥା , ମୋ ଜୀବନ ରାସ୍ତାକୁ ବଦଳାଇ ଦେଇଥିଲା । ମୋ ଭିତରର ଆତ୍ମସତ୍ତାକୁ ଉଖାରି ଜାଗ୍ରତ କରିଥିଲା । ଆଜି ବି ମୋର ସେ ଦିନ ଜଳ ଜଳ ହୋଇ ମନେ ପଡୁଛି ।

ସେଦିନ ଥିଲା ମାର୍ଚ୍ଚ ସାତ ତାରିଖ ରବିବାର। ଆପଣ ଏବଂ ଆପଣଙ୍କ ପୁଅ ଅଭିମନ୍ୟୁ କଟକ ବାହାରି ଥିଲେ । ମୁଁ ପଚାରି ଥିଲି, ଆରେ ଅଭିମନ୍ୟୁ ଭାଇ ଏତେ ସହଳ କୁଆଡେ ? ଅଭିମନ୍ୟୁ ଘୃଣା ଓ ବିରକ୍ତି ହୋଇ ଉତ୍ତର ଦେଇଥିଲା, ରାଣ୍ଡି ପୁଅ ଅନନ୍ତା , ତୋର ଭାରି ସାହସ । ଅତି କଦର୍ଯ୍ୟ ଭାବେ ମୋତେ ଅପମାନ ଦେଇଥିଲା । ତା' ପରେ କାକା ଆପଣ ମୋତେ ଅମଙ୍ଗଳିଆ, ଅଲକ୍ଷଣା କହି ଅନେକ ଗାଳି ଦେଇଥିଲେ । ମୁଁ କିଛି ବୁଝିବା ପୂର୍ବରୁ ଆପଣ କଟକରୁ ଫେରିଲେ, ଜୀବନରେ ମାରି ଦେବାର ଧମକ ଦେଇ ଚାଲି ଯାଇଥିଲେ ।

ମୁଁ ତ ନିଆଶ୍ରୀ ପିଲା । ଅଭିମନ୍ୟୁ ଠାରୁ ତିନିବର୍ଷ ସାନ ହେବି । ଏ କଥା ପଦକରେ କଣ ଥିଲା, ସେଦିନ ମୁଁ ନିଜେ ବି ବୁଝି ପାରି ନଥିଲି । ପଛରୁ ଡାକିବାଟା କଣ ମୋର ଏତେ ବଡ ଭୁଲ ? ବୋଉକୁ କାନ୍ଦି କାନ୍ଦି ସବୁ କହିଲି । ବୋଉ ମୋତେ ବୁଝାଇ ଦେଲା, ଆରେ ବାପା ସେମାନେ ଶୁଭ କାମରେ ଯାଉଥିବେ । ତୁ ପଛରୁ ଡାକିଦେଲୁ ତ, ସେଥିପାଇଁ ତୋତେ ସେମାନେ ଗାଳି ଦେଲେ । ମୋ ମନରେ ଆଶଙ୍କା ଜମାଟ ବାନ୍ଧିଥିଲା । ଅଭିମନ୍ୟୁର ପରୀକ୍ଷା ଯଦି ଖରାପ ହୁଏ, ସେ ତ ମୋତେ ଛାଡିବନି ।

ଗ୍ରାମ ଦେବତୀ ବାହୁତିଙ୍କ ପାଖରେ ନିଇତି ସକାଳେ ସଞ୍ଜେ ଅଭିମନ୍ୟୁ ପାଇଁ ମିନତି କରେ । ମାଆ ଲୋ, ଅଭିମନ୍ୟୁ ପରୀକ୍ଷାରେ ସଫଳ ହେଉ। ମୋ ବୋଉ ମୁଣ୍ଡରେ ଦାଗ ନଲାଗୁ । ବୋଉ ମୋତେ କୋଳରେ ଜାବୁଡି ଧରି ଥରେ ନୁହେଁ ଶହେ ଥର କହିଛି, ତୁ ମୋର ସୁନାପୁଅ । ଏ ଦୁଃଖୀ ବିଧବା ମାଆର ଜୀବନ ଧନ। ତୁ ବି ଦିନେ ତାଙ୍କ ପରି ବଡ ଲୋକ ହେବୁ। ହେଲେ କେବେ ତୋ ଜୀବନରେ କର୍ମ ଓ ସଂସ୍କାର ଭୁଲିବୁ ନାହିଁ । ମୋ ଛୋଟ କଅଁଳ କଅଁଳ ହାତରେ ମୋ ବୋଉର ଲୁହ ମୋତେ ଭାରି କଷ୍ଟ ଦିଏ , ତାର ଏ ଦୁନିଆରେ କେହି ବି ନାହିଁ । ପିଲାମାନେ ତ ଦେବତା ସମାନ। ତାଙ୍କ ପାଖରେ ଛନ୍ଦ, କପଟ, ଛଳନା କିଛି ବି ନାହିଁ । ତେବେ ମୁଁ କାହିଁକି କାହାର ଅମଙ୍ଗଳ କରିବି । ଶେଷରେ ଅଭିମନ୍ୟୁର ପରୀକ୍ଷା ଫଳ ପ୍ରକାଶ ପାଇଲା । ଭଲ ନମ୍ବର ରଖି ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହେଲା। ଆମ ଗାଁ ମଧୁପୁର ଛାଡି ଅଭିମନ୍ୟୁ କଟକ ଗଲା । ସେଇ ଦିନ ମୋ ମୁଣ୍ଡରୁ ଅମଙ୍ଗଳିଆ ଓ ରାଣ୍ଡିପୁଅର କଳଙ୍କଟା ବି ଧୋଇଗଲା । ଆଦର୍ଶ, କର୍ମନିଷ୍ଠା, ସାଧନା, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ବାଧାବିଘ୍ନ ସବୁ ଅତିକ୍ରମ କଲି । ବହୁ ଦୁଃଖରେ ମୋ ବୋଉ ମୋତେ ପାଠ ପଢାଇଲା । ବ୍ରାହ୍ମଣ ଘରର ବୋଉ ହୋଇ ପର ଘରେ ପାଇଟି କଲା । ମୁଁ ମଣିଷ ହେବି ବୋଲି ତା ଜୀବନକୁ ସେ ଏକାକାର କରିଦେଲା। କାକା ଆପଣ ତ ତାର ମୂକସାକ୍ଷୀ । କେତେ କଷ୍ଟରେ ପାହାଚ ପରେ ପାହାଚ ଚଢି ମୁଁ ଆଜି ଏଇଠି ପହଂଚିଛି । ଏ ସଫଳତା ତ ମୋର ନୁହେଁ। ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତେ ମୋତେ ଆଶୀର୍ବାଦ କରିଛନ୍ତି । ମୋ ବୋଉର ଦୁଃଖ , କଷ୍ଟ, ଲୁହ ସବୁର ପୁଞ୍ଜି ମୁଁ ଭୋଗ କରୁଛି ।

ମୋ ସଫଳତାର ପରଠାରୁ ଆମ ମାଆ ପୁଅଙ୍କ ଆଖିରୁ ଲୁହ ଆଉ ଝରିନି । ମୋ ସଫଳତା କେବଳ ମୋ ବୋଉର ନୁହେଁ । ମୋ ଗାଁ ଲୋକଙ୍କର ବି । ଆପଣଙ୍କର ଲାଞ୍ଛନା, ଅପମାନ ଓ ଅଭିମନ୍ୟୁର ଧିକାର ମୋତେ ପ୍ରେରଣା ଦେଇଥିଲା। ମୁଁ ଲଢିବାକୁ ଦମ୍ଭ ଧରିଥିଲି । ସେ ଅଲକ୍ଷଣା, ଅମଙ୍ଗିଳିଆ ଶବ୍ଦ ଦିଟା ବତୀଘର ହୋଇ ମୋ ଜୀବନର ଜାହାଜକୁ ପଥ ଦେଖାଇଛି । ସେଥିପାଇଁ କାକା ଆପଣ ହିଁ ମୋର ଏକମାତ୍ର ପ୍ରେରଣା । ମୋତେ କଣ ଆପଣ କ୍ଷମା ମାଗୁଛନ୍ତି ।

ଦୀନକୃଷ୍ଣଙ୍କ ଆଖିରୁ ଅମାନିଆ ଲୁହ ନଈ ପରି ବହି ଚାଲିଥାଏ । ସତରେ ଜଗତ, ତୁ କେତେ ମହାନ ! ତୋର ଏଇ ଉଦାରତା ଓ ମଣିଷ ପଣିଆ ପାଇଁ ଏ ସହରରେ ଏକ ଉଦାହରଣ ହୋଇଛୁ । ଗାଁରେ ତ ସମସ୍ତେ ତୋର ଉଦାହରଣ ଏବେ ତାଙ୍କ ପିଲାମାନଙ୍କୁ ଦେଉଛନ୍ତି ।

'ରାଣ୍ଡି ପୁଅ ଅନନ୍ତା' ଶବ୍ଦଟିକୁ ସୁନ୍ଦର ଓ ସାବଲୀଳ ଭାବରେ ଏକ ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରି, ତୁ ତୋ ଜୀବନକୁ ମଧୁମୟ କରିଛୁ । ମୋ ପରି ହୀନ, ସଂକୀର୍ଣ୍ଣ ମନା ସ୍ୱାର୍ଥପର ଲୋକକୁ ଅସଲ ମୁଖା ପିନ୍ଧାଇଛୁ । ତୁ ସତରେ ଜଗତ ଗୋଟିଏ ମଙ୍ଗଳମୟ ଧ୍ୱନି । ମାଆ ତୋର, ଆଦରେ ନାଁ ଦେଇଥିଲା, ଜଗତବନ୍ଧୁ । ତୁ ତ ସତରେ ଏ ଜଗତର ବନ୍ଧୁ । ସଭିଙ୍କର ପ୍ରିୟ ମଣିଷ ।

ଜଗତବନ୍ଧୁ ଓ କାକାଙ୍କ ଆଖିରେ ଅସରନ୍ତି ଲୁହ ଥିବା ସମୟରେ ମଧୁମିତା ପ୍ରବେଶ କଲା । କାକା, ଚା' ନିଅନ୍ତୁ । ଚା' ପିଇ ସାରିଲେ ଆପଣ ଟିକେ ଲୁଗା ବଦଳାଇ ଦେବେ । ମୁଁ ଜଳଖିଆ ପ୍ରସ୍ତୁତ କରି ସାରିଛି । ଆମ ପାଖରେ କିଛି ଦିନ ରହିବେ । ତା ପରେ ଇଚ୍ଛା ହେଲେ ଯିବେ ନଚେତ...। ଗାଁର ଦୀନକୃଷ୍ଣ ମିଶ୍ର ଏଇ ଆପଣା ପଣିଆ ଭିତରେ ଭାବବିହ୍ୱଳ ହୋଇ କିଛି ବି ଶୁଣି ପାରୁ ନଥିଲେ । ମଧୁମିତା କହିଲେ– କାକା, ଚା' ଥଣ୍ଡା ହୋଇଗଲେ, ଭଲ ଲାଗିବନି ପରା। ଏଥର ଚକ ଚକ କରୁଥିବା ଶଙ୍ଖ କପଟିକୁ ଦୀନକୃଷ୍ଣ ଦେଖି ଚା' ଢୋକେ ପିଇଦେଇ ଗଭୀର ଆତ୍ମତୃପ୍ତିରେ ମଧୁମିତାର ତାରିଫ କରୁଥିଲେ । ଜଗତବନ୍ଧୁ ମନେ ମନେ ଭାବୁଥିଲେ ମୁହୂର୍ତ୍ତକ ଅପମାନ କେମିତି ତାଙ୍କ ପାଇଁ ପ୍ରେରଣା ହୋଇଥିଲା । ସେଥିପାଇଁ ସେ କାକାଙ୍କୁ କୃତଜ୍ଞତା ଜଣାଉଥିଲେ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋ–୯୪୩୭୯୫୭୬୧୭**

## ଗୋଟିଏ କବିତା

# ହେ ବାପୁ !

**ଡ. ହେମନ୍ତ କୁମାର ମିଶ୍ର**



ହେ ବାପୁ ତୁମେ
'ମୋହନିଆ' ରୁ 'ମହାତ୍ମା' ହେଲାପରେ,
ଯେତିକି ବାଧିଲା ତୁମକୁ,
ସେତିକି ବାଧିଛି
ଏଇ ଇତରମାନଙ୍କୁ
ବାପୁ, ତୁମେ 'ମହାତ୍ମା'ରୁ
'ହେ ରାମ' ହେଲା ପରେ ।

ହେ ବାପୁ...
ପଦ ଶବ୍ଦ ତୁମ
ଅସ୍ପଷ୍ଟ ହେବା ପରେ,
ଯଷ୍ଟି ସମ ଯଷ୍ଟି ତୁମ
ଧରାଶାୟୀ ହେଲା ପରେ,
ଏଠି ମୁଷ୍ଟିମେୟ
ସତ୍ୟର ସନ୍ଧାନୀ,
ବାକି ସବୁ
ତୁଷ୍ଟିକରଣୀ, ଆଉ
ସ୍ୱଷ୍ଟୀକରଣର ନଷ୍ଟ ଚରିତ୍ର
ମଣିଷ ମୁଖା,

ହେ ବାପୁ...
ସାନନ୍ଦରେ ବାନ୍ଧିଥିଲ ବନ୍ଧନରେ,
ଦେଶବାସୀ ଆଉ ଧରାବାସୀ
ଧୂରନ୍ଧର ଧୃତରାଷ୍ଟ୍ରମାନ,
ନିରାଶ୍ରିତ ଆଶ୍ରିତର
ଅଶ୍ରୁବାରି
ସ୍ମଶ୍ରୁ ମଧ୍ୟେ
ସହସ୍ରଧାର ଶ୍ରାବଣ ହୋଇ
ଧରାଶାୟୀ ହେବା ପୂର୍ବରୁ
ପୋଛିଥିଲ, ସାଉଁଟିଥିଲ
କର କମଳେ ତବ
ଫେରି ଆସି ଦେଖ ଥରେ
ବୁଲିପଡ଼ି ଆଉ ଚାହଁ ଥରେ

ହେ ବାପୁ...
ତଥାପି ତ ମରି ନାହିଁ,
କରମ ତୁମ, ମୋହନ ହେ,
ଗାନ୍ଧି ତୁମେ
କାଳଜୟୀ, ମୃତ୍ୟୁଞ୍ଜୟୀ ।
ହୃଦୟରେ ବସା ବାନ୍ଧି
ରହିଥିବ ସେତେଦିନ,
ଯେତେଦିନ
ସତ୍ୟ ଓ ଅହିଂସା
ଗିରିସମ,
ଭୂପୃଷ୍ଠେ
ରହିଥିବ ।

**ଅବସରପ୍ରାପ୍ତ ପ୍ରାଧ୍ୟାପକ (ପଦାର୍ଥ ବିଜ୍ଞାନ)**
**ଭୁବନେଶ୍ୱର – ୭୫୧୦୦୨**
**ଫୋନ୍: ୯୪୩୭୧୬୮୧୬୮**
**ଇ ମେଲ୍:** hkmphysics11gmail.com



*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ୟା...

ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି । ଫଳରେ ନଦୀଗୁଡ଼ିକର ଜଳସ୍ତର ବଢ଼ିବାରେ ଲାଗିଛି । ସେହିପରି ଝାଡ଼ଖଣ୍ଡ ଓ ଛତିଶଗଡ଼ର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି । ଉପରମୁଣ୍ଡ ଓ ତଳମୁଣ୍ଡରେ ଉଭୟ ଜଳସ୍ତର ବଢ଼ିବା ଫଳରେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ ଓ ଜଳକା ନଦୀ ଫୁଲିବାରେ ଲାଗିଛି ।

ଶନିବାର ସକାଳ ସାଢ଼େ ୮ଟା ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାର ନୱାନାଠାରେ ୧୨୬ ମିମି, ନବରଙ୍ଗପୁରର ରାଇଘରରେ ୧୦୭ ମିମି, ବାଲେଶ୍ୱରର ଖଇରାରେ ୧୦୧ ମିମି ଏବଂ ଔପଦାରେ ୯୬ ମିମି ବର୍ଷା ରେକର୍ଡ଼ କରାଯାଇଛି । ସୁବର୍ଣ୍ଣରେଖାର ଜାମସୋଲା ଘାଟରେ ବିପଦ ସଙ୍କେତ ୪୯.୧୬ ମିଟର ଥିବାବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ୫୧.୭୬ ମିଟର ଉପରେ ଜଳ ପ୍ରବାହିତ ହେଉଛି । ସେହିପରି ରାଜଘାଟରେ ୧୧.୧୭ ମିଟର ଉପରେ ଜଳ ପ୍ରବାହିତ ହେଉଥିବାବେଳେ ବିପଦ ସଙ୍କେତ ୧୦.୩୬ ମିଟର ରହିଛି । ତେବେ ଏଠାରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି ।

ବୁଢ଼ାବଳଙ୍ଗ ନଦୀର ଏନ୍‌ଏଚ୍-୫ ଗୋବିନ୍ଦପୁରଠାରେ ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୮.୬୬ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ତେବେ ଏଠାରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ସେହିଭଳି ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୧୯.୫୧ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ଏବେ ଏହା ସ୍ଥିର ରହିଥିବା ଜଣାପଡ଼ିଛି । ଆନନ୍ଦପୁରଠାରେ ବିପଦ ସଙ୍କେତ ୩୮.୩୬ ମିଟର ଥିବାବେଳେ ସନ୍ଧ୍ୟା ୬ଟା ବେଳେ ୩୮.୪୯ ମିଟର ଉପରେ ବନ୍ୟା ପ୍ରବାହିତ ହେଉଛି । ଏଥିସହ ଜଳକା ନଦୀର ମଥାନୀଠାରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଏବେ ୬.୭୬ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି ।

ଏହି ୫ ନଦୀରେ ବନ୍ୟା ଆସିବା ଯୋଗୁ ଯାଜପୁର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଆଦି ଜିଲ୍ଲା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି । ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହେବା ସହ ହଜାର ହଜାର ଏକର ଚାଷ ଜମି ପାଣିଘେରରେ ବୁଡ଼ି ରହିଛି । ତେବେ ତଳିଆଞ୍ଚଳବାସୀ ନିଜ ଭିଟାମାଟି ଛାଡ଼ି ଉଚ୍ଚ ସ୍ଥାନରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି ।

## ଭଦ୍ରକ...

ନଗର କଲୋନୀ ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇଥିବା ବେଳେ ଏଠାରେ ରହୁଥିବା ୨୦୦ରୁ ଅଧିକ ପରିବାରର ପ୍ରାୟ ଏକ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଶୁକ୍ରବାର ରାତିରୁ ଅବିଶ୍ରାନ୍ତ ବର୍ଷା ଯୋଗୁଁ କଲୋନୀର ରାସ୍ତାରେ ପ୍ରାୟ ଦୁଇ ଫୁଟ୍ ଉଚ୍ଚରେ ପାଣି ଜମି ରହିଛି । ଅନେକ ଘରେ ପାଣି ପଶିବାରୁ ଆସବାବପତ୍ର ନଷ୍ଟ ହୋଇଛି । ଘର ଭିତରେ ପାଣି ଜମି ରହିଥିବାରୁ ଅନେକ ପରିବାରରେ ଗତକାଲି ଠାରୁ ରୋଷେଇ ହୋଇପାରିନାହିଁ । ପିଲାଛୁଆଙ୍କ ସମେତ ବୃଦ୍ଧ ଓ ମହିଳାମାନେ ମଧ୍ୟ ଅସୁବିଧାରେ ରହିଛନ୍ତି । ନାଳିଆରେ ୩୦ ଫୁଟ୍ ଘାଇ । । ଅର୍ଣ୍ଣପାଳ ପଞ୍ଚାୟତର ଆଙ୍କପଦା ନିକଟରେ ନାଳିଆ ନଦୀର ଡାହାଣପାର୍ଶ୍ୱ ବନ୍ଧରେ ଶନିବାର ଦିନ ପ୍ରାୟ ୩୦ ଫୁଟ୍ ଘାଇ ହୋଇଛି । ଘାଇ ସ୍ଥଳରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଧାମନଗର ବିଡିଓ ବନବିହାରୀ ଦିବ୍ଦାଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଗତ ଚାରିଦିନ ଧରି ଲଗାଣ ବର୍ଷା ଯୋଗୁଁ ଧାମନଗର ବ୍ଲକର ସ୍ଥିତି ମଧ୍ୟ ଗମ୍ଭୀର ହୋଇପଡ଼ିଛି ।

ବୈତରଣୀ, କୋଚିଲା, ଗେଙ୍ଗୁଟି, ରେବ, କପାଳୀ ଓ ଯ ନଦୀରେ ବନ୍ୟାଜଳ ବଢ଼ିବାରୁ ବହୁ ଅଂଚଳ ଜଳମଗ୍ନ ହୋଇଛି । ହସନାବାଦ, ଅର୍ଜୁନପୁର, ପଧାନି, ଦଳାଙ୍ଗ ଆଦି ପଞ୍ଚାୟତର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି । ରେବ ଓ ଜଳକା ନଦୀର ବନ୍ୟାଜଳ ଯୋଗୁଁ ଇଛଦା, ବ୍ରହ୍ମପୁର, ସୂତାରସାହି, ଚୁଡ଼ାକୁଟି, ଆଦି ଅଞ୍ଚଳର ଅନେକ ଗାଁ ଜଳମଗ୍ନ ହୋଇଛି । ରାସ୍ତାଘାଟ ଓ ବିଦ୍ୟାଳୟରେ ମଧ୍ୟ ପାଣି ପଶିଛି । ବ୍ଲକ ବଜାର ମୁଖ୍ୟ ରାସ୍ତାରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେଉଛି । ଧାମନଗର ବ୍ଲକ ଦଳାଙ୍ଗ ପଂଚାୟତ ଜାହାଙ୍ଗୀର ରାଉତସାହି ନିକଟରେ ଗେଙ୍ଗୁଟି ନଦୀର ବାମପାର୍ଶ୍ୱ ବନ୍ଧ ପ୍ରାୟ ୫୦ଫୁଟ୍ ଧସିଯାଇଛି । ଖବରପାଇ ଜଳସମ୍ପଦ ବିଭାଗ ପକ୍ଷରୁ ଧସିଥିବା ସ୍ଥାନରେ ଜରିପାଲ ଢାଙ୍କିବା ସହ ବାଲିବସ୍ତା ପକାଇ ଅସ୍ଥାୟୀ ପ୍ରତିକାର କରାଯାଇଛି । ଗେତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ କେଉଁଝରରେ ୩୭.୦ମି.ମି., ସ୍ୱାମୀପାଟଣାରେ ୨୪.୬ମି.ମି., ଚମ୍ପୁଆରେ ୩୨.୦ମି.ମି., ଆନନ୍ଦପୁରରେ ୫୮.୦ମି.ମି. ଓ ଆଖୁଆପଦାରେ ୯.୪ମି.ମି. ବର୍ଷା ରେକର୍ଡ ହୋଇଛି । ଶନିବାର ଲଗାଣ ବର୍ଷା ଲାଗିରହିଛି । ପର୍ଯ୍ୟନ୍ତ କଣ୍ଟିଘାଇ ଦେଇ ୬ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି । ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟାରେ ୫୦ମି.ମି. ବର୍ଷା ହୋଇଛି । ବନ୍ୟା ଯୋଗୁଁ ଷୋଳମପୁର ପଞ୍ଚାୟତର ମଣିନାଥପୁର, ଷୋଳମପୁର, ବରାହନୂଆପଡା, ମୁଢ଼ାପଦା, ବିନ୍ଧାଣ, ବିରୋଳି ଗ୍ରାମ, ମାଳଦା ପଞ୍ଚାୟତର ଜଳହରୀ, ଚତୁର୍ଭୁଜପୁର, ରାମପୁର, ମାଳଦା ଗ୍ରାମ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ବନ୍ୟା ଦ୍ୱାରା ରାସ୍ତା, ଘର ଓ ହଜାର ହଜାର ହେକଟର ଚାଷଜମି ବନ୍ୟାଜଳରେ ବୁଡି ରହି କ୍ଷତିଗ୍ରସ୍ତ ହୋଇଛି ।

## କବାଡ଼ିରେ...

ଭାରତର ଦିନର ସବୁଠାରୁ ବଡ଼ ସଫଳତା କବାଡ଼ିରୁ ଆସିଥିଲା । ପ୍ରଥମେ ମହିଳା କବାଡ଼ି ଦଳ ଫାଇନାଲରେ ଇରାନକୁ ୩୭-୩୩ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିଲା । ଏହା ଏସୀୟ କ୍ରୀଡ଼ାରେ ଭାରତୀୟ ମହିଳା କବାଡ଼ି ଦଳର ଚତୁର୍ଥ ସ୍ୱର୍ଣ୍ଣ । ଏହା ପରେ ପୁରୁଷ ଦଳ ମଧ୍ୟ ଇରାନକୁ ହରାଇ ସ୍ୱର୍ଣ୍ଣ ଜିତିଥିଲା । ଏଥିସହ ଉଭୟ ବିଭାଗରେ ଭାରତ ନିଜର ଏସୀୟ କ୍ରୀଡ଼ା ଟାଇଟଲ୍ ବଜାୟ ରଖିଛି । ଆଥଲେଟିକ୍ସରେ ମଧ୍ୟ ଭାରତକୁ ମିଳିଛି ଉଲ୍ଲେଖନୀୟ ସଫଳତା । ପୁରୁଷ ମାରାଥନ୍‌ରେ ସାୱନ ବରୱାଲ୍ ରୌପ୍ୟ ପଦକ ଜିତିଛନ୍ତି । ମହିଳା ୪୦୦ ମିଟରରେ ପ୍ରାଚୀ ଚୌଧୁରୀ କାଂସ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ଶଟ୍‌ପୁଟ୍‌ରେ ଭାରତର ଦୁଇଥରର ଏସୀୟ କ୍ରୀଡ଼ା ଚାମ୍ପିୟନ୍ ତାଜିନ୍ଦରପାଲ ସିଂହ ତୁର୍ ରୌପ୍ୟ ପଦକ ଜିତିଛନ୍ତି । ସେ ୨୦.୬୪ ମିଟର ଥ୍ରୋ କରିଥିବା ବେଳେ ଇରାନର ମହମ୍ମଦରେଜା ତାୟେବିସେ ୨୦.୮୧ ମିଟର ସହ ସ୍ୱର୍ଣ୍ଣ ଜିତିଥିଲେ ।

ଶୁଟିଂରେ ମହିଳା ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଟିମ୍ ଇଭେଣ୍ଟରେ ତିଲୋତ୍ତମା ସେନ୍, ବିଦର୍ଶା ବିନୋଦ ଓ ଆଶି ଚୌକ୍ସିଙ୍କ ଦଳ ରୌପ୍ୟ ପଦକ ହାସଲ କରିଛି । ସ୍କ୍ୱାଶ୍‌ରେ ଜ୍ୟୋତ୍ସ୍ନା ଚିନ୍ନାପ୍ପା ଓ ଭେଲାଭାନ୍ ସେନ୍ଥିଲକୁମାର ମିକ୍ସଡ୍ ଡବଲ୍ସରେ କାଂସ୍ୟ ପଦକ ଜିତିଛନ୍ତି । ଅନ୍ୟପକ୍ଷରେ ଅନାହତ ସିଂହ ଓ ଅଭୟ ସିଂହ ନିଜ ନିଜ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରି ସ୍ୱର୍ଣ୍ଣ ପାଇଁ ଦାବିଦାର ରହିଛନ୍ତି । ହକିରେ ମଧ୍ୟ ଭାରତୀୟ ପୁରୁଷ ଦଳ ସେମିଫାଇନାଲକୁ ଉଠିଛି । ଶେଷ ପୁଲ୍ ମ୍ୟାଚ୍‌ରେ ଭାରତ ଆୟୋଜକ ଜାପାନକୁ ୨-୦ରେ ପରାସ୍ତ କରିଥିଲା । ଫଳରେ ଭାରତର ପଦକ ଆଶା ଆହୁରି ବଢ଼ିଛି । ମେଡାଲ୍ ଟେବୁଲ୍‌ରେ ଚୀନ୍‌ର ଦବଦବା ଜାରି ରହିଛି । ସାତ ଦିନ ଶେଷରେ ଚୀନ୍ ୧୦୭ ସ୍ୱର୍ଣ୍ଣ, ୪୧ ରୌପ୍ୟ ଓ ୨୮ କାଂସ୍ୟ ସହ ମୋଟ ୧୭୬ ପଦକ ଜିତି ପ୍ରଥମ ସ୍ଥାନରେ ରହିଛି । ଆୟୋଜକ ଜାପାନ ୩୧ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ଦକ୍ଷିଣ କୋରିଆ ୧୬ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନରେ ରହିଛି । ଭାରତ ୪ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୪ କାଂସ୍ୟ ସହ ୩୦ ପଦକ ନେଇ ଦଶମ ସ୍ଥାନ ଦଖଲ କରିଛି ।

## ହୀରାକୁଦର...

ରଖିଛନ୍ତି । ତଳମୁଣ୍ଡରେ ବେଲଗାଁରେ ୧ଲକ୍ଷ ୮୭ହଜାର୮୦୦, ପର୍ଥଲାରେ ୩ଲକ୍ଷ ୨୩ ହଜାର ୬୧୨ ଘନଫୁଟ, ଖଇରମାଳରେ ୪ଲକ୍ଷ ୪୮ ହଜାର, ବାରମୁଳରେ ୨ ଲକ୍ଷ ୨୭ହଜାର ୫୦୦ ଓ ମୁଣ୍ଡଲୀରେ ୩ଲକ୍ଷ ୪ ହଜାର ୮୯୫ ଘନଫୁଟ୍ ଜଳ ପ୍ରବାହିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ନଦୀକୂଳିଆ ଏବଂ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଓ ଜଳସ୍ତର ଉପରେ ଧ୍ୟାନ ଦେବାକୁ ନିବେଦନ କରାଯାଇଛି ।

## ୨ରେ...

ବ୍ୟବସାୟୀ ଏହାର ପ୍ରତିବାଦ କରିବେ । ନିଜ ଦୋକାନରେ ଥିବା ୟୁପିଆଇ କ୍ୟୁଆର୍ କୋଡ୍, ସ୍କାନର, ସାଉଣ୍ଡବକ୍ସ ଓ ଅନ୍ୟ ଡିଜିଟାଲ ପେମେଣ୍ଟ ଉପକରଣ ଉପରେ କଳାକପଡା ଢ଼ାଙ୍କିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ବ୍ୟବସାୟୀମାନଙ୍କର ଏକ ପ୍ରତିକାତ୍ମକ ପ୍ରତିବାଦ ବୋଲି କୁହାଯାଉଛି । କନ୍‌ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର (ସିଏଆଇଟି) ନିଜକୁ ଏହି ପ୍ରତିବାଦ ଆହ୍ୱାନରୁ ଅଲଗା ରଖିଛି । ଜୁଏଲାରୀ, ଫାର୍ମା, ଗାର୍ମେଣ୍ଟସ୍ ଓ ଏଫ୍‌ଏମ୍‌ସିଜି ସମେତ ବିଭିନ୍ନ ବର୍ଗର ବ୍ୟବସାୟୀ ଏହି ପ୍ରତିବାଦରେ ସାମିଲ ହେବେ । ଅକ୍ଟୋବର ୧୫ରୁ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ କାରବାରରେ ୦.୪% ଶୁଳ୍କ ଲାଗୁ ହେବା ନିଷ୍ପତ୍ତିରେ ଦେଶବ୍ୟାପୀ ପ୍ରତିବାଦର ସ୍ୱର ଉଠିଛି ।

## ଏସ୍‌ଆଇଆର୍...

କମିଶନରଙ୍କ ନେତୃତ୍ୱରେ କମିଟି ଗଠନ କରାଯିବ । ଏଥିରେ ଆଇଆଇଟି କିମ୍ବା ଆଇଆଇଆଇଟିର ଜଣେ ସ୍ୱାଧୀନ ବିଶେଷଜ୍ଞ ମଧ୍ୟ ରହିବେ । କମିଶନରେ ଡେପୁଟେସନ୍‌ରେ ଥିବା ଜଣେ ଅଧିକାରୀଙ୍କ କାର୍ଯ୍ୟ ବଣ୍ଟନ ସମ୍ପର୍କିତ କ୍ୟାବିନେଟ୍ ସଚିବଙ୍କୁ ଦିଆଯାଇଥିବା ଚିଠି ନେଇ ମଧ୍ୟ ସ୍ପଷ୍ଟୀକରଣ ଦିଆଯାଇଛି । ଏହି ଚିଠି କୌଣସି ନୀତିଗତ ବିଷୟ କିମ୍ବା କମିଶନର ଆଇଟି ବିଭାଗ ସମ୍ପର୍କିତ ନଥିଲା, ବରଂ ଜଣେ ଅଧିକାରୀଙ୍କ କାର୍ଯ୍ୟପ୍ରଣାଳୀ ସମ୍ପର୍କିତ ଥିଲା ବୋଲି କମିଶନ କହିଛି ।

ଗୋଆର ୯୭ ଜଣ ଭୋଟର ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ମାମଲାରେ ମଧ୍ୟ କମିଶନ ସ୍ଥିତି ସ୍ପଷ୍ଟ କରିଛି । ଗୋଆର ମୁଖ୍ୟ ନିର୍ବାଚନ ଅଧିକାରୀ ବୁଥ୍ ଲେଭଲ୍ ଅଫିସରମାନଙ୍କୁ ଘରକୁ ଘର ଯାଇ ଏହି ଭୋଟରମାନଙ୍କ ଫର୍ମ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିବା କୁହାଯାଇଛି । ୯୭ ଜଣଙ୍କ ମଧ୍ୟରୁ ୮୧ ଜଣ ଭୋଟର ଇତିମଧ୍ୟରେ ତାଲିକାରେ ସାମିଲ ହେବା ପାଇଁ ଫର୍ମ-୬ ପୂରଣ କରିସାରିଛନ୍ତି । କମିଶନର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀକୁ ଆହୁରି ସୁଦୃଢ଼ କରିବା ପାଇଁ ମଧ୍ୟ କିଛି ନିଷ୍ପତ୍ତି ନିଆଯାଇଛି । ଏଣିକି କମିଶନର ସମସ୍ତ ବୈଠକର ଏଜେଣ୍ଡା ପୂର୍ବରୁ ପ୍ରଚାର କରାଯିବ ଏବଂ ବୈଠକର ମିନିଟ୍ସ ଜାରି କରାଯିବ । କମିଶନରମାନେ ଅଧିକାରୀଙ୍କୁ ଦେଉଥିବା ନିର୍ଦ୍ଦେଶକୁ ମଧ୍ୟ ନିୟମିତ ଭାବେ ପାଳନ କରାଯିବ ବୋଲି କୁହାଯାଇଛି । ଏସ୍‌ଆଇଆର୍ ପ୍ରକ୍ରିୟାରେ ଦିଲ୍ଲୀରେ ଦାବି ଓ ଆପତ୍ତି ଦାଖଲର ସମୟସୀମା ଅକ୍ଟୋବର ୩୦ ପର୍ଯ୍ୟନ୍ତ ବଢ଼ାଯାଇଛି । ଏହାର ନିଷ୍ପତ୍ତି ପାଇଁ ନଭେମ୍ବର ୩୦ ତାରିଖକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ମହାରାଷ୍ଟ୍ରରେ ଦାବି ଓ ଆପତ୍ତି ଦାଖଲର ସମୟସୀମା ଅକ୍ଟୋବର ୧୨ ଏବଂ ଏହାର ନିଷ୍ପତ୍ତି ପାଇଁ ନଭେମ୍ବର ୧୦ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ତେବେ କମିଶନର ଆଭ୍ୟନ୍ତରୀଣ ମତଭେଦକୁ ନେଇ ଚର୍ଚ୍ଚା ଏବେ ମଧ୍ୟ ଜାରି ରହିଛି । ବିରୋଧୀ ଦଳଗୁଡ଼ିକ ରିପୋର୍ଟ ହୋଇଥିବା ଆପତ୍ତିକୁ ଆଧାର କରି କମିଶନର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି ଏବଂ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବାକୁ ଦାବି କରିଛନ୍ତି । ଏସ୍‌ଆଇଆର୍‌କୁ ନେଇ ବ୍ୟାପକ ରାଜନୈତିକ ବିବାଦ ମଧ୍ୟରେ କମିଶନର ସ୍ୱଚ୍ଛତା ଦାବି ମଧ୍ୟ ଜୋରଦାର ହୋଇଛି । ସଦ୍ୟତମ ବିବୃତିରେ ନିର୍ବାଚନ କମିଶନ ଆଭ୍ୟନ୍ତରୀଣ ଆଲୋଚନା ଓ ଔପଚାରିକ ନିଷ୍ପତ୍ତି ମଧ୍ୟରେ ପାର୍ଥକ୍ୟ ରହିଥିବା ଦର୍ଶାଇଛି । ଏସ୍‌ଆଇଆର୍ ସମେତ ପ୍ରମୁଖ ନିଷ୍ପତ୍ତିଗୁଡ଼ିକ ସମ୍ପୂର୍ଣ୍ଣ କମିଶନଙ୍କ ସାମୂହିକ ଓ ସର୍ବସମ୍ମତିରେ ନିଆଯାଇଥିବା କମିଶନ ପୁନର୍ବାର ସ୍ପଷ୍ଟ କରିଛି ।

## ନିଜକୁ...

ଓ ପରିବାର କଲ୍ୟାଣ ବିଭାଗରେ ୮୧୪ ଜଣ ମେଡିକାଲ ଅଫିସର ଓ ୯୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଶା ପ୍ରଶାସନିକ ସେବାର ୩୦ ଜଣ, ଓଡ଼ିଶା ରାଜସ୍ୱ ସେବାର ୪୨ ଜଣ, ଓଡ଼ିଶା ଅର୍ଥ ସେବାର ୪୬ ଜଣ, ଓଡ଼ିଶା ଟିକସ ଓ ହିସାବ ସେବାର ୬୦ ଜଣ ଏବଂ ସମବାୟ ସେବାର ୧୭ ଜଣ ଅଧିକାରୀ ସରକାରୀ ସେବାରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି । ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ନିଜ ପରିବାର ଭାବି ସେବା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ରାଜସ୍ୱ ଓ ଅର୍ଥ ବିଭାଗର ଭୂମିକା ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ, ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀମାନେ ପ୍ରଶାସନର ମେରୁଦଣ୍ଡ ଭାବେ କାର୍ଯ୍ୟ କରିଥାନ୍ତି । ସେହିପରି ଓଏଫ୍‌ଏସ୍ ଏବଂ ଓଟିଏଏସ୍ ଅଧିକାରୀମାନଙ୍କ ସଠିକ୍ ରାଜସ୍ୱ ଆକଳନ, ଜିଏସ୍‌ଟି ଓ ଭ୍ୟାଟ୍ ସଂଗ୍ରହ ଏବଂ ଆର୍ଥିକ ଶୃଙ୍ଖଳା ରାଜ୍ୟ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସମବାୟରୁ ସମୃଦ୍ଧି' ଆହ୍ୱାନକୁ ସାକାର କରିବା ପାଇଁ ସମବାୟ କ୍ଷେତ୍ରକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନରଖି ଚାଷୀ, ମହିଳା ଓ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ଯୋଡ଼ି ଏହାକୁ ବହୁମୁଖୀ ଅନୁଷ୍ଠାନରେ ପରିଣତ କରିବାକୁ ସେ ନୂତନ ସମବାୟ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ । ନିଜ ଅଭିଭାଷଣରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀମାନଙ୍କୁ ଏକ 'ପଞ୍ଚସୂତ୍ରୀ' ମନ୍ତ୍ର ପ୍ରଦାନ କରିଛନ୍ତି ।

ସେ ସ୍ପଷ୍ଟ ଭାବେ କହିଥିଲେ ଯେ 'ଜନସେବା ହିଁ ମାଧବ ସେବା', ତେଣୁ ନିଜକୁ ଶାସକ ନ ଭାବି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଭଳି ନିଜକୁ 'ଜନସେବକ' ମନେକରି ସାଧାରଣ ଲୋକଙ୍କ ସେବା କରିବାକୁ ହେବ । ଦୁର୍ନୀତିକୁ କ୍ୟାରିୟର ପାଇଁ ବିଷ ସଦୃଶ ଗ୍ରହଣ କରିବାକୁ ଚେତାବନୀ ଦେଇ ସେ ସ୍ପଷ୍ଟ କରିଥିଲେ ଯେ ସରକାରଙ୍କ ଦୁର୍ନୀତି ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଜାରି ରହିଛି ଏବଂ ଏଥିପାଇଁ ଭିଜିଲାନ୍ସ ବିଭାଗକୁ ସମ୍ପୂର୍ଣ୍ଣ ଖୋଲା ସ୍ୱାଧୀନତା ଦିଆଯାଇଛି । ରାଜ୍ୟର ମୋଟ କର୍ମସଂସ୍ଥାନ କ୍ଷେତ୍ର ମଧ୍ୟରୁ ସରକାରୀ ଚାକିରିର ସୁଯୋଗ ମାତ୍ର ୪ ପ୍ରତିଶତ ଭିତରେ ସୀମିତ ଥିବାବେଳେ, କଠିନ ପ୍ରତିଯୋଗିତା, ମାତାପିତାଙ୍କ ଆଶୀର୍ବାଦ ଏବଂ ନିଜର କଠିନ ପରିଶ୍ରମ ବଳରେ ସଫଳ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତମାନଙ୍କୁ ଭାଗ୍ୟବାନ ବୋଲି ଅଭିହିତ କରିବା ସହ ସେମାନଙ୍କ ପ୍ରଶଂସା କରିଥିଲେ ।

କାର୍ଯ୍ୟକ୍ରମରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନବନିଯୁକ୍ତଙ୍କୁ ନିଜ ନିଜ ବିଭାଗର 'ରୋଲ୍ ମଡେଲ୍' ଭାବେ ଭବିଷ୍ୟତର ଆଦର୍ଶ ରୂପେ ଗଢ଼ିଉଠିବାକୁ ଆହ୍ୱାନ ଦେଇଥିଲେ ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନବନିଯୁକ୍ତଙ୍କୁ ଉତ୍ସାହିତ କରି କହିଥିଲେ ଯେ, ଆଜି ଆପଣମାନଙ୍କୁ ମିଳିଥିବା ଏହି ନିଯୁକ୍ତି ପତ୍ର କେବଳ ଏକ ସରକାରୀ 'ପ୍ରମାଣ ପତ୍ର' ନୁହେଁ, ବରଂ ଏହା ଆପଣଙ୍କ ବର୍ଷ ବର୍ଷର କଠିନ 'ପରିଶ୍ରମର ସ୍ୱୀକୃତି ପତ୍ର' ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ଭାବ ନାହିଁ ଯେ ପାଠ ପଢ଼ା ଶେଷ ହୋଇଗଲା, ବରଂ ଭାବ ଯେ ଏବେ ପ୍ରକୃତ ପାଠ ପଢ଼ା ଆରମ୍ଭ ହେଲା । ଆମର ଭଲ କର୍ମ ହିଁ ଏଠାରେ ଚିରକାଳ ପାଇଁ ରହିଯିବ । ତେଣୁ ଆସନ୍ତୁ, ଏପରି କର୍ମ କରିବା ଯାହା ଦେଶ ଓ ସମାଜ ପାଇଁ ଉପଯୋଗୀ ହେବ ।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ନବନିଯୁକ୍ତ ଡାକ୍ତର ଓ ପ୍ରଶାସନିକ ଅଧିକାରୀମାନଙ୍କୁ ସ୍ୱାଗତ କରି କହିଥିଲେ ଯେ, "ନୂତନ ଭାବେ ଯୋଗଦେଉଥିବା ଦକ୍ଷ ଓ ନିଷ୍ଠାପର ଅଧିକାରୀମାନଙ୍କ ଆଗମନ ଦ୍ୱାରା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକ ସମୃଦ୍ଧ, କ୍ରିୟାଶୀଳ ଓ ସଶକ୍ତ ହେବ ।" ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ୮୧୪ ଜଣ ମେଡିକାଲ ଅଫିସର ଏବଂ ୯୨ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ନିଯୁକ୍ତି ଦ୍ୱାରା ଗ୍ରାମୀଣ, ଉପାନ୍ତ ଓ ଜନଜାତି ବହୁଳ ଅଞ୍ଚଳରେ ଡାକ୍ତରୀ ସେବାର ଅଭାବ ଦୂର ହେବ ଏବଂ ପ୍ରତ୍ୟେକ ନାଗରିକଙ୍କ ନିକଟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚିପାରିବ ।

ଏହି ଅବସରରେ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶାରେ ପ୍ରାକ୍-ପ୍ରାଥମିକରୁ ଆରମ୍ଭ କରି ଯୁବବର୍ଗଙ୍କ ପର୍ଯ୍ୟନ୍ତ ବିଭିନ୍ନ ବୟସ-ଭିତ୍ତିକ 'ମାନସିକ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା' ପୁସ୍ତିକା ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉନ୍ମୋଚିତ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ଏବଂ ଦକ୍ଷତା ବିକାଶ ବିଭାଗର ମିଳିତ ଉଦ୍ୟମରେ ପ୍ରସ୍ତୁତ ଏହି ପୁସ୍ତିକା ରାଜ୍ୟର ଯୁବପିଢ଼ିଙ୍କୁ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ ।

କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଧନ୍ୟବାଦ ଦେଇଥିଲେ । ଏଥିସହିତ ସମବାୟ ବିଭାଗ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡଃ ମହେଶ ମୋହନ ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ । ଏଥିସହିତ ବିଭିନ୍ନ ବିଭାଗର ଶାସନ ସଚିବ, ବରିଷ୍ଠ ଅଧିକାରୀ, ନବନିଯୁକ୍ତ ଅଧିକାରୀ ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ ।

## ୭ ଦିନିଆ...

କରିଛନ୍ତି । ଇରାନ ଆମେରିକାର ସର୍ତ୍ତ ପୂରଣ କରିବ କି ନାହିଁ, ଏନେଇ ଟ୍ରମ୍ପ ପ୍ରଶ୍ନ ଉଠାଇଥିବା ରିପୋର୍ଟରେ କୁହାଯାଇଛି । ଟ୍ରମ୍ପ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ ବୋଲି ବାରମ୍ବାର କହିଆସିଛନ୍ତି । ଇରାନର ପ୍ରସ୍ତାବ ଅନୁଯାୟୀ, ଆମେରିକା ନୌସେନା ଅବରୋଧ ହଟାଇଲେ ଏବଂ ତୈଳ କଟକଣାରେ ରିହାତି ଦେଲେ ୭ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଖୋଲାଯିବ । ଏହା ସହ ଇରାନ ନିଜ ପରମାଣୁ କାର୍ଯ୍ୟକ୍ରମ ନେଇ ଆଲୋଚନା ପୁଣି ଆରମ୍ଭ କରିବାକୁ ମଧ୍ୟ ରାଜି ହୋଇଥିଲା ।

ଇରାନର ରାଷ୍ଟ୍ରପତି ମାସୁଦ ପେଜେଶକିଆନ୍ କହିଛନ୍ତି ଯେ ଆମେରିକା ଏହି ପ୍ରସ୍ତାବକୁ ଗ୍ରହଣ କରିବା ଦିନଠାରୁ ଯୁଦ୍ଧବିରତି ପ୍ରକ୍ରିୟା ଆରମ୍ଭ ହୋଇପାରିବ । ଜୁନ୍‌ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଏକ ସମଝୋତା ମଧ୍ୟ ପରେ ବିଫଳ ହୋଇଥିଲା ।

## ୧ ଲକ୍ଷ...

କରିବା ଉପରେ ଏହି ବୈଠକର ଆଲୋଚନାରେ ଗୁରତ୍ୱ ଆରୋପ କରାଯାଇଥିଲା ।

ବେଦାନ୍ତର ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରହିଛି ଢେଙ୍କାନାଳ ଜିଲ୍ଲାରେ ବାର୍ଷିକ ୩୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟ ଏବଂ ରାୟଗଡ଼ା ଜିଲ୍ଲାରେ ବାର୍ଷିକ ୬୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନା ରିଫାଇନାରୀ । ଏହି ସବୁ ପ୍ରକଳ୍ପ ଗୁଡ଼ିକ କେବଳ ଓଡ଼ିଶା ନୁହେଁ ସାରା ଦେଶକୁ ଆଲୁମିନିଅମ ମାନୁଫାକ୍ଚରିଙ୍ଗ୍‌ରେ ଏକ ବିଶ୍ୱସ୍ତରୀୟ ହବ୍ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ।

ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ହେଲେ, ବେଦାନ୍ତର ମୋଟ ଆଲୁମିନିୟମ ଉତ୍ପାଦନ କ୍ଷମତା ବାର୍ଷିକ ୬୦ ଲକ୍ଷ ଟନକୁ ବୃଦ୍ଧି ପାଇବ, ଯାହା ଭବିଷ୍ୟତର ମେଟାଲ ଆବଶ୍ୟକତା ପୂରଣ ପାଇଁ ଭାରତର ବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବାରେ ସାହାଯ୍ୟ କରିବ ।

ଆଲୋଚନା ସମୟରେ ଅନିଲ ଅଗ୍ରୱାଲ ଝାରସୁଗୁଡ଼ାରେ ସ୍ଥିତ ଗୋଟିଏ ୧ ଏମଟିପିଏ ବିଶିଷ୍ଟ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟର ସଂପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଆଗ୍ରହୀ ଅଛନ୍ତି । ସେଥିପାଇଁ ଦେଶ ତଥା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପୁଞ୍ଜିନିବେଶ ଆକର୍ଷିତ କରିବା ପାଇଁ ପ୍ରୟାସ କରାଯାଉଛି । ନିଯୁକ୍ତି ସୃଷ୍ଟି ଏବଂ ସ୍ଥାନୀୟ ବିକାଶରେ ଏହି ପ୍ରକଳ୍ପଗୁଡ଼ିକର ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଲୁମିନିୟମ କ୍ଷେତ୍ରରେ ଏହି ପୁଞ୍ଜିନିବେଶକୁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ, "ଆମର ପ୍ରସ୍ତାବିତ ପୁଞ୍ଜିନିବେଶଗୁଡ଼ିକର ଲକ୍ଷ୍ୟ ହେଉଛି ଏକ ବିଶ୍ୱସ୍ତରୀୟ ଶିଳ୍ପ ପରିବେଶ ପ୍ରତିଷ୍ଠା କରିବା ଯାହା ଭାରତର ମୌଳିକ କାଠାମୋ, ଶକ୍ତି ପରିବର୍ତ୍ତନ, ଉନ୍ନତ ଉତ୍ପାଦନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ଯୋଗାଇବ । ଓଡ଼ିଶା ସରକାରଙ୍କ ସହ ମିଶି ଆମେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସମ୍ପଦ ନିର୍ମାଣ, ବ୍ୟାପକ ନିଯୁକ୍ତି ସୃଷ୍ଟି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ମଜଭୁତ କରିବା ଏବଂ ଏକ ବିକଶିତ ଭାରତ ଗଠନରେ ଅର୍ଥପୂର୍ଣ୍ଣ ଅବଦାନ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ।" ବେଦାନ୍ତ ପଶ୍ଚିମ ଓଡ଼ିଶାରେ ଏକ ୧୦୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା କରିବ ବୋଲି ଶ୍ରୀ ଅଗ୍ରୱାଲ କହିଥିଲେ । ଏହି ବୈଠକ ସମୟରେ ଶ୍ରୀ ଅଗ୍ରୱାଲ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଥିଲେ, ଯାହା ଗତ ଦୁଇ ଦଶନ୍ଧି ଧରି ଏକ ଦୃଢ଼ ଭାଗିରୀ ଭାବରେ ବିକଶିତ ହୋଇଆସୁଛି ।

ଆଗାମୀ ପ୍ରକଳ୍ପ ଦ୍ୱାରା ୨ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଭାରତର ଲଜିଷ୍ଟିକ୍ସ, ମୌଳିକ କାଠାମୋ, ଇଞ୍ଜିନିୟରିଂ ଏବଂ ଆନୁଷଙ୍ଗିକ ଶିଳ୍ପଗୁଡ଼ିକରେ ଏକ ବ୍ୟାପକ ପ୍ରଭାବ ପକାଇବ, ଯାହା ଦ୍ୱାରା ୨୦ ଲକ୍ଷରୁ ଅଧିକ ଜୀବିକା ସୁଯୋଗ ସୃଷ୍ଟି ହେବ । ଏହି ପୁଞ୍ଜିନିବେଶ ରଣନୈତିକ ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଆମଦାନୀ ବଦଳରେ ସ୍ଥାନୀୟ ଉତ୍ପାଦନକୁ ସମର୍ଥନ କରିବା ସହ ହଜାର ହଜାର ଏମଏସଏମଇ ଏବଂ ଯୋଗାଣକାରୀ ବ୍ୟବସାୟର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । ବିଶ୍ୱସ୍ତରରେ ଶକ୍ତି କ୍ଷେତ୍ରରେ ଏବେ ଆଲୁମିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଅକ୍ଷୟ ଶକ୍ତି, ପାୱାର ଟ୍ରାନ୍ସମିସନ୍, ଇଲେକ୍ଟ୍ରିକ୍ ଯାନ, ଏରୋସ୍ପେସ୍ ଏବଂ ପରବର୍ତ୍ତୀ ପିଢ଼ିର ମୌଳିକ ଭିତ୍ତିଭୂମି ପାଇଁ ଆଲୁମିନିଅମ ବର୍ତ୍ତମାନ ଏକ ଅପରିହାର୍ଯ୍ୟ ସାମଗ୍ରୀରେ ପରିଣତ ହୋଇଛି । ଏହା ବ୍ୟତୀତ, ପାୱାର ଟ୍ରାନ୍ସମିସନ୍ ଏବଂ ଡିଷ୍ଟ୍ରିବ୍ୟୁସନ୍ ଠାରୁ ଆରମ୍ଭ କରି କୁଲିଂ ସିଷ୍ଟମ୍ ଏବଂ ହିଟ୍ ଏକ୍ସଚେଞ୍ଜର ପର୍ଯ୍ୟନ୍ତ, ଡାଟା ସେଣ୍ଟର ପରି ଏଆଇ ମୌଳିକ ଭିତ୍ତିଭୂମି ବିକାଶ ଆଲୁମିନିୟମ ଚାହିଦା ପାଇଁ ନୂତନ ଦିଗ ସୃଷ୍ଟି କରୁଛି ।

ଝାରସୁଗୁଡ଼ାରେ ବିଶ୍ୱର ସର୍ବବୃହତ୍ ଆଲୁମିନିୟମ ସ୍ମେଲ୍ଟର ଏବଂ ଲାଞ୍ଜିଗଡ଼ରେ ଏକ ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀ ଭଳି ପ୍ରସ୍ତାବିତ ପୁଞ୍ଜିନିବେଶଗୁଡ଼ିକ ଓଡ଼ିଶାକୁ ଭାରତର ଆଲୁମିନିୟମ ହବ୍ ଭାବରେ ପରିଣତ କରିବାରକ୍ଷମତା ରଖିଛି ।

## ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ମୁଖ୍ୟଅତିଥି,ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ରିୟାନା ରାଜୁ,ବରେଣ୍ୟ ଅତିଥି ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି,ସମାନିତ ଅତିଥିଭାବେ ସର୍ବଶ୍ରୀ ଦେବେନ୍ଦ୍ର ମହାନ୍ତି,ଦେବରୂପ ମହାନ୍ତି,ରାଜ୍ୟ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା,ପ୍ରଦ୍ୟୁମ୍ନ ଦାସ,ରାଜେନ୍ଦ୍ର ପଣ୍ଡା,ପୀତବାସ ଧଳ,ଶର୍ମିଷ୍ଠା ପଣ୍ଡା,ଅବଦୁଲ ମୋକିତ ଖାଁ,ହରିହର ମଣ୍ଡଳ,ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ମୁଖ୍ୟଅତିଥି ରାଜ୍ୟ ଯୁବ ସଭାପତି ରଂଜିତ ପାତ୍ର ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ ତାଙ୍କ ବକ୍ତବ୍ୟରେ ଭଦ୍ରକ ଜିଲ୍ଲାର ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଓ ଭଦ୍ରକ ବିଶ୍ୱବିଦ୍ୟାଳୟଓ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନିର୍ବାଚନୀ ସମୟରେ ପ୍ରତିଶୃତି ଦେଇଥିଲେ ତାହା ଆଜି ପାଣିର ଗାର ପାଲଟିଛି । ଏହା ବିରୁଦ୍ଧରେ ଆଗାମୀ ଦିନରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭଦ୍ରକ ଜିଲ୍ଲା ଗ୍ରସ୍ତ ସମୟରେ ଯୁବ କଂଗ୍ରେସ ତରଫରୁ ଘୋର ବିରୋଧ କରାଯିବ ବୋଲି କହିଥିଲେ । ସେହିପରି ଆଗାମୀ ଦିନରେ ରାଜ୍ୟର ଯୁବକଂଗ୍ରେସ ଡବଲ ଇଞ୍ଜିନି ସରକାରକୁ ଉଚିତ ଜବାବ ଦେବ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀପାତ୍ର ବକ୍ତବ୍ୟ ଦେବା ସହ ଜିଲ୍ଲାର ଯୁବ କଂଗ୍ରେସକୁ ତୃଣମୂଳସ୍ତରରେ ସୁଦୃଢ଼ କରାଯିବାକୁ କାର୍ଯ୍ୟକାରିଣୀ ବୈଠକରେ ଆହ୍ୱାନ ଦେଇଥିଲେ ।

## ଭୟଙ୍କର ଭୂସ୍ଖଳନ: ଧସିଲା ବଡ଼ବଡ଼ ପଥର ଖଣ୍ଡ, ମାଟି ଅତଡ଼ା

ଆନନ୍ଦପୁର ,(ସବ୍ୟୁ):: ଆନନ୍ଦପୁର ଉପଖଣ୍ଡ ଅଧୀନ ତରତରା ପଂଚାୟତ ବାହିଆବାରଦଣ୍ଡା ଅଞ୍ଚଳର ବାରହାଗାଡ଼ିଆ ନିକଟରେ ଶନିବାର ଏକ ଭୟାନକ ଭୂସ୍ଖଳନ ଘଟିଥିବା ଜଣାପଡ଼ିଛି । ହଠାତ୍ ମାଟି ଓ ପଥର ଧସି ତଳକୁ ଖସିପଡ଼ିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି ।ଭୂସ୍ଖଳନ ଯୋଗୁ ରାସ୍ତା ଓ ଆଖପାଖ ଅଞ୍ଚଳରେ ମାଟି ଜମିଥିବା ବେଳେ ଯାତାୟାତ ଉପରେ ମଧ୍ୟ ପ୍ରଭାବ ପଡ଼ିବା ଆଶଙ୍କା ରହିଛି । ଲଗାଣ ବର୍ଷା ପରେ ମାଟି ଦୁର୍ବଳ ହେବା ଏହାର ଏକ କାରଣ ହୋଇପାରେ ବୋଲି ସ୍ଥାନୀୟ ଭାବେ ଆଲୋଚନା ହେଉଛି । ତେବେ ଭୂସ୍ଖଳନର ପ୍ରକୃତ କାରଣ ଏବଂ କ୍ଷୟକ୍ଷତି ସମ୍ପର୍କରେ ଅଧିକାରିକ ଭାବେ ସ୍ପଷ୍ଟ ସୂଚନା ମିଳିନାହିଁ ।ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଦେଖିଥିବା ବେଳେ ବିପଦପୂର୍ଣ୍ଣ ସ୍ଥାନକୁ ନ ଯିବା ପାଇଁ ସତର୍କ କରାଯାଇଛି । ଭୂସ୍ଖଳନ ଅଞ୍ଚଳର ସ୍ଥିତି ଏବଂ ଆଗକୁ ଅଧିକ ମାଟି ଧସିବାର ସମ୍ଭାବନା ଉପରେ ନଜର ରଖିବା ଆବଶ୍ୟକ ହୋଇପଡ଼ିଛି ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1144/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା: ୨୦୨ **ବିଜ୍ଞାପନ** ତା : ୦୮.୦୯.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟିତ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ କେ. ମୋହନ ଦୋରା, ପିତା – କେ. କାମମୂର୍ତ୍ତି ଦୋରା, ଗ୍ରା–ସୁନାବେଡ଼ା–୧, ପୋ–ସୁନାବେଡ଼ା–୧, ଥାନା– ସୁନାବେଡ଼ା, ଜିଲ୍ଲା–କୋରାପୁଟ | ଏଲ୍‌ଆଇଜି–୧୬୧ (LIG-161) ସି.ଏସ୍.ଏସ୍ କଲୋନି ସୁନାବେଡ଼ା, କୋରାପୁଟ | ୧. କେ. ଲକ୍ଷ୍ମୀ ଦୋରା (ସ୍ତ୍ରୀ) ୨. କେ. ଅବିନାଶ ଦୋରା (ବି.ପୁତ୍ର) ୩. କେ. ଦିଗାନ୍ତ ଦୋରା (ଅ.ବି.ପୁତ୍ର) ୪. କେ. ସାରଦା ଦୋରା (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0262

WASSAN
Watershed Support Services and Activities Network (WASSAN)
REQUEST FOR PROPOSAL (RFP) FOR
Selection of an Agency for Design, Development, Integration, Testing, Deployment, Handover, Warranty and Technical Support of the Subhadra Shakti E-commerce Platform.
WASSAN invites proposals from eligible and authorized Organizations / Agencies/ Firms for the Design, Development, Integration, Testing, Deployment, Handover, Warranty and Technical Support of the Subhadra Shakti E-commerce platform (Dept. of Mission Shakti).
Interested eligible Organizations /Agencies/ Firms may participate in this tender and submit their proposals. The detailed Request for Proposal (RFP) document can be downloaded from the official website: https://wassan.org
Bids shall be submitted in hard copy through registered post/speed post/ courier service at the address mentioned in the RFP. Please Refer to the RFP documents for further details.
WASSAN reserves the right to accept or reject any or all proposals without assigning any reason thereof.
Date:26.09.2026
Place: Bhubaneswar
Odisha
Sd/-
State Lead, WASSAN,

9001/149/2627
ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
******
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ତା. ୨୮.୦୯.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।
ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR : 9001/9001/1/26-27/0065

Government of Odisha
"e" procurement Notice
Bid Identification No. PWDK- 16/2026-27
34001/872/2627
No. G2/9207 Dt. 21.09.2026
e-mail: eepwdkeonjhar@yahoo.com

| | | | |
|---|---|---|---|
| 1 | No. of the work | : | 02 Nos. Building Works and 02 Nos. Road Works. |
| 2 | Estimated cost | : | From Rs. 56.77 Lakh to Rs. 75.27 Lakh |
| 3 | Period of completion | : | From 06 (Six) to 12 (Twelve) Calendar Months. |
| 4 | Date and Time of availability of Bid document in the portal | : | From 10.00 Hr 29.09.2026 to 17.00 HR of 14.10.2026 |
| 5 | Last date / Time for receipt of bids in the portal | : | 17.00 Hr of 14.10.2026. |
| 6 | Date of opening of Bid from Portal | : | 10.30 Hr of 15.10.2026. |
| 7 | Name and address of the officer inviting Bid | : | Superintending Engineer, Kendujhar (R&B) Division, Kendujhar |

Further details can be seen from the e-procurement portal "http://tendersodisha.gov.in"
Sd/- Superintending Engineer
Kendujhar (R&B) Division
OIPR : 34001/34004/1/26-27/0007

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୬୭୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୮ ।

# ‘ସ୍ୱଚ୍ଛତା ହିଁ ସେବା’ ଅଭିଯାନ ଅଧୀନରେ ଜିଓ ଓଡ଼ିଶା କର୍ମଚାରୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ‘ସ୍ୱଚ୍ଛ ଭାରତ ମିଶନ୍’ ଅନ୍ତର୍ଗତ ‘ସ୍ୱଚ୍ଛତା ହିଁ ସେବା’ ଅଭିଯାନର ଏକ ଅଂଶ ଭାବରେ, ରିଲାଏନ୍ସ ଜିଓର ଓଡିଶା କର୍ମଚାରୀମାନେ ସାରା ରାଜ୍ୟରେ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରେ, ଜିଓ ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ସହ ମିଳିତ ଭାବେ ଆଜି ଜନତା ମଇଦାନ ନିକଟସ୍ଥ ମହାତ୍ମା ଗାନ୍ଧୀ ପାର୍କ ଏବଂ ଏହାର ଆଖପାଖ ଅଞ୍ଚଳରେ ସଫେଇ କାର୍ଯ୍ୟ ଓ ଜନସଚେତନତା ସୃଷ୍ଟି କରାଯାଇଥିଲା। ଜିଓ ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ କର୍ମଚାରୀ ଓ ବରିଷ୍ଠ ଅଧିକାରୀଙ୍କ ସହିତ ମହାନଗର ନିଗମର ସଫେଇ କର୍ମଚାରୀ ଏବଂ ସ୍ଥାନୀୟ କର୍ପୋରେଟର ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଏହିଭଳି ସଫେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା, ଯେଉଁଥିରେ ଜିଓ ଓଡ଼ିଶାର କର୍ମଚାରୀମାନେ ଅତ୍ୟନ୍ତ ଉତ୍ସାହର ସହ ‘ସ୍ୱଚ୍ଛତା ହିଁ ସେବା’ ଅଭିଯାନରେ ସାମିଲ ହୋଇଥିଲେ।



ରାଜ୍ୟର ୨୫ରୁ ଅଧିକ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୩୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ରେଳ ଷ୍ଟେସନ୍, ବସ୍ ଷ୍ଟାଣ୍ଡ, ବଜାର ଅଞ୍ଚଳ, ସାର୍ବଜନୀନ ପାର୍କ ଏବଂ ଶିକ୍ଷାନୁଷ୍ଠାନ ଭଳି ଅଧିକ ଲୋକ ସମାଗମ ହେଉଥିବା ସ୍ଥାନଗୁଡ଼ିକରେ ଏହି ସଫେଇ ଓ ଜନସଚେତନତା ସୃଷ୍ଟି କରାଯାଇଥିଲା। ଦେଶ ‘ସ୍ୱଚ୍ଛ ଭାରତ ମିଶନ୍’ର ଦ୍ୱାଦଶତମ ବାର୍ଷିକୀ ପାଳନ କରୁଥିବା ବେଳେ, ରିଲାଏନ୍ସ ଜିଓର କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସାରା ଦେଶରେ ଏକ ବ୍ୟାପକ ‘ସ୍ୱଚ୍ଛତା ହିଁ ସେବା ୨୦୨୬’ ସଫେଇ ଅଭିଯାନରେ ସାମିଲ ହେଉଛନ୍ତି। ଏହି ଅଭିଯାନରେ ସାମିଲ ହୋଇ ଜିଓ ଏବଂ ସମ୍ପୂର୍ଣ୍ଣ ରିଲାଏନ୍ସ ପରିବାର ଏକ ସ୍ୱଚ୍ଛ ଓ ସୁସ୍ଥ ଭାରତ ଗଠନ ଦିଗରେ ନିଜର ଯୋଗଦାନ ଦେଉଛନ୍ତି। ଏହା ସ୍ୱଚ୍ଛତା ପ୍ରତି ସେମାନଙ୍କର ସାମୂହିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବା ସହିତ ଅନ୍ୟମାନଙ୍କୁ ସକାରାତ୍ମକ ପରିବର୍ତ୍ତନ ଆଣିବା ତଥା ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଦିଗରେ ସହଯୋଗ କରିବା ପାଇଁ ଅନୁପ୍ରାଣିତ କରୁଛି।

## ପାଇଖାନାରେ ପଡି ଶିଶୁ ମୃତ୍ୟୁ ଘଟଣା : ଶବ ରଖି ଧାରଣା

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ନଡପୁର ଡାକ୍ତରଖାନା ପରିସରରେ ଗୁରୁବାର ନିର୍ମାଣାଧୀନ ଖୋଲା ପାଇଖାନା ଟାଙ୍କିରେ ୬ ବର୍ଷିଅ ପୁଅ ଅର୍ଜୁନ ବିନ୍ଧାଣିଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଏ ନେଇ ଶନିବାର ପୂର୍ବାହ୍ନ ସମୟରେ କ୍ଷତିପୂରଣ ଦାବିରେ ଡାକ୍ତରଖାନା ସମ୍ମୁଖରେ ମୃତ ଶିଶୁର ଶବ ରଖି ପରିବାର ବର୍ଗ ଦେଇଥିଲେ। ପ୍ରଶାସନ ତରଫରୁ ପରିବାର ବର୍ଗଙ୍କୁ ପ୍ରତିଶୃତି ଦେବା ପରେ ଯାଇ ଧାରଣା ହଟିଥିଲା ।କ ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ନିକଟସ୍ଥ ନୂଆଗାଁ ଗ୍ରାମର ଲକ୍ଷ୍ମୀଧର ବିନ୍ଧାଣୀଙ୍କ ସ୍ତ୍ରୀ ଅଞ୍ଜଳୀ ନଡ଼ପୁର ଡାକ୍ତରଖାନାରେ ନିର୍ମାଣାଧୀନ ଥିବା ବିଲଡିଂରେ ଶ୍ରମିକ ଭାବେ କାମ କାର୍ଯ୍ୟ କରୁଥିଲେ। ଗୁରୁବାର ସେ କାମ କରିବାକୁ ଆସିଥିବା ବେଳେ ତାଙ୍କର ୬ ବର୍ଷିଅ ଶିଶୁ ପୁତ୍ର ଅର୍ଜୁନ ମଧ୍ୟ କାର୍ଯ୍ୟସ୍ଥଳକୁ ପଳାଇ ଆସିଥିଲା । ଡାକ୍ତରଖାନା ପରିସରରେ ଖେଳୁଖେଳୁ ଅସାବଧାନତା ବଶତଃ ନିର୍ମାଣାଧୀନ ଥିବା ଉନ୍ମୁକ୍ତ ପାଇଖାନା ଟାଙ୍କିରେ ପଡ଼ିଯାଇଥିଲା । ତାର ମା ଦୀର୍ଘ ସମୟ ଧରି ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ରାତିରେ ଟାଙ୍କି ମଧ୍ୟରୁ ଶିଶୁ ର ମୃତ ଦେହଟିକୁ ପାଇଥିଲେ । ଶୁକ୍ରବାର ମୃତ ଶିଶୁ ପୁତ୍ରର ବ୍ୟବଚ୍ଛେଦ କରାଯାଇଥିଲା ।

# ଡିଏଭି ଏସ୍‌ସିବିରେ ସାହିତ୍ୟିକ ସମ୍ମିଳନୀ ଅଭିବ୍ୟକ୍ତି -୨.୦

କଟକ, (ସ୍ୱପ୍ର) : ଶବ୍ଦ ଯେଉଁଠି ଭାବନାର ଭାଷା ହୁଏ, ଭାବନା ଯେଉଁଠି ଚିନ୍ତନର ରୂପ ନିଏ ଏବଂ ଚିନ୍ତନ ଯେଉଁଠି ଜୀବନର ଦର୍ପଣରେ ପ୍ରତିଫଳିତ ହୁଏ- ସେଇଠି ଜନ୍ମ ନିଏ ସାହିତ୍ୟ । ଏହି ଚିରନ୍ତନ ସତ୍ୟକୁ ବାସ୍ତବତାର ରୂପଦେଇ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, କଟକରେ ଅନୁଷ୍ଠିତ ହୋଇଯାଇଛି ବହୁ ପ୍ରତୀକ୍ଷିତ ସାହିତ୍ୟ ସମ୍ମିଳନୀ “ଅଭିବ୍ୟକ୍ତି-୨.୦’ । ସମ୍ମିଳନୀରେ ଓଡିଶାର ବିଶିଷ୍ଟ ସାହିତ୍ୟିକ ଭାବେ ଆଞ୍ଚଳିକ ଶିକ୍ଷାନୁଷ୍ଠାନ,




ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ସର୍ବେଶ ମୌର୍ଯ୍ୟ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଦୀପ୍ତି ରଞ୍ଜନ ମହାରଣା ଏବଂ ଓଡିଆ ବିଭାଗର ସହକାରୀ ପ୍ରଫେସର୍ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଯୋଗ ଦେଇଥିଲେ । ଡଃ ମୌର୍ଯ୍ୟ ସାହିତ୍ୟର ବ୍ୟାପକତା ଓ ଜୀବନ ସହିତ ଏହାର ଗଭୀର ସମ୍ପର୍କ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଡଃ ମହାରଣା ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନେ ସାହିତ୍ୟକୁ କେବଳ ପାଠ୍ୟ ବିଷୟ ଭାବେ ନୁହେଁ ବରଂ ଜୀବନକୁ ବୁଝିବାର ଏକ ସଶକ୍ତ ମାଧ୍ୟମ ଭାବେ ଦେଖିବାକୁ ପ୍ରେରଣା ଦେଇଥିଲେ । ଡଃ ମିଶ୍ର ସାହିତ୍ୟର ବିଭିନ୍ନ ଦିଗ, ଏହାର ସାମାଜିକ ଭୂମିକା ଓ ମାନବୀୟ ଚେତନା ଗଠନରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡ. ନିରଞ୍ଜନ ସ୍ୱାଇଁଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ସାହିତ୍ୟିକ ଆୟୋଜନରେ ବିଦ୍ୟାଳୟରେ ଶିକ୍ଷା କେବଳ ପାଠ୍ୟ ପୁସ୍ତକର ସୀମାରେ ଆବଦ୍ଧ ନରହି ଚିନ୍ତନ, ସୃଜନ ଓ ଅଭିବ୍ୟକ୍ତିର ବିଶାଳ ପରିସରକୁ ସ୍ପର୍ଶ କରିବାର ଆବଶ୍ୟକତାକୁ “ଅଭିବ୍ୟକ୍ତି-୨.୦’ ସାର୍ଥକ ଭାବେ ପ୍ରତିପାଦିତ କରିଥିଲା । ଏହି ଅବସରରେ ସାହିତ୍ୟ ଓ ଜୀବନର ଅନ୍ତରଙ୍ଗ ସମ୍ପର୍କର ସମନ୍ୱୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡିକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଛାତ୍ରଛାତ୍ରୀ ମାନେ ସମୟ ଏବଂ ସମ୍ପର୍କକୁ ନେଇ ଏକ ନାଟକ ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରୀୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାହିତ୍ୟ ଏବଂ ପ୍ରକୃତିର ସମନ୍ୱୟକୁ ଦୃଷ୍ଟିରେ ରଖି ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ ।

## ନୂଆପଡା ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସାମୁହିକ ବନ୍ଦେ ମାତରମ ଗାୟନ

କଟକ, (ସ୍ୱପ୍ର) : ରାଷ୍ଟ୍ରଗୀତ ବନ୍ଦେମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ “ବିଦ୍ୟା ଭାରତୀ “ ତଥା ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ଆହ୍ୱାନ କ୍ରମେ ଆମ୍ଭ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆପଡା ଦ୍ୱାରା ୩ ଟି ସ୍ଥାନରେ ସାମୁହିକ ବନ୍ଦେ ମାତରମକୁ ସମ୍ପୂର୍ଣ୍ଣ ଗାନ କରାଯାଇଥିଲା । ମଧୁସୂଦନ ଉଚ୍ଚ ବିଦ୍ୟାଳୟ, ଖପୁରିଆ କଟକରେ ଆମ୍ଭ ବିଦ୍ୟାଳୟର ଗୁରୁମା ସୁପ୍ରିୟା ମହାପାତ୍ର, ସରୋଜିନୀ ପ୍ରଧାନ, ଜ୍ୟୋତିପ୍ରଦା ସାମଲ ଓ ଗୁରୁଜୀ ଭାଗିରଥି ସ୍ୱାଇଁ ଉପସ୍ଥିତ ରହି ସାମୁହିକ ଗାୟନ କରାଇଥିଲେ । ସେହିପରି ମଧୁସୂଦନ ଜେନା ଉଚ୍ଚ ବିଦ୍ୟାଳୟ, ପୋପରଡ଼ା, କଟକରେ ବିଦ୍ୟାଳୟର ଗୁରୁମା ଲିଲି ସାମଲ, ଜୟନ୍ତୀ ମୁଦୁଲି, ସୁଷମା ଦାସ, ଗୁରୁଜୀ ମହେଶ୍ୱର ଦାସ ଓ ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ରହି ସାମୁହିକ ବନ୍ଦେ ମାତରମ ଗାୟନରେ ସହଯୋଗ କରିଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୂଆପଡା, କଟକରେ ଅବଶିଷ୍ଟ ଗୁରୁଜୀ ଗୁରୁମା ଓ ଛାତ୍ର ଛାତ୍ରୀଙ୍କୁ ନେଇ ରାଷ୍ଟ୍ରଗୀତ ବନ୍ଦେ ମାତରମର ସାମୁହିକ ଗାୟନ କରାଯାଇଥିଲା । ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ମୁଖ୍ୟଅତିଥି ଙ୍କ ଦିଲ୍ଲୀପ କୁମାର ଆଚାର୍ଯ୍ୟ, ସମାଜସେବୀ ନିବେଦିତା ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୪୫୦ ଜଣ ଛାତ୍ରଛାତ୍ରୀ, ଅଭିଭାବକ ଅଭିଭାବିକା ମାନେ ଯୋଗଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଆଚାର୍ଯ୍ୟା ମମତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଜେସି ପକ୍ଷରୁ ୩୧ ନମ୍ବର ୱାର୍ଡ଼ରେ ପ୍ରସ୍ତୁତି ବୈଠକ

କଟକ, (ସ୍ୱପ୍ର) : ଓଡିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ କଟକ ମହାନଗର ନିଗମର ୩୧ନମ୍ବର ୱାର୍ଡ଼ ଅନ୍ତର୍ଗତ ଶଗଡିଆସାହି ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଜେସି କଟକ ସହର ସଭାନେତ୍ରୀ ଶ୍ରୀମତୀ ଗିରିବାଳା ବେହେରା ଯୋଗଦେଇ ଆଗାମୀ ଦିନରେ ୱାର୍ଡ଼ ରେ ହେବାକୁ ଥିବା ପୂର୍ଣ୍ଣାଙ୍ଗ ବୈଠକ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ଆଗାମୀ ପୌର ନିର୍ବାଚନରେ ଦଳ କିପରି ଏହି ୱାର୍ଡ଼ରେ ବିଜୟୀ ହୋଇପାରିବ, ସେନେଇ ରଣନୀତି ପ୍ରସ୍ତୁତ କରିବା ସହ ସଙ୍ଗଠନକୁ ତୃଣମୂଳ ସ୍ତରରୁ ଅଧିକ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଭା ଶେଷରେ ରାଜଶ୍ରୀ ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଏହି ଅବସରରେ ବ୍ଲକ ସଭାପତି ଲକ୍ଷ୍ମୀ ପ୍ରକାଶ ମହାପାତ୍ର, କେଦାରପୃଷ୍ଟି, ଚନ୍ଦନ ଦାସ ଓ ଶରତ ଚନ୍ଦ୍ର ଶେଠୀ ପ୍ରମୁଖ ୱାର୍ଡ଼ ସଙ୍ଗଠନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନ ରଞ୍ଜନ ଜେନା, ପ୍ରଦୀପ ନାୟକ, ପ୍ରଣବ ସିଂହ, ସୁନୀଲ ବସ୍ତିଆ, ବ୍ରଜକିଶୋର ବେହେରା, ନଳିନୀ ପ୍ରଭା ଖୁଣ୍ଟିଆ, ସଦାଶିବ ଖୁଣ୍ଟିଆ, ମନୋରମା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ ।

# ଆଶ୍ୱସ୍ତ କରିଛି ଅନ୍ତୋଦୟ ଗୃହ ଯୋଜନା : ମୁହଁରେ ହସ ଫୁଟାଇଛି ପରିବର୍ତ୍ତନ

ପୁରୀ, (ସବ୍ୟୁ): ଚାଳ ଛପର କୁ କଚ୍ଚା ଘର ।ସମୁଦ୍ର କୂଳିଆ ଅଞ୍ଚଳ ।ଟିକେ ବର୍ଷା ପବନ ଆସିଲେ ଛାତିରେ ଛନକା ପଶେ ।ଏବେ କିନ୍ତୁ ସେ ଡର ହଟି ଯାଇଛି ।ବର୍ଷା ପବନକୁ ଆଉ ଭୟ ନାହିଁ।ଆଜି ମୁଁ ଗର୍ବର ସହ କହୁଛି ମୋର ପକା ଘର ଟିଏ ବୋଲି କହନ୍ତି ସରସ୍ୱତୀ ରାଉତ ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ତାଳଦା ଗ୍ରାମର କାହ୍ନୁ ଚରଣ ସେଠୀ ଙ୍କ ପରିବାର ।କଚ୍ଚା ଘର ଯୋଗୁ ପୂର୍ବରୁ ଅସୁରକ୍ଷିତ ଓ ଅସୁବିଧାଜନକ ସ୍ଥିତିରେ ସେମାନେ ଜୀବନ ନିର୍ବାହ କରୁଥିଲେ ।ଅନ୍ତୋଦୟ ଗୃହ ଯୋଜନା ସମ୍ପର୍କରେ ଜାଣିବା ପରେ ସରସ୍ୱତୀ ଘର ଟିଏ ପାଇଁ ଆବେଦନ କଲେ ।ଅସ୍ତରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆବେଦନ ଉପରେ ଉପଯୁକ୍ତ ଅନୁଧ୍ୟାନ କରିବା ପରେ ଏହାର ସତ୍ୟତା ଅନୁଭବ କରି ସରସ୍ୱତୀ ଙ୍କ ସପକ୍ଷରେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ।ନିଜର ସ୍ୱପ୍ନ ର ଘରଟିକୁ ତିଆରି ପାଇଁ ସରସ୍ୱତୀ ଓ ପରିବାର ଦିନ ରାତି ଏକ କରିଦେଇଥିଲେ ।ଯେଉଁ ଦିନ ପକ୍କା ଘରେ ଆମେ ରହିବା ଆରମ୍ଭ କଲୁ ତାହା ଏକ ସୁନ୍ଦର ସ୍ୱପ୍ନ ଟି ସତ ହେଲା ବୋଲି ଲାଗିଲା ।ଏଥିପାଇଁ ଆମ ପରିବାର ବହୁତ ଖୁସି ଓ ଆନନ୍ଦିତ ବୋଲି କୁହନ୍ତି ସରସ୍ୱତୀ ।ପୁରା ପରିବାରଟି ବର୍ତ୍ତମାନ ଏକ ସୁରକ୍ଷିତ ଓ ସମ୍ମାନଜନକ ପକ୍କା ଘରେ ରହିପାରୁଛନ୍ତି ।ପକ୍କା ଘର ମିଳିବା ଫଳରେ ପରିବାରର ସୁରକ୍ଷା, ସ୍ୱଚ୍ଛତା ଓ ଜୀବନଯାପନର ମାନରେ ଉନ୍ନତି ଆସିଛି। ବର୍ଷା, ପବନ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରୁ ପରିବାରକୁ ଅଧିକ ସୁରକ୍ଷା ମିଳୁଛି। ଏହା ତାଙ୍କ ପରିବାରକୁ ଏକ ସୁରକ୍ଷିତ ଓ ସମ୍ମାନଜନକ ଜୀବନଯାପନର ଆଧାର ପ୍ରଦାନ କରିଛି ବୋଲି ସରସ୍ୱତୀ କୁହନ୍ତି ।ଏହି ସୁବିଧା ଓ ସମ୍ମାନ ପାଇଁ ସରସ୍ୱତୀ ସରକାର ଙ୍କୁ ଓ ପ୍ରଶାସନ କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।ବିଡ଼ିଓ ସସ୍ମିତା ବେହେରା ଙ୍କ ମତରେ ସରକାରୀ ଯୋଜନା ଲୋକ ମାନଙ୍କ ପାଇଁ ।ଉପଯୁକ୍ତ ହିତାଧିକାରୀଙ୍କୁ ଏହା ପ୍ରଦାନ ସହ ଏହାର କାର୍ଯ୍ୟାନ୍ୱୟନ ପାଇଁ ପ୍ରଶାସନ ସହଯୋଗ କରୁଛି ବୋଲି ସେ କହିଛନ୍ତି।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍ ଓଡିଶା ୟୁନିଟ୍‌ର ୪୫ତମ ବାର୍ଷିକ ବୈଠକ

ଭୁବନେଶ୍ୱର, (ସବ୍ୟୁ) : ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍ ଓଡିଶା ୟୁନିଟ୍‌ର ୪୫ତମ ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ରେଲ୍ ଅଡିଟୋରିୟମ୍ ଠାରେ ୨୬ତାରିଖରେ ଅନୁଷ୍ଠିତ




ହୋଇଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ ଓଡିଶା ୟୁନିଟ୍‌ର ସଭାପତି କମ୍ରେଡ୍ ସ୍ମୃତିରଞ୍ଜନ ସାହୁ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବା ବେଳେ ୟୁନିଟ୍‌ର ସାଧାରଣ ସମ୍ପାଦକ କମ୍ରେଡ୍ କମଳଜିତ୍ ମହାପାତ୍ରଙ୍କ ବଳିଷ୍ଠ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଫେଡେରେସନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍‌ର ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। ଏଥିରେ ସାଧାରଣ ସମ୍ପାଦକ କମ୍ରେଡ୍ ନିଲେଶ ପାୱାର, ସଭାପତି କମ୍ରେଡ୍ ଜି ନାଗେଶ୍ୱର, କାର୍ଯ୍ୟରତ ସଭାପତି କମ୍ରେଡ୍ ଶ୍ୱେତାଙ୍ଗ ତ୍ରିବେଦୀ, ଚେୟାରମ୍ୟାନ୍ କମ୍ରେଡ୍ ସଞ୍ଜୟ ଦାସ, ଉପଦେଷ୍ଟା କମ୍ରେଡ୍ ସୁନିଲ ଲାକ୍ରା, ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍-ବିହାରର ସାଧାରଣ ସମ୍ପାଦକ କମ୍ରେଡ୍ ଗଣେଶ କୁମାର ପାଣ୍ଡେ ଏବଂ ଏଆଇବିଓସିର ରାଜ୍ୟ ସମ୍ପାଦକ କମ୍ରେଡ୍ ଅମିତାଭ ଦାସ ଯୋଗଦେଇ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ ଅଧିକାରୀମାନେ ସମ୍ମୁଖୀନ ହେଉଥବା ବିଭିନ୍ନ ପ୍ରକାରର ଅସୁବିଧା ସମ୍ପର୍କରେ ନିଜର ମୂଲ୍ୟବାନ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପାଞ୍ଚଦିନିଆ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ସେପ୍ଟେମ୍ବର ମାସ ଧର୍ମଘଟର ସଫଳତା, ଭବିଷ୍ୟତରେ ତିନିଦିନିଆ ଧର୍ମଘଟ ସମ୍ପର୍କୀତ ଯୋଜନା ଏବଂ ପିଏଲ୍‌ଆଇରେ ଭେଦଭାବ ସମ୍ପର୍କୀତ ବିଷୟଗୁଡିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସାଂଗଠନିକ ଏକତାକୁ ସୁଦୃଢ କରିବା ସହ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଭିବୃଦ୍ଧି ଓ ପ୍ରତିଷ୍ଠାରେ ଅର୍ଥପୂର୍ଣ୍ଣ ଯୋଗଦାନର ସାମୂହିକ ସଂକଳ୍ପ ସହିତ ୪୫ତମ ବାର୍ଷିକ ସାଧାରଣ ବୈଠକ ସମାପ୍ତ ହୋଇଥିଲା।

# ଆକର୍ଷଣୀୟ ଡିଜାଇନ ସହ ଉଚ୍ଚ କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରିଛି ଏଆଇ+ ନୋଭା ୨ ପାୱାର

ଭୁବନେଶ୍ୱର (ସବ୍ୟୁ): ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ନୋଭା ୨ ସିରିଜରେ ଏହାର ନୂତନ ସ୍ମାର୍ଟଫୋନ ନୋଭା ୨ ପାୱାର ୫ଜିର ଲଂଚ୍ କରାଯାଇଛି, ଯାହା ଏକ ଟେକ୍-ସ୍ୟାଭି ଜେନେରେଶନ ପାଇଁ ଅତ୍ୟାଧୁନିକ ଡିଜାଇନ ସହ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ଓ ଦୀର୍ଘସ୍ଥାୟୀ ବ୍ୟାଟେରୀକୁ ଏକତ୍ରିତ କରିଛି। ପାରମ୍ପରିକ ସ୍ମାର୍ଟଫୋନ ଲଂଚ ଶୈଳୀଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏକ ଉପାୟରେ ନୋଭା ୨ ପାୱାରକୁ ନୂଆଦିଲ୍ଲୀରେ ଏକ ରନ୍‌ୱେରେ ଶୁଭାରମ୍ଭ କରାଯାଇଥିଲା, ଯାହା ଫ୍ୟାଶନ ଓ ଟେକ୍ନୋଲୋଜିର ଏକ ସହଜ ସମନ୍ୱୟକୁ ପ୍ରଦର୍ଶିତ କରିଥିଲା। ଏହି ଫୋନ୍‌କୁ ଆଧୁନିକ ରନ୍‌ୱେ ଲୁକ୍ ସହିତ ସଂଯୋଗ କରାଯାଇଥିଲା, ଯାହା ଏକ ଷ୍ଟାଇଲିସ୍ ଆକ୍ସେସୋରିଜ୍ ଭାବେ ଏହାର ଭୂମିକାକୁ ଗୁରୁତ୍ୱ ଦେଇଥିଲା। “ଡିଜାଇନ ଟୁ ଇନ୍ସପାୟାର, ପାୱାର ଟୁ ଆଉଟଲାଷ୍ଟ’ ମନ୍ତ୍ର ଉପରେ ଆଧାରିତ ନୋଭା ୨ ପାୱାର, ଗ୍ରାହକଙ୍କ ଚାହିଦା ମୁତାବକ, କାର୍ଯ୍ୟକ୍ଷମତା ଓ ସ୍ଥାୟିତ୍ୱ ପ୍ରଦାନ କରିବା ସହିତ ସ୍ମାର୍ଟଫୋନ ଅନୁଭୂତି କ୍ଷେତ୍ରରେ ଡିଜାଇନ୍ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଯେଉଁଠାରେ ଟେକ୍ନୋଲୋଜି ଏବଂ ଫ୍ୟାଶନ୍ ଏକତ୍ରିତ ହୋଇଥାନ୍ତି ସ୍ମାର୍ଟଫୋନ୍‌ଗୁଡିକ ବ୍ୟକ୍ତିଗତ ପରିଚୟକୁ ବହୁମାତ୍ରାରେ ପ୍ରତିଫଳିତ କରୁଥିବାରୁ, ନୋଭା ୨ ପାୱାର କେବଳ ଉନ୍ନତ କାର୍ଯ୍ୟଦକ୍ଷତାରେ ସୀମିତ ନରହି ତାହାଠାରୁ ଆଗକୁ ବଢ଼ିଛି। ଏହାର ରନ୍‌ୱେ ଉପସ୍ଥାପନା ଏଆଇ+ ସ୍ମାର୍ଟଫୋନର ଏକ ଡିଭାଇସକୁ ଡିଜାଇନ, ମହତ୍ୱାକାଂକ୍ଷା ଓ ଟେକ୍ନୋଲୋଜି କ୍ରମରେ ରଖିବାର ଦୃଷ୍ଟିକୋଣକୁ ହାଇଲାଇଟ କରିଛି। ଏହାର ପ୍ରମୁଖ ଫିଚରଗୁଡିକରେ ଏକ ଆକର୍ଷଣୀୟ ଡୁଆଲ-ଟୋନ ବ୍ୟାକ୍ ପ୍ୟାନେଲ ସାମିଲ ରହିଛି ଯାହା ବ୍ଲୁ ଗୋଲ୍ଡ ଫ୍ୟୁଜନ ଓ ବ୍ଲୁ ଫ୍ୟୁଜନ ଭଳି କଲର ଫ୍ୟୁଜନ ଫିନିଶ ସମେତ ଓସେନ ଗ୍ରୀନ, ଡିପ ପର୍ପଲ, ଓ ମିଡ୍‌ନାଇଟ ବ୍ଲାକରେ ଉପଲବ୍ଧ ହେଉଛି। ଏହାର ପ୍ରତ୍ୟେକ ରଙ୍ଗ ଆଲୋକରେ ଉପଯୁକ୍ତ ଭାବେ ଉଜ୍ଜ୍ୱଳିତ ହୋଇଥାଏ ଯାହା ଏକ ସ୍ୱତନ୍ତ୍ର ଫ୍ଲେୟାର ସୃଷ୍ଟି କରିଥାଏ।

## ଭୁବନେଶ୍ୱରରୁ ‘ଶୌର୍ଯ୍ୟ ସମ୍ପର୍କ’ ବାଇକ୍ ରାଲି

# ୧୮୪୦ କିମି ଯାତ୍ରାରେ ପୂର୍ବତନ ସୈନିକ, ବୀର ନାରୀ ଓ ଯୁଦ୍ଧ ବିଧବାଙ୍କ ସହ ହେବ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ପୂର୍ବାଞ୍ଚଳ କମାଣ୍ଡ ପକ୍ଷରୁ ଆୟୋଜିତ ‘ଶୌର୍ଯ୍ୟ ସମ୍ପର୍କ’ ବାଇକ୍ ରାଲି ଶନିବାର ଭୁବନେଶ୍ୱରରୁ ଆଗକୁ ବଢ଼ିଛି। ଭୁବନେଶ୍ୱରସ୍ଥିତ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିୟନ୍ (ଟିଏ) ବିହାର ପରିସରରୁ ଏହି ରାଲିକୁ ପୂର୍ବତନ ସୈନିକ କର୍ଣ୍ଣେଲ୍ ଏନ୍‌କେ ବେବର୍ତ୍ତା ଏବଂ ମେଜର ଜେନେରାଲ୍ ଓପି ଗୁଲିଆ, ଏସ୍‌ଏମ୍, ଭିଏସ୍‌ଏମ୍ (ଅବସରପ୍ରାପ୍ତ) ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମେଜର ଜେନେରାଲ୍ ଗୁଲିଆ ରାଲିର ନେତୃତ୍ୱ ନେଇ ରାଞ୍ଚି ଅଭିମୁଖେ ଯାତ୍ରା କରୁଛନ୍ତି। ସେପ୍ଟେମ୍ବର ୨୪ରେ କୋଲକାତାର ବିଜୟ ଦୁର୍ଗରୁ ଆରମ୍ଭ ହୋଇଥିବା ଏହି ରାଲି ମୋଟ ୧୮୪୦ କିଲୋମିଟର ଯାତ୍ରା କରିବ। ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ ଓ ବିହାର ଦେଇ ଯାଉଥିବା ଏହି ଯାତ୍ରା ସମୟରେ ପୂର୍ବତନ ସୈନିକ, ବୀର ନାରୀ ଏବଂ ଯୁଦ୍ଧରେ ସହିଦ ହୋଇଥିବା ସୈନିକଙ୍କ ବିଧବାମାନଙ୍କ ସହ ଆଲୋଚନା କରାଯିବ। ସେନାର ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶ ପାଇଁ ସେବା ଓ ତ୍ୟାଗ କରିଥିବା ପୂର୍ବତନ ସୈନିକମାନଙ୍କୁ ସମ୍ମାନ ଜଣାଇବା। ଏଥିସହ କାର୍ଯ୍ୟରତ ସୈନିକ ଓ ପୂର୍ବତନ ସୈନିକ ସମୁଦାୟ ମଧ୍ୟରେ ରହିଥିବା ଦୀର୍ଘସ୍ଥାୟୀ ସମ୍ପର୍କକୁ ଆହୁରି ମଜବୁତ କରିବା ମଧ୍ୟ ଏହି ରାଲିର ଅନ୍ୟତମ ଲକ୍ଷ୍ୟ। ରାଲି ମାଧ୍ୟମରେ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରଙ୍କ ସହ ଯୋଗାଯୋଗ ସ୍ଥାପନ ସହ ସେମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତାର ବାର୍ତ୍ତା ପହଞ୍ଚାଯାଉଛି।




# ଦକ୍ଷିଣକାଳୀ ଯୋଗ ଜିଲ୍ଲା ପକ୍ଷରୁ ଯୋଗ ଉତ୍ସବ ପାଳିତ



ଭୁବନେଶ୍ୱର (ସବ୍ୟୁ): ଦକ୍ଷିଣକାଳୀ ଯୋଗ ଜିଲ୍ଲା ପକ୍ଷରୁ ନୂତନ ସରକାରୀ ବାସଗୃହ ପରିସରରେ ଯୋଗ ଉତ୍ସବ ପାଳିତ ହୋଇଯାଇଛି। ଯୋଗର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରଥମେ ପ୍ରଭାତ ଫେରି ଓ ପଦଯାତ୍ରା ଆୟୋଜିତ ହୋଇଥିଲା। ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ପ୍ରାନ୍ତର ପ୍ରାନ୍ତ ମନ୍ତ୍ରୀ ଅକ୍ଷୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପ୍ରଧାନ ଭଗବାନ ବେହେରା, ଜିଲ୍ଲା ମନ୍ତ୍ରୀ ଶ୍ରୀମତୀ ପ୍ରବାସିନୀ ସ୍ୱାଇଁ, ସଂଗଠନ ମନ୍ତ୍ରୀ ନରହରି ନାୟକ, ଡା. ପ୍ରଦୀପ କୁମାର ଦାସ ଓ ଯତୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଅଧୀନ ବିଭିନ୍ନ ଯୋଗ କେନ୍ଦ୍ରରୁ ୧୨୦ରୁ ଉର୍ଦ୍ଧ୍ୱ ସାଧକ ଓ ସାଧିକା ଯୋଗଦେଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ଯୋଗର ବାର୍ତ୍ତା ଘରେ ଘରେ ପହଞ୍ଚାଇବା, ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ସୁସ୍ଥ ଓ ନିରୋଗ ସମାଜ ଗଠନ ସହିତ ବ୍ୟକ୍ତିତ୍ୱ ବିକାଶ ଓ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ନେତାଜୀ ସୁଭାଷ କେନ୍ଦ୍ରର କେନ୍ଦ୍ର ପ୍ରମୁଖା ଶ୍ରୀମତୀ ବ୍ରଜେଶ୍ୱରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଯତୀନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁଶୁଡ଼ିଲା ନୀଳମାଧବ ପୀଠରେ ସୁରକ୍ଷା ପ୍ରାଚୀର

କଣ୍ଟିଲୋ,(ସବ୍ୟୁ): ଗତ ୩ଦିନ ଧରି ଅବପାତ ଜନିତ ଲଗାଣ ବର୍ଷା ଫଳରେ ନୀଳମାଧବ ପୀଠ ରାସ ମଣ୍ଡପ ନିକଟରେ ସୁରକ୍ଷା ପ୍ରାଚୀର ଭୁଶୁଡି ପଡିଛି । ଫଳରେ ମନ୍ଦିର ଓ ବେଢାକୁ ଲାଗି ରହିଥିବା ମୁଖ୍ୟ ମେଘନାଦ ପାଚେରୀ ପ୍ରତି ବିପଦ ସୃଷ୍ଟି ହୋଇଛି ।ବ୍ରହ୍ମାଦ୍ରୀ ପାହାଡ଼ ଉପରେ ଅବସ୍ଥିତ ନୀଳମାଧବ ମନ୍ଦିର ମୁଖ୍ୟ ପ୍ରାଚୀରକୁ ସୁରକ୍ଷା ଦେବାପାଇଁ ନିର୍ମାଣ ହୋଇଥିବା ପାଚେରୀର ପ୍ରାୟ ୨୦ଫୁଟ ଦବିଯାଇ ଭୁଶୁଡି ଯାଇଛି । ଶୁକ୍ରବାର ରାତିରେ କଣ୍ଟିଲୋରେ ଅତି ପ୍ରବଳ ବର୍ଷା ହୋଇଥିଲା ।ବର୍ଷାରେ ଉତ୍ତର-ପୂର୍ବ ସ୍ନାନ ମଣ୍ଡପ ପାର୍ଶ୍ୱ ସୁରକ୍ଷା ପାଚେରୀ ଭୁଶୁଡି ଯାଇଥିଲା ।ପାହାଡ଼ ଉପରେ ଅବସ୍ଥିତ ନୀଳମାଧବ ପୀଠ ଚତୁଃପାର୍ଶ୍ୱ ପଥର ବାଡ଼ ଦ୍ୱାରା ସୁରକ୍ଷିତ କରାଯାଇଛି । ତାହାର ରକ୍ଷଣ ବେକ୍ଷଣ ଜରୁରୀ । ନିକଟରେ ନୀଳମାଧବ ବିକାଶ ପ୍ରକଳ୍ପରେ କୋଟି କୋଟି ଟଙ୍କା ବ୍ୟୟ ହୋଇବିଭିନ୍ନ ନିର୍ମାଣ କାର୍ଯ୍ୟ କରାଯାଇଛି । ମାତ୍ର ମନ୍ଦିର ଭିତ୍ତିଭୂମି ସୁଦୃଢ଼ କ୍ଷେତ୍ରରେ ପଦକ୍ଷେପ ନିଆଯାଇନାହିଁ । ମନ୍ଦିର ଗୁମୁଟ ଉପରେ ସିଂହ ମୂର୍ତ୍ତି ଭାଙ୍ଗି ଯାଇଛି ।

# ସୋଆ ଏସ୍‌ପିଏସ୍‌ରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ‘ଓ’ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍ (ଏସ୍‌ପିଏସ୍) ପକ୍ଷରୁ ଶୁକ୍ରବାର ବିଶ୍ୱ ଫାର୍ମାସିଷ୍ଟସ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଏସ୍‌ପିଏସ୍‌ର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଜନସାଧାରଣଙ୍କ ମଧ୍ୟରେ ଔଷଧ ପ୍ରତିରୋଧକତା ବା ଆଂଟିମାଇକ୍ରୋବିଆଲ୍ ରେଜିଷ୍ଟାନ୍ସ (ଏଏମ୍‌ଆର) ସଂପର୍କରେ ସଚେତନତା ସୃଷ୍ଟି କରିବା ସହ ଆଂଟିବାୟୋଟିକ୍‌ର ଅପବ୍ୟବହାର ଓ ଅନୁଚିତ ବ୍ୟବହାରକୁ ରୋକିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ରାଲିକୁ ଛାତ୍ର ସମନ୍ୱୟକ ଦିବ୍ୟଦର୍ଶନ ଧଳ ଏବଂ ସୁଶ୍ରୀ ସ୍ମୃତିଶ୍ରୀ ବଡଜେନା ପରିଚାଳନା କରିଥିଲେ। ରାଲି ପରେ ଏକ ଶପଥ ଗ୍ରହଣ ସମାରୋହ ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ଫାର୍ମାସିଷ୍ଟ ମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସିଡିଏସ୍‌ସିଓର ଡ୍ରଗ୍ ଇନ୍ସପେକ୍ଟର ଶ୍ରୀ ମଙ୍ଗଳ ଜ୍ୟୋତି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୋଗୀଙ୍କ ସୁରକ୍ଷା, ଔଷଧର



ଯୁକ୍ତିଯୁକ୍ତ ବ୍ୟବହାର, ସ୍ୱାସ୍ଥ୍ୟସେବା ଏବଂ ସମାଜ ପ୍ରତି ଫାର୍ମାସିଷ୍ଟ ମାନଙ୍କର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମଟି ସ୍କୁଲ୍ ଅଫ୍ ଫାର୍ମାସିର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମାନବ ସମାଜର କଲ୍ୟାଣ ନିମନ୍ତେ ଫାର୍ମାସି ପେସାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱ ଫାର୍ମାସିଷ୍ଟସ ସପ୍ତାହ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ସମାରୋହକୁ ଆସୋସିଏଟ୍ ପ୍ରଫେସର ଡକ୍ଟର ପ୍ରିୟବ୍ରତ ପଟ୍ଟନାୟକ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ରୁଦ୍ର ନାରାୟଣ ସାହୁ ପରିଚାଳନା କରିଥିଲେ। ଶେଷରେ ଡକ୍ଟର ଶକ୍ତିକେତନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ମୋଦୀଙ୍କ ନେତୃତ୍ୱରେ ଶକ୍ତି ପହଞ୍ଚିଛି ଲୋକଙ୍କ ପାଖରେ: ଆଲବାନିଜ୍

**ନୂଆଦିଲ୍ଲୀ:** ଭାରତରେ ଶକ୍ତି ସୁବିଧାର ବ୍ୟାପକ ବିସ୍ତାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶ୍ରେୟ ଦେଇଛନ୍ତି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍। ନ୍ୟୁୟର୍କରେ ଏସିଆ ସୋସାଇଟି ପଲିସି ଇନ୍ଷ୍ଟିଚ୍ୟୁଟ୍ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଲବାନିଜ୍ କହିଛନ୍ତି, ମୋଦୀଙ୍କ ଶାସନ କାଳରେ ଭାରତରେ ଅଭୂତପୂର୍ବ ସଂଖ୍ୟକ ଲୋକଙ୍କୁ ଶକ୍ତି ସୁବିଧା ସହ ଯୋଡ଼ାଯାଇଛି। ଆଲବାନିଜ୍ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କର ମଧ୍ୟ ପ୍ରଶଂସା କରିଥିଲେ। ମୋଦୀଙ୍କ ସହ ଅଷ୍ଟ୍ରେଲିଆର ଘନିଷ୍ଠ ସମ୍ପର୍କ ରହିଥିବା ଉଲ୍ଲେଖ କରି ସେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସହଭାଗିତାକୁ



ଆହୁରି ବଢ଼ାଇବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ତାଙ୍କ ମତରେ, ଭାରତ-ଅଷ୍ଟ୍ରେଲିଆ ସମ୍ପର୍କରେ ଥିବା ସମ୍ଭାବନାକୁ ଏପର୍ଯ୍ୟନ୍ତ ପୂରାପୂରି ବ୍ୟବହାର କରାଯାଇନାହିଁ। ଭାରତରେ ଶକ୍ତି ପହଞ୍ଚ ବଢ଼ିବାରେ ବିଭିନ୍ନ ସରକାରୀ ଯୋଜନାର ମଧ୍ୟ ଭୂମିକା ରହିଛି। 'ସୌଭାଗ୍ୟ' ଯୋଜନା ଅଧୀନରେ ପ୍ରାୟ ୨.୮୬ କୋଟି ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବାବେଳେ, 'ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା'ରେ ୧୦.୫ କୋଟିରୁ ଅଧିକ ଏଲ୍ପିଜି ସଂଯୋଗ ଦିଆଯାଇଛି। ବର୍ତ୍ତମାନ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ଶକ୍ତି ସୁରକ୍ଷା ଭାରତ ଓ ଅଷ୍ଟ୍ରେଲିଆ— ଉଭୟ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ଭାରତ ଗତ କିଛି ବର୍ଷରେ ନିଜର ଶକ୍ତି ଆମଦାନି ଉତ୍ସକୁ ୨୭ଟି ଦେଶରୁ ୪୧ଟି ଦେଶକୁ ବଢ଼ାଇଛି ବୋଲି ପ୍ରଧାନମନ୍ତ୍ରୀ ପୂର୍ବରୁ କହିଥିଲେ। ଅଷ୍ଟ୍ରେଲିଆ ଓ ଭାରତ ଶକ୍ତି ସୁରକ୍ଷା, ନବୀକରଣୀୟ ଶକ୍ତି ଓ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ସହଯୋଗ ବଢ଼ାଇବା ନେଇ ମଧ୍ୟ ଆଲୋଚନା କରିଛନ୍ତି। ଚଳିତ ବର୍ଷ ଜୁଲାଇରେ ମୋଦୀ ଓ ଆଲବାନିଜଙ୍କ ମଧ୍ୟରେ ଅଷ୍ଟ୍ରେଲିଆ-ଭାରତ ବାର୍ଷିକ ଶିଖର ସମ୍ମିଳନୀ ଅବସରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଆଲୋଚନା ହୋଇଥିଲା। ଉଭୟ ଦେଶ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତି ଓ ରଣନୈତିକ ସହଯୋଗକୁ ଆହୁରି ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି।

## ଏଆଇ-୧୭୧ ଦୁର୍ଘଟଣା ତଦନ୍ତ: ବୈଷୟିକ ପ୍ରସ୍ତାବ ବିଚାର ପାଇଁ ପାଇଲଟ୍ ସଂଘର ଦାବି

**ନୂଆଦିଲ୍ଲୀ:** ଅହମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ଏଆଇ-୧୭୧ ବିମାନ ଦୁର୍ଘଟଣାର ତଦନ୍ତ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନିଜର ବୈଷୟିକ ମତାମତକୁ ଔପଚାରିକ ଭାବେ ବିଚାର କରିବାକୁ ଦାବି କରିଛି ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପାଇଲଟ୍ସ। ଶୁକ୍ରବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ପଠାଇଥିବା ପତ୍ରରେ ଏଫଆଇପି, ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍ଭେଷ୍ଟିଗେସନ୍ ବ୍ୟୁରୋର ଚୂଡ଼ାନ୍ତ ତଦନ୍ତ ରିପୋର୍ଟର ଡ୍ରାଫ୍ଟ ସମୀକ୍ଷାରେ ନିଜକୁ 'ସ୍ୱତନ୍ତ୍ର ବୈଷୟିକ ଅଂଶୀଦାର' ଭାବେ ସାମିଲ କରିବାକୁ ଅନୁରୋଧ କରିଛି। ଏଫଆଇପି ର କହିବା ଅନୁସାରେ, ଯଦି ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପୂର୍ବରୁ ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ଡ୍ରାଫ୍ଟ ରିପୋର୍ଟର ସମୀକ୍ଷା ବ୍ୟବସ୍ଥା କରାଯାଉଛି, ତେବେ ପେସାଦାର ପାଇଲଟ୍ ସମୁଦାୟର ପ୍ରତିନିଧି ଭାବେ ଏଫଆଇପି କୁ ମଧ୍ୟ ସେଥିରେ ସାମିଲ କରାଯିବା ଉଚିତ। ସଂଘ ନିଜର ପୂର୍ବରୁ ଦାଖଲ କରିଥିବା ବୈଷୟିକ ପ୍ରସ୍ତାବଗୁଡ଼ିକର ଲିଖିତ ଓ ଔପଚାରିକ ବିଚାର ପରେ ହିଁ ଚୂଡ଼ାନ୍ତ ରିପୋର୍ଟ ଜାରି କରାଯିବାକୁ ମଧ୍ୟ କହିଛି। ଏହା ପୂର୍ବରୁ ଏଫଆଇପି ବୋଇଂ ୭୮୭ ବିମାନର ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କିତ ପ୍ରମାଣର ବ୍ୟାପକ ଯାଞ୍ଚ କରିବାକୁ ଅନୁରୋଧ କରିଥିଲା। ବିଦ୍ୟୁତ ଉତ୍ପାଦନ, ପାୱାର ଡିଷ୍ଟ୍ରିବ୍ୟୁସନ୍, ଏଭିଓନିକ୍ସ, ଡାଟା ନେଟୱର୍କ, ସଫ୍ଟୱେର୍ ଓ ସିଷ୍ଟମ୍ର ବିଶ୍ୱସନୀୟତା ଭଳି ଦିଗକୁ ତଦନ୍ତରେ ଗୁରୁତ୍ୱ ଦେବାକୁ ସଂଘ ପକ୍ଷରୁ କୁହାଯାଇଛି। ୨୦୨୫ ଜୁନ୍ ୧୨ରେ ଅହମଦାବାଦରୁ ଲଣ୍ଡନ୍ ଗାଟୱିକ୍ ଅଭିମୁଖେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ AI-171 ବୋଇଂ ୭୮୭-୮ ଡ୍ରିମଲାଇନର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଭୂମିରେ ଥିବା ୧୯ ଜଣ ମଧ୍ୟ ପ୍ରାଣ ହରାଇଥିଲେ। ଜଣେ ଯାତ୍ରୀ ବଞ୍ଚିଯାଇଥିଲେ। ଏଏଆଇବିର ସଦ୍ୟତମ ସୂଚନା ଅନୁସାରେ ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି। ବୈଷୟିକ, ପରିଚାଳନାଗତ, ସଂଗଠନାତ୍ମକ ଓ ମାନବୀୟ କାରଣ ସମ୍ପର୍କିତ ବିଭିନ୍ନ ଦିଗରେ ଯାଞ୍ଚ କରାଯାଇଛି। ତେବେ ତଦନ୍ତର ନିର୍ଦ୍ଦିଷ୍ଟ ନିଷ୍କର୍ଷ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ। ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପୂର୍ବରୁ ଆବଶ୍ୟକ ଅନ୍ତର୍ଜାତୀୟ ସମୀକ୍ଷା ଓ ପରାମର୍ଶ ପ୍ରକ୍ରିୟା ମଧ୍ୟ ସମ୍ପନ୍ନ କରାଯିବ।

## ଏଏସସିଆଇ ଦ୍ୱାରା ଭିଜନ ୨୦୩୨ର ଶୁଭାରମ୍ଭ

**ମୁମ୍ବାଇ:** ଆଡ଼ଭର୍ଟାଇଜିଙ୍ଗ ଷ୍ଟାଣ୍ଡାର୍ଡ଼ସ କାଉନସିଲ ଅଫ ଇଣ୍ଡିଆ (ଏଏସସିଆଇ) ନିଜର ୪୦ତମ ବାର୍ଷିକ ସାଧାରଣ ସଭା (ଏଜିଏମ)ରେ ଭିଜନ ୨୦୩୨ର ଶୁଭାରମ୍ଭ କରିଛି । ଏଥିରେ ୨୦୨୭-୨୦୩୨ ଅବଧି ପାଇଁ ଭାରତର ବିଜ୍ଞାପନ ବ୍ୟବସ୍ଥାରେ ବିଶ୍ୱସନୀୟତା ଓ ଭରସା ସୃଷ୍ଟି କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ସମୀକ୍ଷା ସମୟ ହ୍ରାସ ପାଇବା, ନୂଆ ନୂଆ ଫର୍ମାଟ ଏବଂ ସୃଜନଶୀଳମାନଙ୍କ ପାଇଁ ନିୟନ୍ତ୍ରଣ ବ୍ୟବସ୍ଥାରେ ପରିବର୍ତ୍ତନ ଯୋଗୁଁ ବିଜ୍ଞାପନ ବ୍ୟବସ୍ଥା, ପାରମ୍ପରିକ ସୁରକ୍ଷା ନିୟମ ଠାରୁ ଅଧିକ ଦ୍ରୁତ ଗତିରେ ଆଗେଇ ଚାଲିଛି । ଦ୍ରୁତ ଗତି ଏବଂ ବ୍ୟାପକ ସ୍ତରରେ ବିଶ୍ୱସନୀୟତାକୁ ବଜାୟ ରଖିବା ଏବଂ ବୁଝାଇବା ଏବେ ପ୍ରମୁଖ ଆବଶ୍ୟକତା ହୋଇପଡ଼ିଛି ।

ଏହି ରୋଡ଼ମ୍ୟାପର ଅଂଶସ୍ୱରୂପ, ଏଏସସିଆଇ ଆଇନ ଓ ନୀତି, ବିଜ୍ଞାପନରେ ଦାୟିତ୍ୱସମ୍ପନ୍ନ ଏଆଇ, ନବୀକରଣ ଏବଂ ସୃଜନଶୀଳ ଦକ୍ଷତା ଏବଂ ଭରସାଯୋଗ୍ୟକୁ ନେଇ ତିନୋଟି ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବାକୁ ଯୋଜନା କରିଛି । ଏଏସସିଆଇ ସେଣ୍ଟର ଫର ରେସପୋନ୍ସିବଲ ଇନୋଭେସନ ଇନ ଏଆଇ ବିଜ୍ଞାପନରେ ସୃଜନଶୀଳ ବିକାଶ, ଲକ୍ଷ୍ୟ, ବ୍ୟକ୍ତିଗତ ବ୍ୟବସ୍ଥା, ଇନଫ୍ଲୁଏନସର ମାର୍କେଟିଙ୍ଗ ଏବଂ ଉପଭୋକ୍ତା ସଂଯୋଗ କ୍ଷେତ୍ରରେ ଏଆଇର ଦାୟିତ୍ୱସମ୍ପନ୍ନ ବ୍ୟବହାର ଓ ନବୀନତମତା ଉପରେ ଧ୍ୟାନ ଦେବ । ଏହା ସିନ୍ଥେଟିକ ମିଡ଼ିଆ, ଏଆଇ-ଜନିତ ଦାବି, ଏଜେଣ୍ଟିକ ନିଷ୍ପତ୍ତି ଗ୍ରହଣ ଏବଂ ସୂଚିତ ପସନ୍ଦ କରିବାରେ ଉପଭୋକ୍ତାଙ୍କୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ କ୍ଷେତ୍ରରେ ମାର୍ଗଦର୍ଶିକା ପ୍ରସ୍ତୁତ କରିବ ଓ ଗବେଷଣା କରିବ ।

ଏହି ଅବସରରେ ମତବ୍ୟକ୍ତ କରି ସୁଧାଂଶୁ ଭାଟ୍ସ, ଅଧ୍ୟକ୍ଷ, ଏଏସସିଆଇ, କହିଛନ୍ତି: "ଭାରତରେ ବିଜ୍ଞାପନ କ୍ଷେତ୍ର ଯେପରି ଦ୍ରୁତଗତିରେ ପରିବର୍ତ୍ତିତ ହେଉଛି, ତାହା ଆମ ଆଗରେ ବଡ଼ ନିୟାମକ ଆହ୍ୱାନ ସୃଷ୍ଟି କରୁଛି । ଏଆଇ, ସୃଜନଶୀଳ, ମଞ୍ଚ ଏବଂ ବ୍ୟକ୍ତିଗତକରଣ ସବୁ କିଛି ବ୍ରାଣ୍ଡଗୁଡ଼ିକର ଦର୍ଶକଙ୍କ ପାଖରେ ପହଞ୍ଚିବାର ଶୈଳୀକୁ ବଦଳାଇ ଦେଉଛି । ଏଏସସିଆଇର ଭିଜନ ୨୦୩୨ ଯେପରି ସଫଳତାର ସହ କାର୍ଯ୍ୟକାରୀ ହୁଏ, ତାହା ସୁନିଶ୍ଚିତ କରିବା ମୋର ମୁଖ୍ୟ ଲକ୍ଷ୍ୟ ।" ଏସ ସୁବ୍ରମଣ୍ୟେଶ୍ୱର, ଉପ-ଅଧ୍ୟକ୍ଷ, ଏଏସସିଆଇ, ଏଥିରେ ଯୋଡ଼ି ହୋଇ ମତବ୍ୟକ୍ତ କରି କହିଛନ୍ତି: "ଆଜିକାଲି ବିଜ୍ଞାପନରେ ପୂର୍ବ ଅପେକ୍ଷା ବହୁ ଅଧିକ ଅଂଶଗ୍ରହଣକାରୀ ସାମିଲ ଅଛନ୍ତି ଏବଂ ଭିଜନ ୨୦୩୨ ସେମାନଙ୍କ ପାଇଁ ଏଥିରେ ସମସ୍ତଙ୍କୁ ସାମିଲ କରିବାକୁ ସୁନିଶ୍ଚିତ କରିଥାଏ । ଆମେ ପରିକଳ୍ପନା କରିଥିବା ସେଣ୍ଟର ଅଫ ଏକ୍ସିଲେନ୍ସ ବିଜ୍ଞାପନ ବ୍ୟବସ୍ଥାରେ ପାରମ୍ପରିକ ଅଂଶୀଦାର ମାନଙ୍କ ବ୍ୟତିତ ଅନ୍ୟାନ୍ୟ ଅନେକ ଅଂଶୀଦାରମାନଙ୍କ ଠାରୁ ଅଧିକ ବ୍ୟାପକ ସହଭାଗୀତା ପାଇଁ ଆବଶ୍ୟକତା ସୃଷ୍ଟି କରିବା ସହିତ ଏଥିପାଇଁ ସୁଯୋଗ ଦେଇଥାଏ ।"

# କାଣ୍ଡଲାରେ ଦେଶର ପ୍ରଥମ ବନ୍ଦରଭିତ୍ତିକ ଇ-ମିଥାନଲ୍ ପ୍ଲାଣ୍ଟ

## ୨,୩୦୦ କୋଟି ଟଙ୍କାର ପ୍ରକଳ୍ପ; ସୃଷ୍ଟି ହେବ ୩,୫୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି

**ନୂଆଦିଲ୍ଲୀ:** ଭାରତରେ ସବୁଜ ଇନ୍ଧନ ଉତ୍ପାଦନ ଓ ରପ୍ତାନି କ୍ଷେତ୍ରରେ ଆଉ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଗୁଜରାଟର କାଣ୍ଡଲାସ୍ଥିତ ଦୀନଦୟାଲ ବନ୍ଦର ପ୍ରାଧିକରଣ (ଡିପିଏ) ପରିସରରେ ଦେଶର ପ୍ରଥମ ବନ୍ଦରଭିତ୍ତିକ ଇ-ମିଥାନଲ୍ ଉତ୍ପାଦନ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଆସାମ ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱ ଶର୍ମା ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଦୈନିକ ୧୫୦ ଟନ୍ ଇ-ମିଥାନଲ୍ ଉତ୍ପାଦନ କ୍ଷମତା ଥିବା ଏହି ପ୍ଲାଣ୍ଟରେ ଅକ୍ଷୟ ଶକ୍ତି, ଜଳ ଓ ବାୟୋଜେନିକ୍ କାର୍ବନ ଡାଇଅକ୍ସାଇଡ୍ ବ୍ୟବହାର କରାଯିବ। ଉତ୍ପାଦିତ ସବୁଜ ଇନ୍ଧନ ଏସିଆ-ୟୁରୋପ ବାଣିଜ୍ୟିକ ମାର୍ଗରେ ଚଳାଚଳ କରୁଥିବା ଜାହାଜଗୁଡ଼ିକୁ ଯୋଗାଣ କରାଯିବ। ଫଳରେ ସ୍ୱଚ୍ଛ ଜାହାଜ ଚଳାଚଳ ସହିତ ଭାରତର ସବୁଜ ଇନ୍ଧନ ରପ୍ତାନି ସମ୍ଭାବନା ମଧ୍ୟ ବଢ଼ିବ। ୨,୩୦୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଦୀନଦୟାଲ ବନ୍ଦର ପ୍ରାଧିକରଣ ଓ ଆସାମ ପେଟ୍ରୋ-କେମିକାଲ୍ସ ଲିମିଟେଡ୍ର ମିଳିତ ଉଦ୍ୟମ। ପ୍ରଥମ ପର୍ଯ୍ୟାୟରେ ୧,୨୦୦ କୋଟି ଟଙ୍କା ବ୍ୟୟରେ ଦୈନିକ ୫୦ ଟନ୍ କ୍ଷମତା ଯୋଗ ହେବ ଏବଂ ଏହା ଜାନୁଆରୀ ୨୦୨୭ ସୁଦ୍ଧା ଶେଷ କରିବା ଲକ୍ଷ୍ୟ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦୦ ଟନ୍



କ୍ଷମତା ଯୋଡ଼ାଯିବ, ଯାହା ପାଇଁ ୧,୧୦୦ କୋଟି ଟଙ୍କା ବିନିଯୋଗ ହେବ। ଏହି ପର୍ଯ୍ୟାୟ ମାର୍ଚ୍ଚ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରହିଛି। ପ୍ରକଳ୍ପରେ ଡିପିଏ ଓ ଏପିସିଏଲ୍ର ପୁଞ୍ଜି ଅଂଶୀଦାରିତା ୭୬:୨୪ ରହିଛି। ଡିପିଏ ପକ୍ଷରୁ ୫୬୭.୩୨ କୋଟି ଟଙ୍କାର ଇକ୍ୱିଟି, ୭୫ ଏକର ଜମି, ଡିସାଲିନେଟେଡ୍ ଜଳ ଓ ସବୁଜ ହାଇଡ୍ରୋଜେନ୍ ଆଧାରିତ ଅକ୍ଷୟ ଶକ୍ତି ଯୋଗାଇ ଦିଆଯିବ। ପ୍ରକଳ୍ପ ଦ୍ୱାରା ୩,୫୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ କାଣ୍ଡଲା ଅଞ୍ଚଳରେ ପରିବହନ, ସଂରକ୍ଷଣ ଓ ଯୋଗାଣ ସମେତ ସବୁଜ ଶକ୍ତିର ସମଗ୍ର ମୂଲ୍ୟ ଶୃଙ୍ଖଳାକୁ ଗତି ମିଳିବ। ଏହି ପ୍ରକଳ୍ପ ଭାରତର ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ନିର୍ଗମନ ଲକ୍ଷ୍ୟ ଏବଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସରକାର କହିଛି। ଗୁଜରାଟ ଓ ଆସାମର ସହଭାଗିତାକୁ ମଧ୍ୟ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଉଦାହରଣ ଭାବେ ଉପସ୍ଥାପନ କରାଯାଇଛି। ଭବିଷ୍ୟତରେ କାଣ୍ଡଲାକୁ ଏକ ପ୍ରମୁଖ ସବୁଜ ଇନ୍ଧନ ହବ୍ରେ ପରିଣତ କରିବା ଦିଗରେ ଏହି ପ୍ରକଳ୍ପ ସହାୟକ ହେବ।

## ଛତିଶଗଡ଼ର ଦୁର୍ଗମ ରାଓଘାଟରେ ପ୍ରଥମ ରେଳ ସଂଯୋଗ




**ରାୟପୁର:** ଛତିଶଗଡ଼ର ବସ୍ତରରେ ଦୁର୍ଗମ ରାଓଘାଟ ଅଞ୍ଚଳକୁ ପ୍ରଥମ ଥର ପାଇଁ ରେଳ ସଂଯୋଗ କରାଯାଇଛି। ୯୫ କିମି ଦଲ୍ଲିରାଜହାରା-ରାଓଘାଟ ନୂଆ ଲାଇନ୍ର ଚୂଡ଼ାନ୍ତ ୧୭.୫ କିମି ତାଦୋକି- ରାଓଘାଟ ସେକ୍ସନ୍ ଶେଷ ହେବା ସହ ରାଓଘାଟକୁ ନୂଆ ରେଳ ସଂଯୋଗ ସୁବିଧା ମିଳିଛି। ତେବେ ସୁରକ୍ଷା ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନ ପରେ ଟ୍ରେନ୍ ଚଳାଚଳ ଶୁଭାରମ୍ଭ ହେବ। ଉଲ୍ଲେଖଯୋଗ୍ୟ ଯେ ଦଲ୍ଲିରାଜହାରା ଏବଂ ତାଦୋକି ୭୭.୫ କିମି ଅଞ୍ଚଳ ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍ ପୂର୍ବରୁ ଚାଲି ସାରିଛି। କିନ୍ତୁ ନୂଆ ଧାରଣା ଏହି ସୁବିଧାକୁ ମାଓବାଦୀ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ଅଞ୍ଚଳ ପର୍ଯ୍ୟନ୍ତ ବଢ଼ାଇବ। ସେପ୍ଟେମ୍ବର ୨୨ ତାରିଖରେ ରେଳବାଇ ସେଫ୍ଟି କମିସନର୍ ବିସ୍ତୃତ ଯାଞ୍ଚ ଏବଂ ସ୍ପିଡ୍ ଟ୍ରାଏଲ୍ କରି ସାରିଛନ୍ତି। ଅଧିକାରୀମାନେ ମଧ୍ୟ ରେଳ ଧାରଣା, ପୋଲ, କଲଭର୍ଟ, ବିଦ୍ୟୁତିକରଣ, ସିଗ୍ନାଲିଂ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ସ୍ପଷ୍ଟ କରି ସାରିଛନ୍ତି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏନେଇ ଏକ ପୋଷ୍ଟ୍ କରି କହିଛନ୍ତି ଯେ ଛତିଶଗଡ଼ର ଏକ ଦୁର୍ଗମ ଅଞ୍ଚଳ ଏବେ ରାଜ୍ୟର ଅନ୍ୟ ଅଂଶର ନିକଟତର ହୋଇଛି।

## ସହକାରିତା ମାଧ୍ୟମରେ ମହିଳା ସଶକ୍ତିକରଣକୁ ଗତି

# କେରଳମରେ 'ବନିଥମ୍ ସି-ମାର୍ଟ' ଉଦଘାଟିତ

**ନୂଆଦିଲ୍ଲୀ:** ସହକାରିତା ମାଧ୍ୟମରେ ମହିଳା ସଶକ୍ତିକରଣ ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ କେରଳମର କୋଲ୍ଲାମସ୍ଥିତ ପବିତ୍ରମ ସମ୍ମିଳନୀ କେନ୍ଦ୍ରରେ ବିଭିନ୍ନ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ। ଏହି ଅବସରରେ ସେ 'ବନିଥମ୍ ସି-ମାର୍ଟ' ଦୋକାନର ଉଦ୍ଘାଟନ କରିବା ସହ ଏନ୍ସିଏଫ୍ର 'ଜନଃ' ବ୍ରାଣ୍ଡର ଉତ୍ପାଦ ବିକ୍ରିର ଶୁଭାରମ୍ଭ କରିଛନ୍ତି। ଅମିତ ଶାହ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ 'ସହକାର ସେ ସମୃଦ୍ଧି' ଦୃଷ୍ଟିକୋଣରେ ମହିଳା ସଶକ୍ତିକରଣ ଏକ ପ୍ରମୁଖ ଅଂଶ। ମହିଳା ସମୃଦ୍ଧ ହେଲେ ପରିବାର ଓ ସମାଜର ସମୃଦ୍ଧି ନିଶ୍ଚିତ ହୁଏ। ତେଣୁ ଏହି ଯୋଜନାର ସର୍ବାଧିକ ଲାଭ ଗ୍ରାମୀଣ ଓ ଗରିବ ମହିଳାଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ସିଧାସଳଖ ବଜାର ସହ ଯୋଡ଼ିବାରେ 'ସି-ମାର୍ଟ' ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସେ କହିଛନ୍ତି। କେରଳମ, ତାମିଲନାଡୁ ଓ କର୍ଣ୍ଣାଟକରେ ୩୦୦ରୁ ଅଧିକ ସି-ମାର୍ଟ ଷ୍ଟୋର ଖୋଲିବାର ଯୋଜନା ରହିଛି। ଏଠାରେ 'ଭାରତ' ବ୍ରାଣ୍ଡର ଉତ୍ପାଦ ସହ ସ୍ଥାନୀୟ ଉତ୍ପାଦ ମଧ୍ୟ ଉପଲବ୍ଧ ହେବ।କୃଷକ ଓ ମହିଳା ଉଦ୍ୟୋଗୀମାନେ ଉତ୍ପାଦ କ୍ରୟଠାରୁ ଆରମ୍ଭ କରି ପ୍ରକ୍ରିୟାକରଣ, ବ୍ରାଣ୍ଡିଂ, ପ୍ୟାକେଜିଂ ଓ ଖୁଚୁରା ବଜାରରେ ବିକ୍ରି ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଲାଭ ପାଇପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାସହ ଏନ୍ସିଏଫ୍ ଓ ନାଫେଡ୍ ମୋବାଇଲ୍ ଭ୍ୟାନ୍ ମାଧ୍ୟମରେ ସୁଲଭ ମୂଲ୍ୟରେ ପନିପରିବା, 'ଭାରତ ଅଟା' ଓ 'ଭାରତ ଚାଉଳ' ଯୋଗାଣ ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ ହୋଇଛି। ଡାଲି ଉତ୍ପାଦନରେ ଆତ୍ମନିର୍ଭରତା ମିଶନ ଅଧୀନରେ ମହିଳା କୃଷକଙ୍କୁ ମାଗଣା ହରଡ଼ ଓ ଚଣା ମଞ୍ଜି କିଟ୍ ବଣ୍ଟନ କରାଯାଇଥିଲା। ଏଥିସହ ନାଫେଡ୍-କଲ୍ୟାଣ ଛାତ୍ରବୃତ୍ତି ଯୋଜନାରେ ପଞ୍ଜୀକୃତ କୃଷକଙ୍କ ଝିଅମାନଙ୍କୁ ଛାତ୍ରବୃତ୍ତି ଚେକ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏନ୍ସିଏଫ୍ ଓ ସେଣ୍ଟ୍ରାଲ୍ ଫାଇନାନ୍ସିଆଲ୍ କ୍ରେଡିଟ୍ ଆଣ୍ଡ ଇନଭେଷ୍ଟମେଣ୍ଟ କୋ-ଅପରେଟିଭ୍ (ସିଏଫ୍ସିଆଇସିଆଇ) ମଧ୍ୟରେ ଏକ ବୁଝାମଣାପତ୍ର ବିନିମୟ ହୋଇଥିଲା। ମତ୍ସ୍ୟ ଉତ୍ପାଦର ଯୋଗାଣ-ଶୃଙ୍ଖଳା ଓ ଲଜିଷ୍ଟିକ୍ସ ସୁଦୃଢ଼ କରିବା ସହ କେରଳମ, ତାମିଲନାଡୁ ଓ କର୍ଣ୍ଣାଟକରେ ୩୦୦ ସି-ମାର୍ଟ ଷ୍ଟୋର ଖୋଲିବା ନେଇ ମଧ୍ୟ ବୁଝାମଣା ହୋଇଛି। ମହିଳା ଶ୍ରମଶକ୍ତିର ଅଂଶଗ୍ରହଣ, ବ୍ୟାଙ୍କିଂ ସୁବିଧା, ମହିଳାଙ୍କ ଉଦ୍ୟୋଗୀକରଣ ଓ 'ଲକ୍ଷପତି ଦିଦି' ଭଳି ପଦକ୍ଷେପର ଉଲ୍ଲେଖ କରି ଶାହ କହିଛନ୍ତି ଯେ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନକୁ ଆହୁରି ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଛି। କେରଳମର ଦୀର୍ଘ ଉପକୂଳ ଓ ସାମୁଦ୍ରିକ ସମ୍ପଦକୁ ଆଧାର କରି ମତ୍ସ୍ୟ ଓ 'ବ୍ଲୁ ଇକୋନୋମି' କ୍ଷେତ୍ରରେ ମଧ୍ୟ ବିପୁଳ ସୁଯୋଗ ରହିଥିବା ସେ କହିଛନ୍ତି।

## ଆମେରିକା ଗସ୍ତରେ ଜିନପିଙ୍ଗ

**ୱାଶିଂଟନ୍:** ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଆମେରିକା ଗସ୍ତ ସମୟରେ ଏକ ଘଟଣା ଏବେ ଚର୍ଚ୍ଚାରେ। ଜିନପିଙ୍ଗଙ୍କ ପାଇଁ ଚୀନ୍ ନିଜ ଦେଶର ଏକ ବିଶେଷ ସୁରକ୍ଷିତ କାରକୁ ମଧ୍ୟ ଆମେରିକାକୁ ନେଇଯାଇଛି। ଆମେରିକାର ରାଷ୍ଟ୍ରପତି ଯେଉଁ ବିଶେଷ ସୁରକ୍ଷିତ କାରରେ ଯାତାୟାତ କରନ୍ତି, ତାହାକୁ ସାଧାରଣତଃ 'ଦ ବିଷ୍ଟ' ବୋଲି କୁହାଯାଏ। ଏହି କାର ଭଳି ଚୀନ୍ ମଧ୍ୟ ନିଜ ରାଷ୍ଟ୍ରପତିଙ୍କ ପାଇଁ ଏକ ଅତ୍ୟଧିକ ସୁରକ୍ଷିତ କାର ତିଆରି କରିଛି। ଚୀନର ଏହି ବିଶେଷ କାରର ନାମ ହୋଙ୍ଗଚି ଏନ୍-୭୦୧। ଏହା ଏକ ବଡ଼ ଏବଂ ଭାରୀ ସୁରକ୍ଷିତ କାର। ଏହି କାରର ଅନେକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସରକାରୀ ଭାବେ ସବୁ ତଥ୍ୟ ପ୍ରକାଶ କରାଯାଇନାହିଁ। ତେବେ ଏହି କାରରେ ଗୁଳିରୁ ସୁରକ୍ଷା ଦେଇପାରୁଥିବା କାଚ ଓ ମଜବୁତ ଗାଡ଼ି ଶରୀର ଥିବା କୁହାଯାଏ। ଗାଡ଼ିର ଚକା ନଷ୍ଟ ହୋଇଗଲେ ମଧ୍ୟ କିଛି ଦୂର ପର୍ଯ୍ୟନ୍ତ ଚାଲିପାରିବା ଭଳି ବ୍ୟବସ୍ଥା ଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି। ବିଦେଶ ଗସ୍ତ ସମୟରେ ଅନେକ ଦେଶର ରାଷ୍ଟ୍ରମୁଖ୍ୟ ସେହି ଦେଶର ଗାଡ଼ି ବ୍ୟବହାର କରନ୍ତି। କିନ୍ତୁ ଚୀନ୍ ଏବେ ନିଜ ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ନିଜ ଦେଶର କାର ନେଇ ଯାତ୍ରା କରୁଛି। ଏହାକୁ ଚୀନର ନିଜସ୍ୱ ଗାଡ଼ି ତିଆରି କରିବାର କ୍ଷମତା ଏବଂ ନିଜ ସୁରକ୍ଷା ବ୍ୟବସ୍ଥା ଉପରେ ଭରସାର ଏକ ଉଦାହରଣ ଭାବେ ଦେଖାଯାଉଛି। ହୋଙ୍ଗଚି ଏନ୍-୭୦୧ ପୂର୍ବରୁ ମଧ୍ୟ ଜିନପିଙ୍ଗଙ୍କ ସହ ବିଭିନ୍ନ ଦେଶ ଗସ୍ତ କରିଛି। ରୁଷ, ଫ୍ରାନ୍ସ, ସାଉଦି ଆରବ, ଭିଏତନାମ, ଥାଇଲ୍ୟାଣ୍ଡ, ମାଲେସିଆ ଓ ଭାରତ ଭଳି ଦେଶରେ ମଧ୍ୟ ଏହି କାରକୁ ଦେଖିବାକୁ ମିଳିଛି। ଭାରତରେ ହୋଇଥିବା ବ୍ରିକ୍ସ ସମ୍ମିଳନୀ ସମୟରେ ମଧ୍ୟ ଜିନପିଙ୍ଗଙ୍କ ଯାତାୟାତ ପାଇଁ ଏହି କାର ବ୍ୟବହାର ହୋଇଥିଲା। ଆମେରିକାର ରାଷ୍ଟ୍ରପତିଙ୍କ ସୁରକ୍ଷିତ କାର ବିଶ୍ୱରେ ବେଶ୍ ପରିଚିତ। ଚୀନ୍ ମଧ୍ୟ ଏହାର ନିଜସ୍ୱ ସୁରକ୍ଷିତ ରାଷ୍ଟ୍ରପତି କାରକୁ ବିଦେଶ ଗସ୍ତରେ ନେଇ ନିଜର କ୍ଷମତା ଦେଖାଉଛି। ଚୀନ୍ ପାଇଁ ଏହା କେବଳ ଗୋଟିଏ ଗାଡ଼ି ନୁହେଁ।

## ୧୦୮ ଦେଶର ଛାତ୍ରୀଙ୍କ ମିଳିତ ପ୍ରୟାସରେ 'ଶକ୍ତିସ୍ୟାଟ୍' ମହାକାଶ ବିଜ୍ଞାନରେ ନୂଆ ଅଧ୍ୟାୟ

**ନୂଆଦିଲ୍ଲୀ:** ବିଜ୍ଞାନ, ପ୍ରଯୁକ୍ତି ଓ ଅନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି 'ମିଶନ ଶକ୍ତିସ୍ୟାଟ୍'। ବିଶ୍ୱର ୧୦୮ଟି ଦେଶର ଛାତ୍ରୀମାନେ ଏକାଠି ହୋଇ ଏକ ସାଟେଲାଇଟ୍ ନିର୍ମାଣ କରିଛନ୍ତି। 'ସ୍ପେସ୍ କିଡ୍ସ ଇଣ୍ଡିଆ'ର ନେତୃତ୍ୱରେ ଚାଲିଥିବା ଏହି ମିଶନର ଦ୍ୱିତୀୟ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଛି। ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସାଟେଲାଇଟ୍କୁ ଭାରତର ସ୍ମଲ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍ (SSLV) ମାଧ୍ୟମରେ ମହାକାଶକୁ ପଠାଯିବ। ଏହି ମିଶନର ମୁଖ୍ୟ ଆକର୍ଷଣ ହେଉଛି ଛାତ୍ରୀମାନେ ନିଜେ ନିର୍ମାଣ କରିଥିବା '୧୨ୟୁ କ୍ୟୁବସ୍ୟାଟ୍'। ସାଟେଲାଇଟ୍ର ଯାନ୍ତ୍ରିକ ଗଠନ, ଇଲେକ୍ଟ୍ରିକାଲ୍ ସଂଯୋଗ, ସୋଲାର ପ୍ୟାନେଲ୍ ସୋଲ୍ଡରିଂ, ପାୱାର ବସ୍ ପ୍ରସ୍ତୁତି ଏବଂ ପେଲୋଡ୍ ଇଣ୍ଟିଗ୍ରେସନ୍ ଭଳି ଜଟିଳ ପ୍ରକ୍ରିୟାରେ ଛାତ୍ରୀମାନେ ପ୍ରାୟୋଗିକ ଅନୁଭୂତି ହାସଲ କରିଛନ୍ତି। ଫଳରେ ପାଠ୍ୟପୁସ୍ତକର ଜ୍ଞାନକୁ ବାସ୍ତବ ମହାକାଶ ପ୍ରଯୁକ୍ତି ସହ ଯୋଡ଼ିବାର ସୁଯୋଗ ମିଳିଛି। ଭାରତ ସମେତ ଲାଟଭିଆ, ମିଶର, ଆମେରିକା, ବ୍ରାଜିଲ, ଅଷ୍ଟ୍ରେଲିଆ, ସ୍ୱିଜରଲ୍ୟାଣ୍ଡ ଓ ଫିଲିପାଇନ୍ସ ଭଳି ଦେଶର ବୈଜ୍ଞାନିକ ଦଳ ଓ ଶିକ୍ଷାନୁଷ୍ଠାନ ଏହି ପଦକ୍ଷେପରେ ସାମିଲ ହୋଇଛନ୍ତି। ମିଶରୀୟ ସ୍ପେସ୍ ଏଜେନ୍ସି, ସାଉଥ୍ ଆଲାବାମା ବିଶ୍ୱବିଦ୍ୟାଳୟ, ମ୍ୟାକ୍ୱାରି ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ୍ ଏରୋସ୍ପେସ୍ ୟୁନିଭରସିଟି ଓ ସ୍ପେସ୍ କିଡ୍ସ ଇଣ୍ଡିଆ ଏଥିରେ ସହଯୋଗ କରିଛନ୍ତି। 'ଶକ୍ତିସ୍ୟାଟ୍' କେବଳ ଏକ ମହାକାଶ ପ୍ରକଳ୍ପ ନୁହେଁ, ଏହା ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ସହଯୋଗ ଓ ଆନ୍ତର୍ଜାତୀୟ ସମ୍ପର୍କର ଏକ ମାଧ୍ୟମ ଭାବେ ମଧ୍ୟ ଉଭା ହୋଇଛି। ବିଭିନ୍ନ ଦେଶର ମହିଳା ନେତୃବୃନ୍ଦ, ରାଷ୍ଟ୍ରଦୂତ ଓ ପ୍ରତିନିଧିମାନେ ଏହି ପଦକ୍ଷେପ ସହ ଜଡ଼ିତ ହୋଇଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଏହାକୁ ସମର୍ଥନ କରିଛି। ଏରୋସ୍ପେସ୍ ଇଞ୍ଜିନିୟରିଂ ଓ ମହାକାଶ ବିଜ୍ଞାନ ଭଳି କ୍ଷେତ୍ରରେ ଛାତ୍ରୀ ଓ ମହିଳାଙ୍କ ଅଧିକ ଭାଗୀଦାରି ସୁନିଶ୍ଚିତ କରିବା ସହ ବିଭିନ୍ନ ଦେଶ ମଧ୍ୟରେ ଗବେଷଣା ଓ ପ୍ରଯୁକ୍ତିଗତ ସହଯୋଗ ବଢ଼ାଇବା 'ମିଶନ ଶକ୍ତିସ୍ୟାଟ୍'ର ପ୍ରମୁଖ ଲକ୍ଷ୍ୟ। ଏହି ମିଶନ ମହାକାଶ ବିଜ୍ଞାନରେ ଯୁବପିଢ଼ିଙ୍କ ଆଗ୍ରହ ବଢ଼ାଇବା ସହ ଭବିଷ୍ୟତର ବୈଜ୍ଞାନିକ ଓ ମହାକାଶ ବିଶେଷଜ୍ଞ ତିଆରି କରିବାରେ ସହାୟକ ହେବ।

## ବାର୍ତ୍ତାଳାପ' ସାମ୍ବାଦିକ ଓ ସରକାରଙ୍କ ମଧ୍ୟରେ ଏକ ସେତୁ: ପିଆଇବି ଏଡିଜି ଅଖିଳ କୁମାର ମିଶ୍ର

**ଭୁବନେଶ୍ୱର:** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ବିଭିନ୍ନ ସମୟରେ ଆୟୋଜନ କରାଯାଉଥିବା "ବାର୍ତ୍ତାଳାପ" କାର୍ଯ୍ୟକ୍ରମ ସାମ୍ବାଦିକ ଓ ସରକାରଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିଥାଏ ବୋଲି ପିଆଇବି ଏଡିଜି ଅଖିଳ କୁମାର ମିଶ୍ର କହିଛନ୍ତି ।

ଆଜି ପିଆଇବି ରାଞ୍ଚି ପକ୍ଷରୁ ଝାଡ଼ଖଣ୍ଡର ଷଢ଼େଇକଳା ଓ ଖରସୁଆଁ ଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଆୟୋଜନ କରାଯାଇଥିଲା । ଏଥିରେ ଯୋଗ ଦେଇ ଶ୍ରୀ ମିଶ୍ର କହିଛନ୍ତି, ବାର୍ତ୍ତାଳାପ କାର୍ଯ୍ୟକ୍ରମ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥାଏ । ଏହା ସାମ୍ବାଦିକମାନଙ୍କୁ କାର୍ଯ୍ୟ କରିବା ଲାଗି ଅନୁପ୍ରାଣିତ କରେ । ସମାଜରେ ସାମ୍ବାଦିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମିଶ୍ର ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଭାବରେ




ସମ୍ମିଳନୀକୁ ସମ୍ବୋଧିତ କରି ଷଢ଼େଇକଳା ଖରସୁଆଁର ଉପଆୟୁକ୍ତ ନୀତିଶ କୁମାର ସିଂହ ଗୁରୁତ୍ୱାରୋପ କରି କହିଥିଲେ ଯେ, ନାଗରିକ ସମାଜର ଆଚରଣଗତ ପରିବର୍ତ୍ତନ ସହିତ ଯୋଡ଼ି ହେଲେ ହିଁ ଆଇନଗତ ନିୟମାବଳୀରୁ ଦୀର୍ଘସ୍ଥାୟୀ ଫଳାଫଳ ମିଳିପାରିବ। ଅପପୁଷ୍ଟି ନିରାକରଣ, ଜନସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ବିଭିନ୍ନ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ, ସେ ସ୍ଥାନୀୟ ଅନୁଷ୍ଠାନ ତଥା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ସଦ୍ୟତମ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀର ଦୃଢ଼ ଅନୁପାଳନ ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ। "କଠିନ ବର୍ଜ୍ୟବସ୍ତୁ ପରିଚାଳନା (ଏସଡବ୍ଲୁଏମ) ନିୟମାବଳୀ-୨୦୨୬, ସ୍ୱଚ୍ଛତା ହିଁ ସେବା ଏବଂ ପୋଷଣ ମାସ" ବିଷୟବସ୍ତୁକୁ ନେଇ ଏହି ବାର୍ତ୍ତାଳାପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ମଶାଳାରେ ଉକ୍ତ ବିଷୟଗୁଡ଼ିକର ବିଭିନ୍ନ ଦିଗ ଉପରେ ପ୍ରଶାସନ, ବିଶେଷଜ୍ଞ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିଥିଲା।

ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପଦ୍ମଶ୍ରୀ ଛୁଟନୀ ମହାତୋ, ଦୂରଦର୍ଶନ ଝାଡ଼ଖଣ୍ଡର ସହାୟକ ନିର୍ଦ୍ଦେଶକ ଦିବାକର କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପିଆଇବି ରାଞ୍ଚିର ଗୌରବ କୁମାର ପୁଷ୍କର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏସୀୟ କ୍ରୀଡ଼ା

# ଏସୀୟ କ୍ରୀଡ଼ାରେ ଭାରତର ସ୍ୱର୍ଣ୍ଣିମ ଶନିବାର

ଆଇଚି-ନାଗୋୟା ଏସିଆନ୍ ଗେମ୍ସରେ ଶନିବାର ଭାରତୀୟ କ୍ରୀଡ଼ା ଦଳ ପାଇଁ ରହିଛି ସଫଳତାର ଦିନ। ଏକାଧିକ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଦେଶର ପଦକ ଅଭିଯାନକୁ ନୂଆ ଗତି ଦେଇଛି। ଦିନର ସବୁଠାରୁ ବଡ଼ ଆକର୍ଷଣ ରହିଛି କବାଡ଼ିରେ ଭାରତର ଡବଲ୍ ସ୍ୱର୍ଣ୍ଣ। ମହିଳା ଦଳ ରୋମାଞ୍ଚକର ଫାଇନାଲରେ ଇରାନକୁ ୩୭-୩୪ରେ ହରାଇ ସ୍ୱର୍ଣ୍ଣ ଜିତିଥିବା ବେଳେ ପୁରୁଷ ଦଳ ମଧ୍ୟ ଇରାନକୁ ୪୦-୩୪ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଏହା ଫଳରେ ଉଭୟ ଦଳ ନିଜ ନିଜ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବଜାୟ ରଖିଛନ୍ତି।

କବାଡ଼ି ବ୍ୟତୀତ ସୁଟିଂ, ଆଥଲେଟିକ୍ସ ଓ ସ୍କ୍ୱାଶରେ ମଧ୍ୟ ଭାରତୀୟ ଖେଳାଳିମାନେ ପଦକ ଜିତିଛନ୍ତି। ମହିଳା ୫୦ ମିଟର ରାଇଫଲ୍ ୩-ପୋଜିସନ୍ ଟିମ୍ ଇଭେଣ୍ଟରେ ଆଶି ଚୌକସୀ, ତିଲୋତ୍ତମା ସେନ୍ ଓ ବିଦର୍ଶା କୋଚାଲୁମକଲ୍ ରୌପ୍ୟ ହାସଲ କରିଛନ୍ତି। ଆଥଲେଟିକ୍ସର ମାରାଥନରେ ସାୱନ ବାରୱାଲ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ସ୍କ୍ୱାଶ୍ ମିକ୍ସଡ୍ ଡବଲ୍ସରେ ଜୋଶନା ଚିନାପ୍ପା ଓ ଭେଲାଭନ୍ ସେନ୍ଥିଲକୁମାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଶନିବାରର ଏହି ସଫଳତା ଭାରତର ପଦକ ତାଲିକାକୁ ଆହୁରି ମଜବୁତ କରିଛି। ଦିନର କାର୍ଯ୍ୟକ୍ରମରେ ଭାରତୀୟ ଖେଳାଳିମାନେ ସୁଟିଂ, ଆଥଲେଟିକ୍ସ, ସ୍କ୍ୱାଶ୍ ଓ କବାଡ଼ି ସମେତ ବିଭିନ୍ନ ଇଭେଣ୍ଟରେ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହି ଦମଦାର ପ୍ରଦର୍ଶନ ଆଗାମୀ ଇଭେଣ୍ଟଗୁଡ଼ିକ ପାଇଁ ଭାରତୀୟ ଦଳର ଆତ୍ମବିଶ୍ୱାସକୁ ଆହୁରି ବଢ଼ାଇଛି। ଦିନ-୭ର ସଫଳତାରେ କବାଡ଼ିର ଦୁଇ ସ୍ୱର୍ଣ୍ଣ ସବୁଠାରୁ ଉଜ୍ଜ୍ୱଳ ଅଧ୍ୟାୟ ହୋଇଥିବା ବେଳେ ଅନ୍ୟ କ୍ରୀଡ଼ାର ପଦକଗୁଡ଼ିକ ଭାରତର ଅଭିଯାନକୁ ଆହୁରି ବ୍ୟାପକ କରିଛି। ଏସିଆଡର ଆଗାମୀ ଦିନଗୁଡ଼ିକରେ ମଧ୍ୟ ଭାରତୀୟ ଖେଳାଳିଙ୍କ ଠାରୁ ଏହି ପଦକ ଧାରା ଜାରି ରହିବା ଆଶା କରାଯାଉଛି। ଏହି ସଫଳତା ସହ ଭାରତର ମୋଟ ପଦକ ସଂଖ୍ୟା ୩୦—୪ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୪ କାଂସ୍ୟରେ ପହଞ୍ଚିଛି।



## କବାଡ଼ିରେ ଭାରତର ସ୍ୱର୍ଣ୍ଣିମ ଡବଲ୍

କବାଡ଼ି କୋର୍ଟରେ ଭାରତର ଦବଦବା ପୁଣିଥରେ ପ୍ରମାଣିତ ହୋଇଛି। ମହିଳା ଦଳ ଇରାନକୁ ୩୭-୩୪ରେ ହରାଇ ସ୍ୱର୍ଣ୍ଣ ଜିତିଥିଲା। ଏହି ବିଜୟ ସହ ମହିଳା ଦଳର ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ସଂଖ୍ୟା ୪ରେ ପହଞ୍ଚିଛି। ହାଙ୍ଗଝୋଉରେ ଜିତିଥିବା ଟାଇଟଲକୁ ମଧ୍ୟ ଭାରତ ବଜାୟ ରଖିଛି। ଏହା ପରେ ପୁରୁଷ ଦଳ ମଧ୍ୟ ଇରାନ୍ ବିପକ୍ଷରେ ରୋମାଞ୍ଚକର ଫାଇନାଲ୍ ଖେଳି ୪୦-୩୪ରେ ବିଜୟୀ ହୋଇ ସ୍ୱର୍ଣ୍ଣ ହାସଲ କରିଛି। ପ୍ରଥମାର୍ଦ୍ଧରେ ମୁକାବିଲା ଜୋରଦାର ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଭାରତ ନିର୍ଣ୍ଣାୟକ ପ୍ରଦର୍ଶନ କରିଥିଲା। ଏହା ଏସୀୟ କ୍ରୀଡ଼ାରେ ପୁରୁଷ କବାଡ଼ିରେ ଭାରତର ନବମ ସ୍ୱର୍ଣ୍ଣ।

## ସୁଟିଂରେ ରୌପ୍ୟ, ପ୍ରାଚୀଙ୍କ କାଂସ୍ୟ

ସୁଟିଂରେ ମହିଳା ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଟିମ୍ ଇଭେଣ୍ଟରେ ତିଲୋତ୍ତମା ସେନ୍, ବିଦର୍ଶା ବିନୋଦ ଓ ଆଶି ଚୌକ୍ସି ରୌପ୍ୟ ପଦକ ଜିତିଛନ୍ତି। ଭାରତୀୟ ଦଳ ୧୭୬୩ ପଏଣ୍ଟ ପାଇ ଦ୍ୱିତୀୟ ହୋଇଥିଲା। ୧୭୭୩ ପଏଣ୍ଟ ସହ ଚୀନ୍ ସ୍ୱର୍ଣ୍ଣ ଜିତିବା ସହ ଗେମ୍ସ ରେକର୍ଡ କରିଥିଲା। କାଜାଖସ୍ତାନ ୧୭୫୪ ପଏଣ୍ଟ ସହ କାଂସ୍ୟ ପାଇଛି। ବ୍ୟକ୍ତିଗତ ଫାଇନାଲରେ ତିଲୋତ୍ତମା ଚତୁର୍ଥ ଓ ବିଦର୍ଶା ପଞ୍ଚମ ହୋଇଥିଲେ। ମହିଳା ୪୦୦ ମିଟରରେ ପ୍ରାଚୀ ଚୌଧୁରୀ ୫୩.୨୧ ସେକେଣ୍ଡ ସମୟ ସହ କାଂସ୍ୟ ପଦକ ଜିତିଛନ୍ତି। ବାହାରିନରେ ସାଲୱା ନାସେର ୪୯.୨୦ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ଜିତି ଗେମ୍ସ ରେକର୍ଡ କରିଥିବା ବେଳେ ଇରାନ୍ର ଜାହରା ଜାରେଇ ମାନୋଜାନ୍ ୫୨.୩୮ ସେକେଣ୍ଡରେ ରୌପ୍ୟ ପାଇଛନ୍ତି।

ପୁରୁଷ ଶଟପୁଟ୍ରେ ଦୁଇଥରର ଡିଫେଣ୍ଡିଂ ଚାମ୍ପିୟନ୍ ତାଜିନ୍ଦରପାଲ ସିଂହ ତୁର୍କୁଁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତାଙ୍କର ଶ୍ରେଷ୍ଠ ଥ୍ରୋ ୨୦.୬୪ ମିଟର ଥିଲା। ଇରାନର ମହମ୍ମଦରେଜା ତାୟେବିସେ ୨୦.୮୧ ମିଟର ଥ୍ରୋ କରି ସ୍ୱର୍ଣ୍ଣ ଜିତିବା ସହ ତୁର୍କଙ୍କ ପୂର୍ବ ଗେମ୍ସ ରେକର୍ଡ ୨୦.୭୫ ମିଟରକୁ ଭାଙ୍ଗିଛନ୍ତି।

## ହକିରେ ସେମିଫାଇନାଲ୍, ତୀରନ୍ଦାଜୀରେ ରେକର୍ଡ

ପୁରୁଷ ହକିରେ ଭାରତ ଜାପାନକୁ ୨-୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ତୀରନ୍ଦାଜୀରେ ମଧ୍ୟ ଭାରତୀୟ ଖେଳାଳିମାନେ ଚମକ ଦେଖାଇଛନ୍ତି। ପୁରୁଷ ରିକର୍ଭ ବ୍ୟକ୍ତିଗତ ଯୋଗ୍ୟତା ପର୍ଯ୍ୟାୟରେ ଧୀରଜ ବୋମ୍ମାଦେଭରା ୬୯୮ ପଏଣ୍ଟ ସହ ପ୍ରଥମ ହୋଇ ନୂଆ ଏସୀୟ କ୍ରୀଡ଼ା ଯୋଗ୍ୟତା ରେକର୍ଡ କରିଛନ୍ତି। ମହିଳା କମ୍ପାଉଣ୍ଡ ଯୋଗ୍ୟତାରେ ଚିକିଥା ତନିପର୍ଥ ୭୦୫ ପଏଣ୍ଟ ସହ ପ୍ରଥମ ହୋଇଥିଲେ। କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଯୋଗ୍ୟତାରେ ମଧ୍ୟ ଭାରତ ପ୍ରଥମ ସ୍ଥାନରେ ରହିଛି।

## ବ୍ୟାଡମିଣ୍ଟନରେ ଉନ୍ନତି, ଟେବୁଲ୍ ଟେନିସରେ ନିରାଶା

ବ୍ୟାଡମିଣ୍ଟନରେ ଉନ୍ନତି ହୁଡ୍ଡା ଦୁଇଟି ମ୍ୟାଚ୍ ଜିତି ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ପ୍ରଥମେ ସେ ମାଲେସିଆର ଲିଙ୍ଗ ଚିଙ୍ଗ୍ ୱଙ୍ଗକୁ ୨୧-୧୪, ୨୦-୨୨, ୨୧-୧୯ରେ ହରାଇବା ପରେ ବିଶ୍ୱର ୬ ନମ୍ବର ପୁତ୍ରୀ କୁସୁମା ୱାର୍ଦାନିଙ୍କୁ ୨୧-୧୯, ୨୧-୧୩ରେ ପରାସ୍ତ କରିଛନ୍ତି। କ୍ୱାର୍ଟରଫାଇନାଲରେ ତାଙ୍କର ମୁକାବିଲା ଜାପାନର ଆକାନେ ୟାମାଗୁଚିଙ୍କ ସହ ହେବ। ଟ୍ରିସା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ ଜାପାନର ବିଶ୍ୱ ନମ୍ବର ୩ ଯୋଡ଼ି ମାୟୁ ମାତ୍ସୁମୋଟୋ ଓ ୟୁକି ଫୁକୁଶିମାଙ୍କୁ ୨୪-୨୨, ୨୧-୧୮ରେ ହରାଇ ଆଗକୁ ବଢ଼ିଛନ୍ତି। ତେବେ ଲକ୍ଷ୍ୟ ସେନ୍ ଓ ଆୟୁଷ ସେଟ୍ଟୀଙ୍କ ଅଭିଯାନ ଶେଷ ହୋଇଛି। ଟେବୁଲ୍ ଟେନିସରେ ମନୁଷ ଶାହ ଓ ଯଶସ୍ୱିନୀ ଘୋରପଡ଼େ ନିଜ ନିଜ ସିଙ୍ଗଲ୍ସ ପ୍ରି-କ୍ୱାର୍ଟରଫାଇନାଲ୍ରେ ହାରିଯିବା ପରେ ଭାରତର ଅଭିଯାନ ଶେଷ ହୋଇଛି। ଭାରତ ଏହି କ୍ରୀଡ଼ାରୁ କେବଳ ମିକ୍ସଡ୍ ଡବଲ୍ସର କାଂସ୍ୟ ପଦକ ଜିତିଛି। ଏହିପରି ଶନିବାର ଭାରତ ପାଇଁ କବାଡ଼ିର ଦୁଇ ସ୍ୱର୍ଣ୍ଣ, ମାରାଥନ୍ ଓ ଶୁଟିଂର ରୌପ୍ୟ ଏବଂ ଆଥଲେଟିକ୍ସ ଓ ସ୍କ୍ୱାଶର କାଂସ୍ୟ ସହ ମୋଟ ୭ଟି ପଦକ ଆଣିଛି। ୩୦ ପଦକ ସହ ଭାରତର ଅଭିଯାନ ଆହୁରି ରୋମାଞ୍ଚକର ହୋଇଥିବା ବେଳେ ଆଗାମୀ ଇଭେଣ୍ଟଗୁଡ଼ିକରେ ପଦକ ସଂଖ୍ୟା ଆହୁରି ବଢ଼ିବାର ସୁଯୋଗ ରହିଛି।




## ୪୪ ବର୍ଷ ଅପେକ୍ଷାର ଅନ୍ତ
## ମାରାଥନରେ ପଦକ ଜିତିଲେ ସାବନ

ନାଗୋୟା,୨୬।୯ (ଏଜେନ୍ସି): ଜାପାନ ଏସିଆନ ଏସିଆନ୍ ଗେମ୍ସରେ ଶନିବାର ଭାରତର ସାବନ ବରୱାଲ ମାରାଥନରେ ଇତିହାସ ରଚିଛନ୍ତି। ସେ ଫିନିସିଂ ଲାଇନକୁ ୨ ଘଣ୍ଟା ୧୧ ମିନିଟ ୩୭ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏସିଆନ୍ ଗେମ୍ସର ପୁରୁଷ ମାରାଥନରେ ପଦକ ପାଇଁ ଭାରତର ୪୪ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ଶନିବାର ସାବନଙ୍କ ପ୍ରଦର୍ଶନ ଖୁବ ଭଲ ଥିଲା। ପ୍ରଥମ ୩୫ କିଲୋମିଟରରେ ସେ ଅଧିକାଂଶ ସମୟରେ ଆଗରେ ରହିଥିଲେ। ଅନ୍ତିମ ୭.୧୯୫ କିଲୋମିଟରକୁ ସେ ୨୨ ମିନିଟ୍ ୧୩ ସେକେଣ୍ଡରେ ଅତିକ୍ରମ କରିଥିଲେ। ଜାପାନର ଇଚିକାତା ୟାମା ସୀତାଙ୍କ ଠାରୁ ୪୮ ସେକେଣ୍ଡ ପଛରେ ରହିଯାଇଥିଲେ। ଇଚିକାତା ସ୍ୱର୍ଣ୍ଣ ଜିତିଥିବା ବେଳେ ଚୀନର ବେଙ୍ଗ ପେଇୟୁ ବ୍ରୋଞ୍ଜ ଜିତିଛନ୍ତି। ସାବନଙ୍କ ପୂର୍ବରୁ ୧୯୮୨ ଏସିଆନ ଗେମ୍ସରେ ଭାରତର ହୋସୁର କୁକାପ୍ପା ସୀତାରାମ ବ୍ରୋଞ୍ଜ ପଦକ ଜିତିଥିଲେ। ତାଙ୍କ ପରେ ଏସିଆନ ଗେମ୍ସର ପୁରୁଷ ମାରାଥନରେ ପଦକ ମରୁଡି ପଡିଥିଲା। ଯାହା ୪୪ ବର୍ଷ ପରେ ଶେଷ ହୋଇଛି।

# ଅକ୍ଟୋବର ୩ରୁ ରାଜ୍ୟ ପାରା ସନ୍ତରଣ ପ୍ରତିଯୋଗିତା



ଭୁବନେଶ୍ୱର,୨୬।୯ (ସବ୍ୟୁ): ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତା ୨୦୨୬-୨୭ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ପ୍ରତିଯୋଗିତାରେ କେବଳ ସିନିୟର ବର୍ଗର ବାଳକ ଓ ବାଳିକାମାନେ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିପାରିବେ। ଜାତୀୟ ସ୍ତରର ମିନିମମ୍ କ୍ୱାଲିଫିକେସନ୍ ଷ୍ଟାଣ୍ଡାର୍ଡ ପୂରଣ କରିବା ସହ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଖେଳାଳିଙ୍କ ମଧ୍ୟରୁ ଚୟନ କମିଟି ଯୋଗ୍ୟ କ୍ରୀଡ଼ାବିତ ଚୟନ କରିବ। ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହେବାକୁ ଥିବା ୨୬ତମ ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍ ୨୦୨୬ରେ ଓଡ଼ିଶା ପକ୍ଷରୁ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ କ୍ରୀଡ଼ାବିତଙ୍କୁ ଅଂଶଗ୍ରହଣର ସୁଯୋଗ ମିଳିବ। ଶାରୀରିକ ଭିନ୍ନକ୍ଷମତା, ଦୃଷ୍ଟିବାଧିତା ଓ ବୌଦ୍ଧିକ ଭିନ୍ନକ୍ଷମତା ଆଧାରରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ହେବ। ଅଂଶଗ୍ରହଣକାରୀମାନେ ଏମଡିଏଫ ଫର୍ମ, ଦିବ୍ୟାଙ୍ଗ ପ୍ରମାଣପତ୍ର ଓ ଜନ୍ମ ପ୍ରମାଣପତ୍ର ସାଙ୍ଗରେ ଆଣିବା ଆବଶ୍ୟକ। ଅକ୍ଟୋବର ୨ ତାରିଖ ରାତି ୧୨ଟା ସୁଦ୍ଧା ଏଣ୍ଟ୍ରି ଫର୍ମ, ଏଫଡିଏଫ ଫର୍ମ, ଦିବ୍ୟାଙ୍ଗ ପ୍ରମାଣପତ୍ର ଏବଂ ଡାକ୍ତରୀ ନିଦାନ ଫର୍ମ ଦାଖଲ କରିବାକୁ କୁହାଯାଇଛି। ଅଧିକ ସୂଚନା ପାଇଁ ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶାର ସମ୍ପାଦକ ସୁନୀଲ ପ୍ରଧାନ (୯୮୬୧୦୦୯୩୯୬) କିମ୍ବା ଦେବାମୃତ ସାହୁ (୯୦୯୦୮୭୯୧୮୭)ଙ୍କ ସହ ଯୋଗାଯୋଗ କରିହେବ। ଏଣ୍ଟ୍ରି ଫର୍ମ ମଧ୍ୟ entryparalympicodisha@gmail.com ଠିକଣାରେ ଇ-ମେଲ୍ ଯୋଗେ ପଠାଯାଇପାରିବ।

# ସ୍ୱର୍ଣ୍ଣ ପାଇଁ ଲଢ଼ିବେ ଅନାହତ



ନାଗୋୟା,୨୬।୯ (ଏଜେନ୍ସି): ୧୮ ବର୍ଷୀୟା ସ୍କ୍ୱାଶ ଖେଳାଳି ଅନାହତ ସିଂ ଏସିଆନ ଗେମ୍ସରେ ଇତିହାସ ରଚିଛନ୍ତି। ମହିଳା ସିଙ୍ଗଲ୍ସ ବର୍ଗର ଫାଇନାଲରେ ପ୍ରବେଶ କରି ଅତିକମରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି ଅନାହତ। ତାଙ୍କ ପୂର୍ବରୁ କୌଣସି ଭାରତୀୟ ମହିଳା ଖେଳାଳି କେବେ ବି ଏସିଆନ ଗେମ୍ସର ଫାଇନାଲରେ ପ୍ରବେଶ କରିନଥିଲେ। ଅନାହତ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ଫାଇନାଲ ଟିକେଟ ହାସଲ କରିଛନ୍ତି। କିଛି ଦିନ ତଳେ ବିଶ୍ୱ ଜୁନିୟର ସ୍କ୍ୱାଶ ଚାମ୍ପିଅନସିପରେ ଅନାହତ ପ୍ରଥମ ଭାରତୀୟ ଭାବେ ଟାଇଟଲ ହାସଲ କରିଥିଲେ। ଶନିବାର ସେ ବିଶ୍ୱର ନଂ.୬ ତଥା ଜାପାନର ଷ୍ଟୋନୀ ୱାଟାନାବେଙ୍କୁ ଜଳକା କରିଦେଇଛନ୍ତି। ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିଥିବା ସବୁ ପ୍ରକାର ସମର୍ଥନ ମିଳିଥିଲା। ସେ ପ୍ରଥମ ଦୁଇଟି ସେଟକୁ ମଧ୍ୟ ଜିତି ନେଇଥିଲେ। ହେଲେ କରବାମର ସ୍ଥିତିରେ ଅନାହତ ପ୍ରତ୍ୟାବର୍ତ୍ତନ କରିଥିଲେ। ଶେଷରେ ସେ ୯-୧୧, ୧୧-୧୩, ୧୨-୧୦, ୧୧-୬ ଓ ୧୧-୩ରେ ମ୍ୟାଚକୁ ଜିତି ଫାଇନାଲରେ ପ୍ରବେଶ କରିବାରେ ପ୍ରଥମ ଭାରତୀୟ ମହିଳା ବନିଯାଇଛନ୍ତି। ଚଳିତ ବର୍ଷ ଥରେ ୫ ସେଟ ବିଶିଷ୍ଟ ମ୍ୟାଚରେ ଅନାହତ ଜାପାନର ଷ୍ଟୋମିଙ୍କ ଠାରୁ ହାରିଥିଲେ। ଏଥର ମଧ୍ୟ ଷ୍ଟୋମି ଫେବରିଟ ଥିଲେ କିନ୍ତୁ ତୃତୀୟ ସେଟରୁ ଅନାହତ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିଥିଲେ। ଏହି ଜମାଣିଆ ବିଜୟ ସହ ଫାଇନାଲରେ ପ୍ରବେଶ କରିଛନ୍ତି। ଯଦି ସେ ବିଜୟୀ ହୁଅନ୍ତି ତା'ହେଲେ ଭାରତର ପ୍ରଥମ ମହିଳା ଭାବେ ଏସିଆଡରେ ଦେଶ ପାଇଁ ସ୍ୱର୍ଣ୍ଣ ଜିତିବେ। ଏତଦ ବ୍ୟତୀତ ୨୦୨୮ ଲସ ଏଞ୍ଜେଲର୍ସ ଅଲିମ୍ପିକ୍ସକୁ ମଧ୍ୟ ସେ ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିବେ। ଅଲିମ୍ପିକ୍ସରେ ସ୍କ୍ୱାଶ ଡେବ୍ୟୁ କରିବାକୁ ଯାଉଛି। ଫାଇନାଲରେ ଅନାହତ ମାଲେସିଆର ସୁବ୍ରମଣ୍ୟମ୍ ଶିବା ଶଙ୍ଗରୀ କିମ୍ବା ହଂକଂର ଚାନ ସିନ ୟୁକଙ୍କୁ ଭେଟିବେ। ପୁରୁଷ ବର୍ଗରେ ମଧ୍ୟରେ ଅଭୟ ଫାଇନାଲ ପ୍ରବେଶ କରିଛନ୍ତି। ସେ ଦ୍ୱିତୀୟ ଭାରତୀୟ ଭାବେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପାଇଁ ଲଢ଼େଇ କରିବେ। ତାଙ୍କ ପୂର୍ବରୁ ସୌରଭ ଘୋଷାଲ ୨୦୧୪, ୨୦୨୩ ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିଥିଲେ। ତାଙ୍କୁ ଉଭୟ ସଂସ୍କରଣରେ କେବଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁପଡିଥିଲା। ୨୦୨୬ରେ ଅଭୟ ସିଂ ଫାଇନାଲରେ ପ୍ରବେଶ କରି ଭାରତ ପାଇଁ ସ୍ୱର୍ଣ୍ଣ ସ୍ୱପ୍ନକୁ ଜୀବିତ କରିଛନ୍ତି।

## ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ ଫୁଟବଲ: ମିଡିଆ ଏକାଦଶ ଚାମ୍ପିଅନ

# ଖେଳୁଆଡ ମନୋଭାବ ଏବଂ ଭାଇଚାରା ହିଁ ସୁସ୍ଥ ସମାଜର ମୂଳଦୁଆ- ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୬।୯ (ସବ୍ୟୁ): ଖେଳକୁଦ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏହା ମାଧ୍ୟମରେ ସମାଜରେ ଏକତା, ଭାଇଚାରା ଓ ସଦ୍ଭାବନା ଆସିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ୧୬ତମ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରେ ଯୋଗଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ, କଳିଙ୍ଗ ଷ୍ଟାଡିୟମ ଠାରେ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅବସରରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ଟାଟା ଷ୍ଟିଲ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମିଡିଆ ଏକାଦଶ ଟିମ୍ ଚାମ୍ପିଅନ ହୋଇଥିବା ବେଳେ ଅଫିସର୍ସ ଏକାଦଶ ଟିମ୍ ରନର୍ସଅପ୍ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିକଟରେ ଚୀନ୍ ଠାରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି ୨୦୨୬ରେ ଚାମ୍ପିଅନ ହୋଇଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳରେ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ୭ଜଣ ପୁରୁଷ ଓ ୩ଜଣ ମହିଳା ହକି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ରତ୍ୟେକ ଖେଳାଳିଙ୍କୁ ୧.୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ।

ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ସମସ୍ତଙ୍କ ଉତ୍ସାହଜନକ ଅଂଶ ଗ୍ରହଣକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖେଳ ମୈଦାନରେ ଜିତିବା କିମ୍ବା ହାରିବା ଠାରୁ ବଡ କଥା ହେଉଛି ସ୍ପୋର୍ଟ୍ସମ୍ୟାନ୍ ସ୍ପିରିଟ୍। ଏହି ଖେଳ ମାଧ୍ୟମରେ ଆମ ସମସ୍ତଙ୍କ ମାଧ୍ୟରେ ଏକ ସମନ୍ୱୟ ମଧ୍ୟ ସ୍ଥାପନ ହେଉଛି। ଖେଳୁଆଡ ମନୋଭାବ ଏବଂ ଭାଇଚାରା ସୁସ୍ଥ ସମାଜର ମୂଳଦୁଆ। ଟାଟା ଷ୍ଟିଲର ସାମାଜିକ ଦାୟିତ୍ୱବୋଧତାକୁ ପ୍ରଶଂସା କରିବା ସହିତ ପ୍ରତିବର୍ଷ ଏଭଳି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଟାଟା ଷ୍ଟିଲର ଭାଇସ୍ ପ୍ରେସିଡେଣ୍ଟ (କର୍ପୋରେଟ୍ ସର୍ଭିସେସ୍) ଡି.ବି. ସୁନ୍ଦର ରମମ୍ ଓ ଅନ୍ୟ ବିଧାୟକ ଓ ଗଣମାଧ୍ୟମର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର, ଆଇଏଏସ୍; କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର-କମ୍-ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଆଇଏଏସ୍; ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ-କମ୍-ପରିବହନ କମିଶନର ଅମିତାଭ ଠାକୁର, ଆଇପିଏସ୍; ଟାଟା ଷ୍ଟିଲର କର୍ପୋରେଟ୍ ସର୍ଭିସେସ୍ ଉପାଧ୍ୟକ୍ଷ ଡି.ବି. ସୁନ୍ଦର ରାମମଙ୍କ ସମେତ ବରିଷ୍ଠ ସରକାରୀ ଓ ଟାଟା ଷ୍ଟିଲ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବରିଷ୍ଠ ସାମ୍ବାଦିକ ମଧ୍ୟ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ଶତପଥୀ, 'ସମ୍ବାଦ'ର ସମ୍ପାଦକ ତନୟା ପଟ୍ଟନାୟକ ତଥା ସମ୍ବାଦ ଗ୍ରୁପର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର, 'ଦି ଷ୍ଟେଟ୍ସମ୍ୟାନ୍'ର ରେସିଡେଣ୍ଟ ଏଡିଟର୍ କେ. ରବି, 'କଳିଙ୍ଗ ଟିଭି'ର ସମ୍ପାଦକ ସୌମ୍ୟଜିତ ପଟ୍ଟନାୟକ, 'ନିର୍ଭୟ'ର ସମ୍ପାଦକ ନବୀନ ଦାସ, ପିଟିଆଇର ବ୍ୟୁରୋ ଚିଫ୍ ଅରବିନ୍ଦ ମିଶ୍ର, ଓଟିଭିର ନ୍ୟୁଜ୍ ଏଡିଟର୍ ରାଧାମାଧବ ମିଶ୍ର, 'ଇଣ୍ଡିଆ ହ୍ୱିସ୍ପର୍ସ'ର ସମ୍ପାଦକ ଦିଲ୍ଲୀପ ବିଶୋଇ, 'ସମୟ'ର ନ୍ୟୁଜ୍ ଏଡିଟର୍ ମଲୟ ନାୟକ, ପିଟିଆଇର ସ୍ପେସାଲ୍ କରେସ୍ପଣ୍ଡେଣ୍ଟ (ଭିଡିଓ) ଏମ୍.ଡି. ସୁଫିଆନ୍, 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଷ୍ଟେଟ୍ କରେସ୍ପଣ୍ଡେଣ୍ଟ ସୁଜିତ ବିଶୋଇ, 'ନ୍ୟୁଜ୍ ୭'ର ନ୍ୟୁଜ୍ ଏଡିଟର୍ ଦେବନାରାୟଣ ସେଠୀ, 'ପ୍ରମେୟ'ର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ୟୁଏନ୍ଆଇର ବ୍ୟୁରୋ ଚିଫ୍ ଦେବୀପ୍ରସନ୍ନ ପଟ୍ଟନାୟକ, 'ନ୍ୟୁଜରୁମ୍'ର ସମ୍ପାଦକ ମନୋରଞ୍ଜନ ମିଶ୍ର, ଦେବନାରାୟଣ ସେଠୀ, 'ସମ୍ବାଦ'ର ସ୍ପୋର୍ଟ୍ସ ଏଡିଟର୍ ସୁରେଶ ସ୍ୱାଇଁ, 'ଏସିଆନ୍ ଏଜ୍/ଡେକାନ୍ କ୍ରୋନିକଲ୍'ର ସ୍ପେସାଲ୍ କରେସ୍ପଣ୍ଡେଣ୍ଟ ଅକ୍ଷୟ ସାହୁ, 'ଦୈନିକ ଜାଗରଣ'ର ବ୍ୟୁରୋ ହେଡ୍ ଶେଷନାଥ ରାୟ, 'ନବଭାରତ'ର ନ୍ୟୁଜ୍ ଏଡିଟର୍ ହେମନ୍ତ ତିୱାରୀ, 'ଦି ବିଜନେସ୍ ବାଇଟ୍ସ'ର ସମ୍ପାଦକ ପ୍ରିୟବ୍ରତ ବିଶ୍ୱାଳ, 'ପ୍ରତିଦିନ'ର ସମ୍ପାଦକ ସୁଧୀର ପଣ୍ଡାଙ୍କ ସମେତ ଅନ୍ୟ ବହୁ ବରିଷ୍ଠ ସାମ୍ବାଦିକ ଉପସ୍ଥିତ ଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି